ISSN 2231-4067

# ଅଭିନବ ଗଣିତ ବିଚିତ୍ର

# ABHINABA GANITA BICHITRA

## BILINGUAL - ଦ୍ୱିଭାଷୀ

ଭାଗ – ୪୩: Part - 43; ସଂଖ୍ୟା – ୧,୨,୩,୪/ Issue- 1,2,3,4;
ମାସ–୩,୬,୯,୧୨; Month-3,6,9,12; ବର୍ଷ: ୨୦୨୫ / Year: 2025

## ପ୍ରଣମ୍ୟ ପ୍ରଫେସର ଗୋକୁଳାନନ୍ଦ ଦାସ ଓ ରାମଶଙ୍କର ରଥ





ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାରଙ୍କ ସୌଜନ୍ୟରେ
ଓଡ଼ିଶା ଗଣିତ ସଂସଦ ତଥା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ

# ଅଭିନବ ଗଣିତ ବିଚିତ୍ରା


ପ୍ରକାଶକ : ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ
ଓଡିଶା ଗଣିତ ସଂସଦ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର
ରେଜିଷ୍ଟ୍ରେସନ.ନଂ – ୭୨୦୩/୨୦୨ – ୧୯୭୩-୭୪

ଓଡ଼ିଶା ଗଣିତ ସଂସଦର କର୍ମକର୍ତ୍ତା :

ସଭାପତି : ଡକ୍ଟର ତ୍ରିଲୋଚନ ବିଶ୍ୱାଳ, ରେଭେନ୍ସା ବିଶ୍ୱବିଦ୍ୟାଳୟ

ଉପସଭାପତି : ଡକ୍ଟର ସଂଜୟ କୁମାର ମହାନ୍ତି, ଅଡଶପୁର କଲେଜ
ଡକ୍ଟର ରଘୁନାଥ ପାତ୍ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସାଧାରଣ ସମ୍ପାଦକ : ପ୍ରଫେସର ବିବେକାନନ୍ଦ ଜେନା, ବ୍ୟାସନଗର କଲେଜ

ଯୁଗ୍ମ ସଂପାଦକ : ଡକ୍ଟର ଚିତ୍ତରଂଜନ ମଲ୍ଲିକ, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ, ବ୍ରହ୍ମପୁର
ପ୍ରଫେସର ପଲ୍ଲବ କୁମାର କର, ଜି.ଆଇ.ଏଫ୍.ଟି., କଲେଜ

କୋଷାଧ୍ୟକ୍ଷ : ଡକ୍ଟର ସୁଧାକର ସାହୁ, ଆଇ.ଏମ୍.ଏ., ଭୁବନେଶ୍ୱର

ମୁଖ୍ୟ କାର୍ଯ୍ୟାଳୟ ସଂପାଦକ: ଡକ୍ଟର ଅନସୂୟା ନାଥ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

କ୍ଷେତ୍ର ସଂଯୋଜକ, ଓଡ଼ିଶା (ଗଣିତ ଅଲିମ୍ପିଆଡ୍) : ପ୍ରଫେସର ଯଶୋବନ୍ତ ଜେନା, ନିର୍ଦ୍ଦେଶକ, ଆଇ.ଏମ୍.ଏ., ଭୁବନେଶ୍ୱର

ମୁଖ୍ୟ ସଂପାଦକ (JOMS): ପ୍ରଫେସର ରାମନାରାୟଣ ମହାପାତ୍ର
ସେଣ୍ଟ୍ରାଲ୍ ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟ, ଯୁରିଆଣ୍ଡୋ, ଯୁକ୍ତରାଷ୍ଟ୍ର ଆମେରିକା

ସଂପାଦକ (JOMS) : ଡକ୍ଟର କୈଳାସ ଚନ୍ଦ୍ର ମିଶ୍ର, ନର୍ଥ କରୋଲିନା ଷ୍ଟେଟ ବିଶ୍ୱବିଦ୍ୟାଳୟ, ଯୁ.ଆମେରିକା

ପରିଚାଳନା ସମ୍ପାଦକ (JOMS) : ପ୍ରଫେସର ଯଶୋବନ୍ତ ଜେନା, ନିର୍ଦ୍ଦେଶକ, ଆଇ.ଏମ୍.ଏ., ଭୁବନେଶ୍ୱର

ସହଯୋଗୀ ସଂପାଦକ (JOMS) : ଡକ୍ଟର ତ୍ରୈଲୋକ୍ୟ ପାଣିଗ୍ରାହୀ, ଆଇ.ଏମ୍.ଏ., ଭୁବନେଶ୍ୱର

ମୁଖ୍ୟ-ସଂପାଦକ: (ଅଭିନବ ଗଣିତ ବିଚିତ୍ରା) ଶ୍ରୀ ନୀଳାମ୍ବର ବିଶ୍ୱାଳ, ପ୍ରାଧ୍ୟାପକ, ଗଣିତ (ସେବା ନିବୃତ୍ତ)

ତତ୍ତ୍ୱାବଧାନ : ପ୍ର. ଯଶୋବନ୍ତ ଜେନା, ନିର୍ଦ୍ଦେଶକ, ଆଇ.ଏମ୍.ଏ. ଭୁବନେଶ୍ୱର

ପରିଚାଳନା ସଂପାଦକ : ଡକ୍ଟର ତ୍ରୈଲୋକ୍ୟ ପାଣିଗ୍ରାହୀ, ଆଇ.ଏମ୍.ଏ., ଭୁବନେଶ୍ୱର
ଶ୍ରୀ ମାନସ ମିଶ୍ର, ଭାର୍ଗବୀ ହାଇସ୍କୁଲ, ବୀରନରସିଂହପୁର, ପୁରୀ

---

ଲିପି ସଂଯୋଜନ : ଗ୍ରାଫ୍ ଏନ୍ ଗ୍ରାଫିକ୍ସ, ଓଡ଼ିଆ ବଜାର, କଟକ-୧, ମୋ. ୭୯୭୮୪୩୮୯୨୯
ମୁଦ୍ରଣ : ଶାରଳା ପ୍ରିଣ୍ଟର୍ସ, ମାନସିଂହପାଟଣା, ମସ୍ତରାମ ମଠ ଲେନ୍, କଟକ -୭୫୩୦୦୮
ବିତରକ : ୧. ଦି ବୁକ୍ ପଏଣ୍ଟ, ପଠାଣି ସାମନ୍ତ ପ୍ଲାନେଟୋରିଅମ୍, ଆଚାର୍ଯ୍ୟବିହାର, ଭୁବନେଶ୍ୱର
୨. ଏ.କେ.ନାୟକ, ପୁରୁଣା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ଯୋଗାଯୋଗ : ୧. ନୀଳାମ୍ବର ବିଶ୍ୱାଳ,ଏ-୧୦୧, ବିଶାଲ୍ ରେସିଡେନ୍ସି, ଶ୍ରୀରାମ ନଗର, ଓଲ୍ଡ ଟାଉନ୍,
୨. ଡକ୍ଟର ତ୍ରୈଲୋକ୍ୟ ପାଣିଗ୍ରାହୀ, ଆଇ.ଏମ୍.ଏ., ଅନ୍ଧାରୁଆ, ଭୁବନେଶ୍ୱର
ମୂଲ୍ୟ : ୨୦ ଟଙ୍କା E-mail : nilamberbiswal8@gmail.com

ଅଭିନବ

# ଗଣିତ ବିଚିତ୍ର

Estd. 1972

# ABHINABA GANITA BICHITRA

ଭାଗ- ୪୩: Part - 43; ସଂଖ୍ୟା-୧,୨,୩,୪/ Issue - 1,2,3,4; ମାସ-୩,୬,୯,୧୨ :Month-3,6,9,12 ବର୍ଷ: ୨୦୨୫/2025

**ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡିଶା ସରକାରଙ୍କ ସୌଜନ୍ୟରେ ଓଡିଶା ଗଣିତ ସଂସଦ ତଥା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଦ୍ଵାରା ପ୍ରକାଶିତ ତ୍ରୈମାସିକୀ [QUATERLY] (ଦ୍ଵିଭାଷୀ-BILINGUAL)**



ତତ୍ତ୍ଵାବଧାନ

**ପ୍ରଫେସର ଯଶୋବନ୍ତ ଜେନା**

ନିର୍ଦ୍ଦେଶକ

ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ

ଭୁବନେଶ୍ଵର

ମୁଖ୍ୟ ସଂପାଦକ

**ନୀଳାମ୍ବର ବିଶ୍ଵାଳ**

ପ୍ରାଧ୍ୟାପକ, ଗଣିତ(ସେବା ନିବୃତ୍ତ)

ପରିଚାଳନା ସଂପାଦକ

**ଡ. ତ୍ରୈଲୋକ୍ୟ ପାଣିଗ୍ରାହୀ**

ପ୍ରାଧ୍ୟାପକ,

ଗଣିତ ଓ ପୟୋଗ ପ୍ରତିଷ୍ଠାନ

**ମାନସ ମିଶ୍ର**

ଭାର୍ଗବୀ ହାଇସ୍କୁଲ

ବୀରନରସିଂହପୁର,ପୁରୀ

**ସଂପାଦନା ମଣ୍ଡଳୀ :**

**ପ୍ରଫେସର ସ୍ମୃତି ମହାନ୍ତି**

ପ୍ରାକ୍ତନ ପ୍ରଫେସର, ଆଇ.ଜି.ଆଇ.ଟି., ସରାଙ୍ଗ (ସେବା ନିବୃତ୍ତ)

**ପ୍ରଫେସର ବ୍ୟାସଦେବ ପାଣି**

ପ୍ରାକ୍ତନ ଅଧ୍ୟକ୍ଷ,

ସରକାରୀ ସ୍ଵୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀ

**ପ୍ରଫେସର ଅକ୍ଷୟ କୁମାର ଓଝା**

ପ୍ରାକ୍ତନ ପ୍ରଫେସର, ଆଇ.ଆଇ.ଟି., ଭୁବନେଶ୍ଵର

**ପ୍ରଫେସର ମୀନକେତନ ମହାନ୍ତି**

ପ୍ରାକ୍ତନ ପ୍ରଫେସର, ଓଡ଼ିଶା କୃଷି ବିଶ୍ଵବିଦ୍ୟାଳୟ, ଭୁବନେଶ୍ଵର

# ସୂଚୀ


| କ୍ର.ନଂ. ବିଷୟ | ବିରଚନ | ପୃଷ୍ଠା |
|---|---|---|
| ୧. ସମ୍ପାଦକୀୟ | ଶ୍ରୀ ନୀଳାମ୍ବର ବିଶ୍ୱାଳ | ୩ |
| ୨. ସ୍ମରଣରେ ପ୍ରଫେସର ରାମଶଙ୍କର ରଥ | ଗୋକୁଳାନନ୍ଦ ଦାସ | ୪ |
| ୩. ଅନୁଭୂତି --କିଛି କଥା,.. କିଛି ବ୍ୟଥା.... | ନିନା ଦାସ ମହାନ୍ତି | ୬ |
| ୪. ଓଡ଼ିଶା ଗଣିତର ଅର୍ଦ୍ଧଶତାବ୍ଦୀର ଇତିହାସ ଓ ପ୍ର. ଗୋକୁଳାନନ୍ଦ ଦାସ | ସୁଦର୍ଶନ ନନ୍ଦ | ୯ |
| ୫. ଭିନ୍ନ ଏକ ଅନୁଷ୍ଠାନ | ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ | ୧୨ |
| ୬. ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ସ୍ମୃତିରେ | ଡଃ ବୀରେନ୍ଦ୍ର ନାୟକ | ୧୪ |
| ୭. ସାର୍‌ଙ୍କ ସ୍ମରଣେ | ହୃଷୀକେଶ ମହାନ୍ତି | ୧୮ |
| ୮. ସାରଙ୍ଗ ବନରେ ଫୁଲ | କ୍ଷେତ୍ରବାସୀ ଦାସ | ୨୦ |
| ୯. ପ୍ରଣମ୍ୟ: ପ୍ରଥିତଯଶା ଗଣିତଜ୍ଞ ପ୍ରଫେସର ଡ.ଗୋକୁଳାନନ୍ଦ ଦାସ | ଡକ୍ଟର ତ୍ରିଲୋଚନ ବିଶ୍ୱାଳ | ୨୧ |
| ୧୦. ଯିଏ ଗଣିତକୁ ଆୟତ୍ତ କରିପାରେ ସେ ସବୁକିଛି ଅନାୟାସରେ କରିପାରେ | ଗୋକୁଳାନନ୍ଦ ଦାସ | ୨୭ |
| ୧୧. ହର୍ଷଦ ବର୍ଷ ୨୦୨୫କୁ ବିଦାୟ | ହାଡ଼ିବନ୍ଧୁ ପଟ୍ଟନାୟକ | ୨୮ |
| ୧୨. The Unfinished Conversations | Bandana Mohanty | ୩୧ |
| ୧୩. ତୁମେ ସନ୍ଥ , ତୁମେ ସାଧକ ... | ପ୍ର. ସ୍ମୃତି ମହାନ୍ତି | ୩୩ |
| ୧୪. ମୋ ନନା | ଚମ୍ପି ( ଅନନ୍ୟା) | ୩୪ |
| ୧୫. ଗଣିତକୁ ଆୟତ୍ତ କରି ନପାରିଲେ... | ଗୋକୁଳାନନ୍ଦ ଦାସ | ୩୬ |
| ୧୬. ଶ୍ରୀ ଗୁରୁ ସ୍ମରଣେ... | ଅଦ୍ୱୈତ କୁମାର ବଳିୟାରସିଂହ | ୩୮ |
| ୧୭. ତସ୍ମୈଶ୍ରୀ ଗୁରବେ ନମଃ | ମାନସ ମିଶ୍ର | ୪୧ |
| ୧୮. ବାହୁ ଦତ୍ତ ଥିଲେ ଚତୁର୍ଭୁଜର କ୍ଷେତ୍ରଫଳ | ଜଗନ୍ନାଥ ପ୍ରସାଦ ଦେବତା | ୪୪ |
| ୧୯. I was lucky to be a friend of 'Jogajanma' Dr. Gokulananda Das | Ram N. Mohapatra | ୪୬ |
| ୨୦. Professor G Das | C. Nahak | ୫୦ |
| ୨୧. A Paragon of Knowledge and Virtue : Prof. Gokulananda Das | Dr. Sakambari Mishra | ୫୧ |
| ୨୨. ନମାମି ଗୋକୁଳାନନ୍ଦ | ଡ.କ୍ରିଷ୍ଣାମଞ୍ଜରୀ ସାହୁ | ୫୨ |
| ୨୩. Some Facts about Square Numbers | Rajani Kanta Mishra | ୫୪ |
| ୨୪. ପୁସ୍ତକ ସମୀକ୍ଷା : ଗଣିତରେ ବୈଚିତ୍ର | ସମୀକ୍ଷା : ନୀଳାମ୍ବର ବିଶ୍ୱାଳ | ୫୬ |


-୦-

## ସଂପାଦକୀୟ......

# ଗଣିତ ଗୀତିର ଯୁଗଳ ଛନ୍ଦ : ରାମଶଙ୍କର ଓ ଗୋକୁଳାନନ୍ଦ

ସେପ୍ଟେମ୍ବର ୧୫, ୨୦୨୪ ଏବଂ ଅଗଷ୍ଟ ୧୬, ୨୦୨୫ : ମାତ୍ର ଏଗାର ମାସ ୧ଦିନର ବ୍ୟବଧାନ। ବର୍ଷକ ଭିତରେ ଓଡିଶାର ଦୁଇ ବର୍ଷିୟାନ ଗଣିତ ବିଶାରଦ ପ୍ରଫେସର ରାମ ଶଙ୍କର ରଥ ଓ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କର ଦେହାନ୍ତ ସଭିଙ୍କୁ ହତବାକ କରିଦେଇଛି। ପ୍ରଥମେ ପ୍ରଫେସର ରଥ ସ୍ୱର୍ଗାରୋହଣ କରି ପରେପରେ ପ୍ରଫେସର ଦାସଙ୍କୁ ବାଟ କଢେଇ ନେଲେ। ରାମଶଙ୍କର ବାବୁ ବୟସରେ ବଡ – ତାଙ୍କର ଜନ୍ମ ତା୦୯.୦୫.୧୯୩୨। ଗୋକୁଳାନନ୍ଦ ଦାସଙ୍କର ଆବିର୍ଭାବ ୧୯୩୮ ମଇ ୧୨। ଉଭୟ ଥିଲେ ରେଭେନ୍ସା କଲେଜର ପ୍ରାକ୍ତନ ଛାତ୍ର।

'ଓଡିଶା ଗଣିତ ସଂସଦ'ର ପ୍ରଥମ କୋଷାଧ୍ୟକ୍ଷ ଥିଲେ ଡକ୍ଟର ରଥ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ 'ପତ୍ର ବିନିମୟ ପାଠ୍ୟକ୍ରମ'ର ମୌଳିକ ପ୍ରବକ୍ତା ଥିଲେ। ଡକ୍ଟର ଦାସ ଏକଦା ସଂସଦର ସଭାପତି ଦାୟିତ୍ୱ ତୁଲାଇ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଜର ପରାକାଷ୍ଠା ମଧ୍ୟ ପ୍ରଦର୍ଶନ କରିଥିଲେ। ସଂସଦର ମୁଖପତ୍ର 'ଅଭିନବ ଗଣିତ ବିଚିତ୍ରା'ର ପାଠକୀୟ ଆଦୃତି ଦିଗରେ ଉଭୟ ବିଗତ କିଛି ବର୍ଷଧରି ପ୍ରାଣପଣେ ଲାଗି ପଡ଼ିଥିଲେ। ତେଣୁ ଓଡିଆ ଭାଷାରେ ପ୍ରକାଶିତ ଭିନ୍ନଭିନ୍ନ କିସମର ପତ୍ରପତ୍ରିକା ମଧ୍ୟରେ 'ଅଭିନବ ଗଣିତ ବିଚିତ୍ରା'ର କାଟତି ଆଖିଦୃଶିଆ ଥିଲା। ମାତ୍ର ଏବେ ସେ ଦୁଇଜଣଙ୍କ ବିହୁନେ ପତ୍ରିକାଟି ଛେଉଣ୍ଡ ହୋଇ ଯାଇଛି। ବିଗତ କରୋନା କାଳରେ 'ଅଭିନବ ଗଣିତ ବିଚିତ୍ରା'ର ପ୍ରକାଶନ ଉପରେ ପ୍ରଶ୍ନଚିହ୍ନ ଲାଗିଗଲା। ତା ସହିତ ଏବେ ଦୁଇଜଣ ଦିଗ୍‌ଦର୍ଶକଙ୍କର ବିୟୋଗରେ ଆମେ ଦିଗହରା ହୋଇପଡିଛୁ। ମାତ୍ର ଥକିଯାଇ ନାହୁଁ।

ଆଗରୁ ଯେପରି ଆମର ଅଗଣିତ ପାଠକସମାଜ ଗଣିତ ବିଚିତ୍ରା ପ୍ରକାଶନକୁ ଉତ୍ସାହିତ କରିବା ସହିତ ଚାହିଁ ରହୁଥିଲେ, ସେହି ଭାବର ପୁନରାବର୍ତ୍ତନ ହେଉ। ପତ୍ରିକା ବଜାରକୁ ଆସିବା ମାତ୍ରେ ଗଣିତ ପ୍ରେମୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହେଉ। ଲେଖାଟିଏ ପଢି, ସେ ବିଷୟରେ ତତ୍କାଳ ମତାମତ ଦେବାର ଅଭ୍ୟାସ ପୁନଃ ଜାଗରିତ ହେଉ। ଏ ଦିଗରେ ଆପଣମାନଙ୍କର ସକ୍ରିୟ ସହଯୋଗ ହିଁ ଆମର ଭରସା। ଶେଷରେ ସେହି ଦୁଇ ବର୍ଷିୟାନ ଗଣିତ ବିଶାରଦଙ୍କ ଉଦ୍ଦେଶ୍ୟରେ–

*ଗଣିତ ମନ୍ଦିରେ ଦୁଇ ଠାକୁର*
*ଗୋକୁଳାନନ୍ଦ ଓ ରାମଶଙ୍କର*

**ପ୍ର.ଯଶୋବନ୍ତ ଜେନା**
ତତ୍ତ୍ୱାବଧାରକ

**ନୀଳାମ୍ବର ବିଶ୍ୱାଳ**
ମୁଖ୍ୟ ସଂପାଦକ

# ସ୍ମରଣରେ ପ୍ରଫେସର ରାମଶଙ୍କର ରଥ

**ଗୋକୁଳାନନ୍ଦ ଦାସ**

ଧରାବତରଣ ତା.୯.୫.୧୯୩୨ / ସ୍ୱର୍ଗାରୋହଣ ତା.୧୫.୯.୨୦୨୪

୧୯୭୨ ମସିହାରେ ଓଡ଼ିଶା ଗଣିତ ସଂସଦ (Orissa Mathemetical Socity - OMS) ସ୍ଥାପନା ହୁଏ । ଏହାର ପ୍ରଥମ ପ୍ରେସିଡେଣ୍ଟ ପ୍ରଫେସର ରମାନାଥ ମହାନ୍ତି ଓ ପ୍ରଥମ ସମ୍ପାଦକ ପ୍ରଫେସର ଶଙ୍କର ପ୍ରସାଦ ମିଶ୍ର। ବାଣୀବିହାର ବିଶ୍ୱେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନଡ଼ିଆ ବାଡ଼ିଆ ହୋଇ ସଂସଦର ଆରମ୍ଭ । ଏହି ସଂସଦର ପ୍ରଥମ କୋଷାଧ୍ୟକ୍ଷ ଥିଲେ ପ୍ରଫେସର ରାମଶଙ୍କର ରଥ । ସେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗରେ ଅଧ୍ୟାପକ ଥିଲେ । ତାପରେ ସେ ପ୍ରଥମ Director of Correspondence, Utkal University ଭାବରେ ଦୀର୍ଘକାଳ ଚାକିରି କରି ଅବସର ନେଇଥିଲେ।

ଗଣିତ ସଂସଦ ସ୍ଥାପନା ହେବା ପରେ ଏହାର ପ୍ରଧାନ କାର୍ଯ୍ୟଗୁଡ଼ିକ ହେଲା :

- ଓଡ଼ିଶାର ଗଣିତ ପାଠ୍ୟକ୍ରମର ନବୀକରଣ
- Journal of Orissa Mathematical Society (ଗବେଷଣାତ୍ମକ ପତ୍ରିକା)
- ଗଣିତ ବିଚିତ୍ରା - ଛାତ୍ରଛାତ୍ରୀମାନଙ୍କୁ ଗଣିତ ପାଠ୍ୟକ୍ରମକୁ ଆକୃଷ୍ଟ କରିବା
- ଗଣିତ ସାହିତ୍ୟର ସାଧକ ମାନଙ୍କର କୃତିତ୍ୱର ଅବତାରଣା

ବର୍ତ୍ତମାନ ପାଠ୍ୟକ୍ରମର ନବୀକରଣ ବିଷୟରେ ଆଲୋଚନା କରିବା । କାରଣ ଏହି ପ୍ରସଙ୍ଗରେ ରାମଶଙ୍କର ବାବୁଙ୍କର ଅବଦାନ ଅତୁଳନୀୟ। ଗଣିତ ସଂସଦର ପ୍ରଥମ ଅଧିବେଶନ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗରେ ଅନୁଷ୍ଠିତ ହୋଇଥିଲା । ଏହାର Souvenir ରେ ମୋର ଏକ ପ୍ରବନ୍ଧ ପ୍ରକାଶ ପାଇଥିଲା - Postinity shall not excuse us. ଏଥିରେ ଦର୍ଶା ଯାଇଥିଲା ସର୍ବ ଭାରତୀୟ ସ୍ତରରେ ଗଣିତ ପାଠ୍ୟକ୍ରମ ଅଧ୍ୟୟନ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଏହାକୁ ଉନ୍ନତ ନ କଲେ ଆମର ପରବର୍ତ୍ତୀ ବଂଶଧରମାନେ ଆମକୁ କ୍ଷମା କରିବେ ନାହିଁ।

ମୁଁ ଏହି ଅଧିବେଶନରେ ନିମ୍ନ ମର୍ମରେ ମୋର ବକ୍ତବ୍ୟ ରଖିଥିଲି। A cax against Euclid ଯଦିଓ ଇଉକ୍ଲିଡୀୟ ଜ୍ୟାମିତି ମନୁଷ୍ୟ ସମାଜର ବହୁତ ଉପକାରେ ବ୍ୟବହୃତ ହେଉଛି ତଥାପି ଏହା ତ୍ରୁଟିପୂର୍ଣ୍ଣ। ଏହି ତ୍ରୁଟିକୁ ସଂଶୋଧନ କରିବା ଆମର ଲକ୍ଷ୍ୟ । ଏହି ତ୍ରୁଟି ବର୍ତ୍ତମାନ ସମାଧାନ ହୋଇ ପାରିଛି ସେଟ୍ ତତ୍ତ୍ୱ ମାଧ୍ୟମରେ।

ଗଣିତ ସଂସଦର ବାର୍ଷିକ ଅଧିବେଶନରେ ଗଣିତ ପାଠକୁ ନବୀକରଣ କରିବା ପାଇଁ ବାଣୀବିହାର ଅଧିବେଶନ ପରେ ସଂସଦର ଅନ୍ୟ ଅଧିବେଶନରେ ସରଗରମ ଆଲୋଚନା ହୁଏ । ଏହି ଅଧିବେଶନରେ ପ୍ରଫେସର ବାମାଚରଣ ଦାସ ଅଧ୍ୟକ୍ଷତା କରିଥାନ୍ତି । ଏହିପରି ଅନେକ ଅଧିବେଶନରେ ସରଗରମ ତର୍କବିତର୍କ ଆଲୋଚନା ସମାଲୋଚନା ପରେ ଉଚ୍ଚ ମାଧ୍ୟମିକ ଗଣିତ ପାଠ୍ୟଖସଡ଼ାର ନବୀକରଣ ହୋଇଥିଲା।

ସେହି ସମୟରେ ମୁଁ ଥାଏ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗଣିତ ବିଭାଗରେ। କୁଳପତି ଥିଲେ ପ୍ରଫେସର ଦେବେନ୍ଦ୍ର ନାଥ ମିଶ୍ର । ଗଣିତ ସଂସଦ ତରଫରୁ ମୁଁ, ସ୍ୱାଧୀନ ଓ ଶ୍ରୀବତ୍ସ ତାଙ୍କୁ ସାକ୍ଷାତ କରି ଅନୁରୋଧ କଲୁ ଯେ

ଗଣିତ ସଂସଦର କେତେକ ନୂତନ ପାଠ୍ୟକ୍ରମ ଅନୁଯାୟୀ ଏକ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି । ଏହାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମୁଦ୍ରଣ କରିପାରିଲେ ଓଡ଼ିଶାର ଗଣିତର ସମସ୍ତ ଉନ୍ନତି ସାଧନ ହୋଇପାରିବ। ନୂତନ ବହିଟିଏ ନ ହେଲେ ତାହା ପାଠ୍ୟପୁସ୍ତକ ଭାବରେ ସିଲାବସ୍ କମିଟିରେ ମଞ୍ଜୁରୀପ୍ରାପ୍ତ ହୋଇ ପାରିବ ନାହିଁ। କୁଳପତି କହିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନିଜସ୍ୱ ଛାପାଖାନା ନାହିଁ । ତେଣୁ ସେମାନେ ଛପାଇ ପାରିବେ ନାହିଁ।

ଏହି ସମୟରେ ମୁଁ ଆସି ଯୋଗ ଦେଲି ଉତ୍କଳ ବିଶ୍ୱବିଦ୍ୟାଳୟରେ। ସେହି ସମୟରେ ପ୍ରଫେସର ବ୍ରଜବନ୍ଧୁ ମିଶ୍ର Text Book Bureauର ଚେୟାରମ୍ୟାନ। ତାଙ୍କୁ ଅନୁରୋଧ କଲୁ ଗଣିତ ସଂସଦଦ୍ୱାରା ସ୍ଥିରୀକୃତ ଗଣିତ ବହିକୁ ଛପାଇ ପାରିବେ କି ? ତାଙ୍କର ଉତ୍ତର ଥିଲା ଏହା କୌଣସି ବିଶ୍ୱବିଦ୍ୟାଳୟ ଦ୍ୱାରା ଗୃହୀତ ନ ହେଲେ ଛପାଇ ପାରିବେ ନାହିଁ।

ସମସ୍ତେ ହତାଶ ହେଲେ। କ'ଣ ଆଉ କରାଯାଇ ପାରିବ ? ଏହି ସମୟରେ ବିଷ୍ଣୁ ବାବୁ ପ୍ରସ୍ତାବ ରଖିଲେ ଯେ ଆମେ କେତେଜଣ ସଂସଦ ଦ୍ୱାରା ସ୍ଥିରୀକୃତ ପାଠ୍ୟକ୍ରମ ଅନୁସାରେ ବହିଟିଏ ପ୍ରସ୍ତୁତ କରିବା। ଏହି ପ୍ରସ୍ତାବ ସାଙ୍ଗେ ସାଙ୍ଗେ ଆମ୍ଭମାନଙ୍କର ସ୍ୱୀକୃତି ପାଇଲା । ଦୁଇଟି ପୁସ୍ତକ ଲେଖାଗଲା - ଗୋଟିଏ ବୀଜଗଣିତ ଓ ଅନ୍ୟଟି କାଲକୁଲସ୍ ସମ୍ବନ୍ଧରେ। ଲେଖକମାନେ ହେଲେ: ରାମଶଙ୍କର ରଥ, ବିଷ୍ଣୁ ପ୍ରସନ୍ନ ଆଚାର୍ଯ୍ୟ, ସୁଦର୍ଶନ ପାଢ଼ୀ, ପ୍ରୀତି ମହାପାତ୍ର ଓ ଗୋକୁଳାନନ୍ଦ ଦାସ। କାଳକ୍ରମେ ଏହି ପୁସ୍ତକ ଦ୍ୱୟ ପ୍ରଚଳିତ ବହି ସଙ୍ଗେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ହେଲା । ଅବଶ୍ୟ ଏହାର କିଛି ଦିନ ପରେ ଆମ ସମସ୍ତଙ୍କର ସହଯୋଗରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ Elements ନାମକ ଦୁଇଖଣ୍ଡ ପୁସ୍ତକ ପ୍ରକାଶ କଲା ଓ ତାହା ବୋଧହୁଏ ଆଜି ପର୍ଯ୍ୟନ୍ତ ବହୁ ଉତ୍ଥାନ ପତନ ପରେ ପ୍ରଚଳିତ ଅଛି।

ସଦାଚଞ୍ଚଳ କର୍ମଠ ପ୍ରଫେସର ରଥ ଗଣିତ ବିଚିତ୍ରା, ଲୀଳାବତୀ ପୃଷ୍ଠା, ବିଜ୍ଞାନ ଦିଗନ୍ତ ଆଦି ପତ୍ରିକାମାନଙ୍କରେ ନିୟମିତ ଲେଖକ ଥିଲେ । ତାଙ୍କର ଅବିରତ କଲମ ଚାଳନା ଗଣିତ ଜଗତ ସହିତ ବିଜ୍ଞାନ ଜଗତରେ ମଧ୍ୟ ପ୍ରତିଭାତ। ରାମଶଙ୍କର ବାବୁଙ୍କର ଲିଖିତ ପୁସ୍ତକମାନଙ୍କର ତାଲିକା ନିମ୍ନରେ ପ୍ରଦତ୍ତ ହେଲା

୧ - ସାମାନ୍ୟରୁ ଅସାମାନ୍ୟ, ୨ - ଆପେକ୍ଷିକ ତତ୍ତ୍ୱର ସାରକଥା, ୩ - ବିସ୍ମୟ କଣିକା ନ୍ୟୁଟ୍ରନ୍‌ର କାହାଣୀ ୪- ଆଧୁନିକ ବିଜ୍ଞାନ ଓ ବୈଜ୍ଞାନିକଙ୍କ କାହାଣୀ, ୫ -ମାଧ୍ୟାକର୍ଷଣ, ୬- ଆମର ବାସସ୍ଥଳୀ ପୃଥିବୀ ଓ ତାହା ଚାରିପାଖରେ ଆକାଶର କଥା, ୭ - ଆଦି ଶଙ୍କରଙ୍କ ଜୀବନୀ ଓ ଦର୍ଶନ, ୮- ପଦ୍ମପାଖୁଡ଼ା, ୯- ଗଣିତର ସ୍ରଷ୍ଟା ପୁରୁଷମାନଙ୍କର ମୌଳିକ ଭାବନାର ନବଦିଗନ୍ତ, ୧୦ - କୁମ୍ଭକୋଣମ୍‌ରୁ କେମ୍ବ୍ରିଜ୍, ୧୧ - On some randomly selected topics in mathematics and science. ୧୨ - ଧର୍ମ ଓ ନୈତିକ ମୂଲ୍ୟବୋଧରେ ବିଶ୍ୱାସର ପୁନରୁଦ୍ଧାର

ରାମଶଙ୍କର ବାବୁଙ୍କର ଚାକିରୀ ଜୀବନ : ଗଣିତ ଅଧ୍ୟାପକ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଶିକ୍ଷା ପ୍ରଶାସକ, ଦିବ୍ରୁଗଡ଼ କାନୋଇ କଲେଜ (୧୯୫୫-୫୯), ଗଜପତି କଲେଜ, ପାରଳାଖେମୁଣ୍ଡି (୧୯୫୯-୬୫), ଗଙ୍ଗାଧର ମେହେର କଲେଜ (୧୯୬୬-୬୯), ଉତ୍କଳ ବିଶ୍ୱ ବିଦ୍ୟାଳୟ ଗଣିତ ବିଭାଗ ((୧୯୬୯-୭୫), ପତ୍ରବିନିମୟ (Distance Education) ନିର୍ଦ୍ଦେଶକ ଓ ଅବସର, ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର (୧୯୮୫-୮୬), ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାରର ନିର୍ଦ୍ଦେଶକ।

ରାମଶଙ୍କର ବାବୁ ଅତ୍ୟନ୍ତ ସୃଜନଶୀଳ, କର୍ମଠ, ସଚ୍ଚୋଟ ବ୍ୟକ୍ତି ଥିଲେ । ଏହି ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ପ୍ରଫେସର ରଥଙ୍କର ଅବର୍ତ୍ତମାନରେ ବ୍ୟକ୍ତିଗତ ଓ ସାମୁହିକ ଭାବରେ ଓଡ଼ିଶାର ଗଣିତ ପରିବାର ଶୋକସନ୍ତପ୍ତ।

ତାଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗଣିତ ପରିବାରର ସମୂହ ପ୍ରାର୍ଥନା।

-୦-

# ଅନୁଭୂତି --କିଛି କଥା,.. କିଛି ବ୍ୟଥା....

**ନିନା ଦାସ ମହାନ୍ତି**

ହାଇସ୍କୁଲ ପରୀକ୍ଷା ଦେଇ କଲେଜ ଜୀବନର ସ୍ୱପ୍ନ ଦେଖିବା ସମୟରେ ପରୀକ୍ଷା ଫଳ ବାହାରିବା ପୂର୍ବରୁ ମୋ ବାହାଘର ଯାହାଙ୍କ ଜୀବନ ପରିସରରେ ପାଦ ଥାପିଲି ସେ ଯେ Ph.D ଏବଂ D. Sc ଡିଗ୍ରୀ ଧାରଣ କରିଥିବା ଗଙ୍ଗାଧର ମେହେର କଲେଜର ଗଣିତ ଅଧ୍ୟାପକ ଡକ୍ଟର ଗୋକୁଳାନନ୍ଦ ଦାସ, ତାହା ମୋତେ ସମ୍ପୂର୍ଣ୍ଣ ଅଜଣା ଥିଲା। ସଂସାରକୁ ବୁଝିବା ପୂର୍ବରୁ ଶାଶୂଘର ଜଞ୍ଜାଳରେ ଛନ୍ଦି ହେଇଗଲି ଏବଂ ସମସ୍ତ ପିଲାଳିଆମୀ ଧୀରେଧୀରେ ହଜିଗଲା।

ଗଙ୍ଗାଧର ମେହେର କଲେଜରେ ନାମ ଲେଖା ହୋଇଗଲା। କିନ୍ତୁ ଜି ଦାସ ଆମ କ୍ଲାସ ନେଉ ନଥିଲେ। ନିରଞ୍ଜନ ତ୍ରିପାଠୀ- ଆଲଜେବ୍ରା, କାହ୍ନୁ ପଣ୍ଡା- ଜ୍ୟାମେଟ୍ରି ଓ ରାଓବାବୁ ତ୍ରିଗୋନୋମେଟ୍ରି ପଢ଼ାଉଥିଲେ। ଦୟାର୍ଦ୍ର ହୃଦୟ, ସରଳମନା, ଦୃଢ଼ ଇଚ୍ଛାଶକ୍ତି ସହିତ ଗାମ୍ଭୀର୍ଯ୍ୟଭରା ବ୍ୟକ୍ତିତ୍ୱ, ଅନ୍ୟାୟକୁ ପ୍ରତିରୋଧ କରିବାର ଅଦମ୍ୟ ଶକ୍ତି, ନିର୍ମଳ ନିଃସ୍ୱାର୍ଥପର ହୃଦୟର ଅଧିକାରୀ ଜି ଦାସ ମୋ ଜୀବନରେ ଅମାପ ଶକ୍ତିର ଉତ୍ସ ଭରି ଦେଇଥିଲେ... ତାଙ୍କର ବଳିଷ୍ଠ ବ୍ୟକ୍ତିତ ମୋ ଜୀବନଧାରାକୁ ଗଭୀର ଭାବରେ ପ୍ରଭାବିତ କରିଥିଲା- ପରସ୍ପରର ପରିପୂରକ ହୋଇ।

ପାଖାପାଖି ଷାଠିଏ ବର୍ଷର ଦାମ୍ପତ୍ୟ। ଜୀବନରେ ତାଙ୍କ ପାଖେ ପାଖେ ରହି ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରି ଆସିଥିଲି । ଶୁଣିଥିଲି, ପିଲାଦିନେ ସେ ତାଙ୍କ ଗାଆଁ ସଡ଼କରେ ସନ୍ଧ୍ୟାବେଳେ ବୁଲୁବୁଲୁ ସାଙ୍ଗମାନଙ୍କ ସହ ପାଠ ଚର୍ଚ୍ଚା କରନ୍ତି... କେବେ କେବେ ଗୋଟିଏ ଚୋର-ଷ୍ଟାମ୍ପ୍ ରହିଥିବା ଦୁଷ୍ଟ ପିଲା ସହିତ ବୁଲିବାର ଦେଖି ତାଙ୍କ ବାପା ବାରଣ କରିଥିଲେ। ଦୃଢ଼ ଭାବରେ ଜି ଦାସ ଏହାର ପ୍ରତିବାଦ କରିଥିଲେ। ତାଙ୍କର ଉତ୍ତର ଥିଲା,... ତା ବ୍ୟକ୍ତିତ୍ୱ କଣ ମୋଠାରୁ ଏତେ ବଳିଷ୍ଠ ଯେ ତାର ପ୍ରଭାବ ମୋ ଉପରେ ପଡିଯିବ। ମୋ ବ୍ୟକ୍ତିତ୍ୱର ପ୍ରଭାବରେ ତା ସ୍ୱଭାବର ପରିବର୍ତ୍ତନ କାହିଁକି ନହେବ ! ପୁଅ ଯୁକ୍ତିର ଗୁରୁତ୍ୱ ଉପଲବ୍ଧି କରି ବାପା ତାଙ୍କର ଖୁବ ଖୁସି ହେଇଥିଲେ।

ଅନେକ ତ ଘଟଣା ଅଛି, କିନ୍ତୁ ସଂକ୍ଷିପ୍ତ ଲେଖା ନିମନ୍ତେ ସୂଚନା ଥିବାରୁ ଗୋଟେ ଦୁଇଟା ଉଦାହରଣ ଦେବାକୁ ଉଚିତ ମନେ କରୁଛି। ଶତ୍ରୁ ମିତ୍ର ନିର୍ବିଶେଷରେ ସମସ୍ତଙ୍କୁ ଭଲପାଇବା ଏବଂ ନ୍ୟାୟୋଚିତ ଭାବରେ ସାହାଯ୍ୟ କରିବା ତାଙ୍କ ଚରିତ୍ରର ଏକ ବିଶେଷ ଗୁଣ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିବା ସମୟରେ ଜନୈକ ଅଧ୍ୟାପକଙ୍କର ପ୍ରମୋସନକୁ ଆଧାରକରି ଏକ୍ସପର୍ଟ କମିଟି ପ୍ରଶ୍ନ ଉଠେଇ ଥିଲେ, କାରଣ ଅଧ୍ୟାପକ ମହାଶୟ ଜି ଦାସଙ୍କୁ ଅସୁବିଧାରେ ପକାଇବାର ଷଡଯନ୍ତ୍ରରେ ଲିପ୍ତ ଥିଲେ। କିନ୍ତୁ ଜି ଦାସଙ୍କ ଉକ୍ତି ଥିଲା,... ପ୍ରକୃତରେ ତାଙ୍କର ଯୋଗ୍ୟତା ବଳରେ ପ୍ରମୋସନ ପାଇବାକୁ ଯଦି ସେ ହକଦାର ତାହାହେଲେ ସେ ନିଶ୍ଚୟ ପାଇବା ଉଚିତ। ଅନ୍ୟାନ୍ୟ ସମସ୍ୟା ସମ୍ପୂର୍ଣ୍ଣରୂପେ ମୋର ବ୍ୟକ୍ତିଗତ ତାର ପରିଣାମ ସ୍ୱରୂପ ତାଙ୍କର ପ୍ରମୋସନ ବାଧାପ୍ରାପ୍ତ ହେବା ଉଚିତ ନୁହେଁ।

ଉଦାର ହୃଦୟରେ ସମସ୍ତ ତିକ୍ତ ଅନୁଭବକୁ ଏଡେଇଯାଇ ଉକ୍ତ ଅଧ୍ୟାପକଙ୍କର ପଦୋନ୍ନତି ସହିତ ତାଙ୍କୁ ବିଦେଶ ଯିବା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ କରିଥିଲେ। ଜନୈକ ଅଫିସ କର୍ମଚାରୀ ଯେ କି ଜି ଦାସଙ୍କର ଅତ୍ୟନ୍ତ ପ୍ରିୟ ଥିଲେ, ଫାଇଲ ଦେଖୁ ଦେଖୁ ସେ ଭଦ୍ରଲୋକଙ୍କ କାରସାଦି ଧରା ପଡିଯାଇଥିଲା। ଅନୈତିକ ଭୁଲ ଆବିଷ୍କାର କଲା ପରେ ସେ ସୁସମ୍ପର୍କକୁ ଭୁଲିଯାଇ ତାଙ୍କ ବେନିୟମ କାର୍ଯ୍ୟ ନିମନ୍ତେ ତାଙ୍କୁ ନିଲମ୍ବିତ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ନୀତି ନିୟମ ସାମ୍ନାରେ ଆତ୍ମୀୟସ୍ୱଜନ ମଧ୍ୟ ଗୌଣ ଥିଲେ ତାଙ୍କ ନିକଟରେ।

ଏକଦା ଗଭର୍ଣ୍ଣର ଡ଼ାକିଥିବା ଏକ ମିଟିଙ୍ଗରେ ନିର୍ଦ୍ଧାରିତ ସମୟ ଅନୁସାରେ ପହଞ୍ଚି ଯାଇଥିଲେ ଜି ଦାସ। ନିର୍ଦ୍ଦିଷ୍ଟ ସମୟ ବିତି ପାଞ୍ଚ ସାତ ମିନିଟ ଅପେକ୍ଷା କରିବା ପରେ ଫେରି ଆସିଲେ। ଗେଟ ବାହାରେ ଗଭର୍ଣ୍ଣରଙ୍କ ଅଫିସରୁ ଫୋନ ଆସିଲା, 'ଗଭର୍ଣ୍ଣର ଅପେକ୍ଷା କରିଛନ୍ତି'।

ଅତ୍ୟନ୍ତ ପରିତାପର ବିଷୟ। ଗଭର୍ଣ୍ଣର ଅଫିସରୁ ଫୋନ ଆସିଲା... ଗଭର୍ଣ୍ଣର ମିଟିଂ ପାଇଁ ଅପେକ୍ଷା କରିଛନ୍ତି। ଜି ଦାସଙ୍କର ଉତ୍ତର ଥିଲା... I have no time... I can't go back...Vanivihar is waiting for me... Some difficult problem is there.

ନିର୍ଭୀକ ଜି ଦାସ କର୍ତ୍ତବ୍ୟକୁ ଖୁବ ମହତ୍ତ୍ୱ ଦେଉଥିଲେ କୌଣସି ପଦ ପଦବୀରେ ମୋହ ତାଙ୍କୁ ପ୍ରଲୋଭିତ କରିନଥିଲା। ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା ନିକଟରେ ମଥାନତ କରିନଥିବା ଜି ଦାସ ଦେଶ ବିଦେଶର ଅନେକ ଲୋଭନୀୟ ଅଫରକୁ ପରିତ୍ୟାଗ କରି ଓଡିଶା ଫେରିଥିଲେ, ଓଡ଼ିଶାର ପିଲାମାନଙ୍କୁ ଶିକ୍ଷାଦାନ କରିବାର ନିଷ୍ପତ୍ତି ନେଇ ଶିକ୍ଷା ଓ ସଂସ୍କୃତିକୁ ବିଶ୍ୱସ୍ତରୀୟ କରିବାର ଅଭିପ୍ରାୟ। ଅନେକ ବାଧା, ପ୍ରତିରୋଧର ସମ୍ମୁଖୀନ ହୋଇଛି। ଲଣ୍ଡନରେ ଡାଇନିଂ ହଲକୁ କୋଟ ଟାଇ ଜୋତା ପିନ୍ଧି ନଯିବାରୁ ନୋଟିସ ବୋର୍ଡରେ ତାଙ୍କୁ ଲକ୍ଷ୍ୟକରି ନୋଟିସ ବାହାରିଲା...ସମସ୍ତେ ଉପଯୁକ୍ତ ପୋଷାକ ପିନ୍ଧି ଡାଇନିଂକୁ ଭୋଜନ ନିମନ୍ତେ ଆସିବା ଜରୁରୀ। ଜି ଦାସ ସେହି ନୋଟିସର ତଳେ ଲେଖି ଦେଇଥିଲେ..."ମୋ ଦେଶର ସଂସ୍କୃତି ଅନୁସାରେ ମୋର ପରିଧାନ ବଦଳାଇ ପାରିବିନି ବିଶେଷ କରି ଭୋଜନ ସମୟରେ ମହାତ୍ମା ଗାନ୍ଧୀ ସ୍ୱଳ୍ପ ପରିଧାନ ମଧ୍ୟ ବିଶ୍ୱବିଖ୍ୟାତ। ତହିଁ ପରଦିନ ନୋଟିସଟି ବୋର୍ଡରୁ ଉଠାଇ ନିଆ ଯାଇଥିଲା ।

କୁଳପତି କୋଠି ଆମପାଇଁ କେଉଁ ଆଗ୍ନେୟଗିରିରୁ କମ ନଥିଲା। ବିଜେବି କଲେଜରେ ପଢ଼ୁଥିବା ସାନପୁଅ ଲୋନି ସହିତ ଆମେ ଦୁହେଁ ଦୀର୍ଘ ତିନିବର୍ଷ କାଳ ଖାଇବା ଶୋଇବା ଭୁଲି ଯାଇଥିଲୁ। ହୃଦୟହୀନ ପିଲାଟିଏ ଠିକ୍ ମଧ୍ୟାହ୍ନ ଓ ରାତ୍ରୀ ଭୋଜନକୁ ନଜରରେ ରଖି ଆମକୁ ଖୁଆଇ ନଦେବା ପାଇଁ କୋଠିରେ ଗଣ୍ଡଗୋଳ କରିବାକୁ କିଛି ଛାତ୍ର କିଛି ଅଣଛାତ୍ର ତଥା ଗୁଣ୍ଡାମାନଙ୍କୁ ଧରି ପହଞ୍ଚିଯାଏ। ଆମ ସହ ପୁଅ ମଧ୍ୟ ଭୋକ ଉପାସରେ ରହିଯାଏ ତଥା ପଢାପଢି କରି ପାରେନା।

ବାଣୀବିହାରକୁ ଆଗ୍ନେୟଗିରିରେ ପରିଣତ କରିଥିବା ଦୁଷ୍ଟ ଛାତ୍ରନେତାଟି ବିରୁଦ୍ଧରେ ବାଧ୍ୟହୋଇ ଚାର୍ଜସିଟ ପ୍ରସ୍ତୁତ କରିବାକୁ ପଡିଥିଲା ଜି ଦାସଙ୍କୁ। କେଉଁଠାରୁ ଏ ସମ୍ବାଦ ପାଇ ଦୁଷ୍ଟପିଲାଟି ଜଣେ ଅଧ୍ୟାପକଙ୍କ ସାହାଯ୍ୟ ନେଇ ସୋ କଜ୍‌ର ଉତ୍ତର ଦେଇଥିଲା... "ସାର... ଆପଣଙ୍କ ବଗିଚାରେ ଯଦି ଗୋଲାପ ଚାରାଟିଏ କୀଟଦ୍ରଂଷ୍ଟ ହେଇଯାଏ, ଆପଣ ଚାରାଟିକୁ ମେଡିସିନ ଦେଇ ବଞ୍ଚେଇବେ ନାଁ ଉପାଡି ଫୋପାଡ଼ି ଦେବେ।" ଏତିକିରେ ଜି ଦାସ କୌଣସି ଦଣ୍ଡବିଧାନ ନକରି ଫାଇଲଟି ବନ୍ଦ କରିଦେଲେ। ଖୁବ ବିରକ୍ତ ହେଇଥିଲି ଏକଥା ଶୁଣିବା ପରେ ଏବଂ ପ୍ରତିବାଦ କରିଥିଲି ମଧ୍ୟ। ମୋ ମତରେ ଗୋଟିଏ ଚାରାକୁ ବଞ୍ଚେଇବାକୁ ଚେଷ୍ଟା କରିବା ମଧ୍ୟରେ ଅନେକ ଚାରାରୋଗଗ୍ରସ୍ତ ହୋଇଯିବେ... ମନକଥା ଜଣାଇଥିଲି ଜି ଦାସଙ୍କୁ ଏବଂ ତାଙ୍କ ନିଷ୍ପତ୍ତି ବିରୁଦ୍ଧରେ ବହୁତ ଯୁକ୍ତି କରିଥିଲି ମଧ୍ୟ।

ସୁଖେଦୁଃଖେ ସଦା ସ୍ଥିର ଜି ଦାସ ଧୀର ଅଥଚ ଗମ୍ଭୀର ଭାବରେ କହିଥିଲେ.... ମଣିଷ ତିଆରି କରିବା ଗୁରୁର ପ୍ରଧାନ କର୍ତ୍ତବ୍ୟ....ଅନେକ ଭାବିଚିନ୍ତି ତାହା ହିଁ କରିଛି। କଠୋର ଦଣ୍ଡବିଧାନ କଲେ ପିଲାଟି ହୁଏତ ଗୋଟିଏ କ୍ରିମିନାଲରେ ପରିଣତ ହୋଇଯିବ। କ୍ଷମା କରିଦେଲେ ହୁଏତ ସୁଧୁରି ଯାଇପାରେ। ଏଇ ବିଶାଳ ହୃଦୟ ନିକଟରେ ଅନେକ ସମୟରେ ମୁଁ ନତମସ୍ତକ ହୋଇଯାଏ।

ଜ୍ୟୋତିବିହାରରେ ଛାତ୍ର ଥିବା ଓମ୍ ଅଗ୍ରୱାଲ ଯେ କି ଆମେରିକାରୁ ଦୁଇଲକ୍ଷ ଅଥବା ତଦୁର୍ଦ୍ଧ୍ୱ ଅର୍ଥ ପଠାଇଥିଲା ଜି ଦାସଙ୍କ ପଞ୍ଚାଅଶିତମ ଜନ୍ମଦିନ ପାଳନ ନିମନ୍ତେ, ଯାହାକି ସମଗ୍ର ପୃଥିବୀ ଇତିହାସରେ ପ୍ରଥମ, ସେ ନିଜ ମନର କଥା ପ୍ରକାଶ କରିଥିଲା,... ଜ୍ୟୋତିବିହାରରେ ଓମ ପଢୁଥିବା ସମୟରେ ଅନ୍ୟଛାତ୍ରଙ୍କ ସହ ଆମେ ରହୁଥିବା ଏ-୫ କ୍ୱାର୍ଟରକୁ ଆସେ ପୁଅ ରାଜା ଛୋଟ ଥାଏ। ଜି ଦାସଙ୍କ ସହ ପିଲାମାନେ କଥା ହେଉଥିବା ସମୟରେ ରାଜା ତାଙ୍କ କୋଳରେ ଏପଟ ସେପଟ ହୋଇ ଚକଟି ମକ୍ଥି ଅସ୍ତବ୍ୟସ୍ତ କରୁଥାଏ... ପ୍ରବଳ ରାଗରେ ଜର୍ଜରିତ ଓମ୍‌ର ଇଚ୍ଛା ହୁଏ ରାଜାକୁ ଜି ଦାସଙ୍କ କୋଳରୁ ଭିଡିଆଣି ଦୁଇ ଚାରି ଚଟକଣୀ ଲଗାଇ ଦେବାକୁ। ଆଶ୍ଚର୍ଯ୍ୟ ମଧ୍ୟ ହୁଏ। ରାଜାର ଦୌରାତ୍ମ୍ୟରେ ଆଦୌ ବ୍ୟସ୍ତ ନହୋଇ ଖୁବ ସ୍ଥିର ରହୁଥିଲେ।

ଏଇ ମହନୀୟ ବ୍ୟକ୍ତି ଅନେକ ସମୟରେ ନିଜସ୍ୱ ସିଦ୍ଧାନ୍ତରେ ଅଟଳ, ଯେମିତି ଗୁଣ୍ଡାମାନଙ୍କୁ ହଷ୍ଟେଲରୁ ବାହାର କରିବା, ସେଲ୍ଫ ଫାଇନାନ୍ସିଙ୍ଗ କୋର୍ସ ଖୋଲିବା, ବିରାଟ ଲେଡିଜ୍ ହଷ୍ଟେଲ ବିଲଡିଂ ତିଆରି କରାଇବା, ବାଣୀବିହାର ଗେଟର ନବୀକରଣ କରିବା ଇତ୍ୟାଦି ଅନେକ କାର୍ଯ୍ୟ ତାଙ୍କ ଦ୍ୱାରା ହୋଇ ପାରିଛି- ଅନେକ ପ୍ରକାର ପ୍ରତିରୋଧ ସତ୍ତ୍ୱେ। ଆଜି ତାଙ୍କ ଅବର୍ତ୍ତମାନରେ ତାଙ୍କ ପାଇଁ ମୋତେ କିଛି ଲେଖିବାକୁ ଅନୁରୋଧ କରିଥିବା ଛାତ୍ର ନୀଳାମ୍ବରକୁ କଥାଦେଇ ମଧ୍ୟ ସମୟ ଅନୁସାରେ ଦେଇ ପାରିନାହିଁ। ବହୁତ ରୁନ୍ଧା ରୁନ୍ଧା ହୃଦୟରେ ସାମାନ୍ୟ କିଛି ତାଙ୍କ ସଂସ୍ପର୍ଶରେ ଲେଖି ପାରିଛି ମାତ୍ର, ସିନ୍ଧୁରୁ ବିନ୍ଦୁଟିଏ।

ଅତ୍ୟନ୍ତ ପରିତାପର ବିଷୟ, ବାଣୀବିହାରରେ ଅଯଥା ଗଣ୍ଡଗୋଳ କରି ଆତଙ୍କ ସୃଷ୍ଟି କରୁଥିବା ଛାତ୍ରନେତାଟି ଜି ଦାସଙ୍କର ସିଧା ସଳଖ ଗଣିତର ଛାତ୍ର, ଯେ କି ଗଣିତରେ ପିଜି ପରେ ପରିସଂଖ୍ୟାନ ବିଭାଗରେ ନାମ ଲେଖାଇ ଥିଲା ଏବଂ ପବ୍ଲିକ ଆଡମିନଷ୍ଟ୍ରେସନରେ ତୃତୀୟ ପିଜି ପାଇଁ ଚେଷ୍ଟିତ ଥିଲା କେବଳ ଛାତ୍ରସଙ୍ଘର ନେତା ହେବାପାଇଁ। ସେହି ଛାତ୍ରନେତାଟିର ହୀନ ଉଦ୍ଦେଶ୍ୟକୁ ଅନୁଭବ କରି ବାଣୀବିହାରରେ କୁଳପତି ନୂତନ ନିୟମ ପ୍ରଣୟନ କଲେ ଭବିଷ୍ୟତରେ କୌଣସି ଛାତ୍ର ପିଜି କରିଥିବା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ପିଜି କରି ପାରିବ ନାହିଁ। ଛାତ୍ରନେତାଟି ସହିତ ଜଡିତ ଥିବା ତିନୋଟି ପିଲାଙ୍କୁ ଜାଣିଥିଲି, ଜଣେ ଗଣିତ ବିଭାଗର, ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଅର୍ଥନୀତି ଓ ଅନ୍ୟ ପିଲାଟି ବୋଧହୁଏ ପରିସଂଖ୍ୟାନ ବିଭାଗର। ପରିସଂଖ୍ୟାନ ବିଭାଗର ପିଲାଟି ମୋର ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦିଲ୍ଲୀର ISI ଅତିଥି ଭବନରେ ଥିବା ସମୟରେ ରାସ୍ତାରେ ଦେଖା ହୋଇଗଲା। ପରିଚୟ ଦେଇ କରିଥିବା ଭୁଲପାଇଁ ସାଷ୍ଟାଙ୍ଗ ପ୍ରଣିପାତ କରି କ୍ଷମା ପ୍ରାର୍ଥନା ପୂର୍ବକ ସମଗ୍ର ଦିନ ଉପବାସରେ ବିତାଇଲା। ଯେତେ ଅନୁରୋଧ କଲେ ମଧ୍ୟ, ଏଇଟା ମୋର ପ୍ରାୟଶ୍ଚିତ, ବୋଲି କହି ଏଡେଇ ଗଲା ସାରଙ୍କ ପରି ଦେବତୁଲ୍ୟ ବ୍ୟକ୍ତିଙ୍କ ନିକଟରେ ଯେଉଁ ଅପରାଧ କରିଥିଲି ତାର କ୍ଷମା ନାହିଁ ଡିଗ୍ରୀ ଥାଇ ମଧ୍ୟ ଆଜି ଲୁଗା ବ୍ୟବସାୟ କରୁଛି କହି ଖାଦ୍ୟ ଗ୍ରହଣ କଲାନାହିଁ। ଗଣିତର ଛାତ୍ରଟି ଆଇ.ଆଇ.ଟି.ରେ ଅଧ୍ୟାପନାକରୁଛି ଦୁଇ ଦୁଇଟା ଡିଗ୍ରୀ ହାତରେ ଧରି ଛାତ୍ରନେତାଟି ମଧ୍ୟ ଅପରାଧୀ ପରି ବେକରେ ସ୍ଲେଟ ଗଳାଇ ପୋଲିସ ଥାନାରେ ଫଟୋ ଉଠାଇ ସମ୍ବାଦ ପତ୍ର ଜରିଆରେ ସମଗ୍ର ଓଡ଼ିଶାର ଘରେ ଘରେ ଅପମାନିତ ହେବାକୁ ପଡିଥିଲା। ବାଣୀବିହାରରେ ଆମ ବ୍ୟକ୍ତିଗତ କାର୍ ପୋଡିବାଠାରୁ ଅଫିସରେ କୁଳପତିଙ୍କ ପ୍ରକୋଷ୍ଠ ପୋଡିବା ତଥା ବ୍ୟାଙ୍କ ପୋଷ୍ଟଅଫିସ, କୁଳପତି କୋଠିକୁ ଭାଙ୍ଗି ରୁଜି ଛାରଖାର କରିବା ଭଳି ଜଘନ୍ୟ ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟରେ ଲିପ୍ତ ଥିଲେ ଛାତ୍ରନେତା ଓ ତା ସହକର୍ମୀ ବୃନ୍ଦ। ଆଇ.ଆଇ.ଟି.ରେ ଅଧ୍ୟାପନା କରୁଥିବା ଗଣିତ ଛାତ୍ରଟି ବୋଧହୁଏ ନିଜର ଭୁଲ ଅନୁଭବ କରି ପାରିଥିଲା କି କଣ, ସେ ରିସର୍ଚ୍ଚ କରିବାକୁ ଯିବା ପୂର୍ବରୁ କୋଠିକୁ ଯାଇଥିଲା ଆଶୀର୍ବାଦ ଭିକ୍ଷା ନିମନ୍ତେ, ଜି ଦାସ ତାକୁ ଆଶୀର୍ବାଦ ଦେଇ ମୋତେ ବାଧ୍ୟ କରିଥିଲେ- ପିଲାଟି ମଥାରେ ହାତର ଭବିଷ୍ୟତର ଶୁଭକାମନା ସହ ଆଶୀର୍ବାଦ ଦେବା ନିମନ୍ତେ।

ସେହି ବିଶାଳ ହୃଦୟ ନିକଟରେ ନତମସ୍ତକ ହୋଇ ତମାମ ଜୀବନ ତାଙ୍କ ପାଖେ ପାଖେ ରହି ଜୀବନର ଶେଷ ପାହାଚରେ ତାଙ୍କୁ ହରାଇ ଆଜି ଏକା ଛିଡା ହେଇଛି। ପ୍ରଥମେ ପ୍ରଥମେ ସମସ୍ତେ ଆସିବେ, ଯିବେ, ଫୋନ କରି ଭଲମନ୍ଦ ପଚାରିବେ। ତାପରେ..... ଆଖି ପାଏନି....। ସ୍କୁଲ ପରୀକ୍ଷା ଦେଇଥିବା ଝିଅଟିଏ ଜୀବନର ମାନେ ବୁଝି ନଥିବା ବେଳେ ଭଗବାନ ଯେ ସାତ ସମୁଦ୍ରର ଧନଦୌଲତ ପଣତରେ ଅଜାଡି ଦେବେ କଳ୍ପନା ବାହାରେ ଥିଲା। ବିରାଟ ବ୍ୟକ୍ତିତ୍ୱଧାରୀ ସୁପୁରୁଷ ଜି ଦାସଙ୍କୁ ପ୍ରଣତି ଜଣାଇଁ ଜନ୍ମଜନ୍ମାନ୍ତରର ସାଥୀରୂପେ ପ୍ରଭୁ ଜଗନ୍ନାଥଙ୍କ ନିକଟରୁ ମାଗି ନେଉଛି। ସେହି ପୁଣ୍ୟାତ୍ମା ପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ଲୀନ ହୋଇ ଯାଇଥିବେ ନିଶ୍ଚିତଭାବେ।

*୧୭୭-ଧର୍ମବିହାର*

*ମୋ- ୯୪୩୭୬୯୬୧୫୬*

# ଓଡ଼ିଶା ଗଣିତର ଅର୍ଦ୍ଧ ଶତାବ୍ଦୀର ଇତିହାସ ଓ ପ୍ରଫେସର ଗୋକୁଳାନନ୍ଦ ଦାସ

**ସୁଦର୍ଶନ ନନ୍ଦ**

୧୯୭୦ ଦଶକରୁ ପ୍ରାୟ ୫୦ବର୍ଷରୁ ଅଧିକ ସମୟକୁ ଓଡ଼ିଶା ଗଣିତ ଇତିହାସର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ଗଣିତର ଉନ୍ନତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ସହ ଓତଃପ୍ରୋତ ଭାବେ ଜଡ଼ିତ । ଲଣ୍ଡନରୁ କମନ୍ ୱେଲ୍‌ଥରେ ଉଚ୍ଚତର ଗବେଷଣା ସାରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଗୋଟିଏ ବର୍ଷ କଟାଇ ୧୯୭୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ ପ୍ରଫେସର ଗୋକୁଳାନନ୍ଦ ଦାସ ସେତେବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ଗଣିତ ପ୍ରଫେସର ଏବଂ ଶିକ୍ଷା ପ୍ରଶାସକ ପ୍ରଫେସର ବ୍ରଜବନ୍ଧୁ ମିଶ୍ର କୁଳ ସଚିବ, ପ୍ରଫେସର ମଦନ ମୋହନ ନନ୍ଦ ଗଙ୍ଗାଧର ମେହେର କଲେଜରେ ପ୍ରଫେସର, ପ୍ରଫେସର ଶିବ ପ୍ରସାଦ ମିଶ୍ର ରାଉରକେଲା ଆର୍.ଇ.ସି.ରେ ଗଣିତ ବିଭାଗର ପ୍ରଫେସର ଓ ପ୍ରଫେସର ଶ୍ରୀବତ୍ସ ନନ୍ଦ କାନାଡ଼ାରୁ ଗବେଷଣା ସାରି ଯୋଗ ଦେଲେ ୧୯୭୦ ରେ । ମୁଁ ଏମ୍.ଏସ୍.ସି ପରେ ସେହି ସମୟରେ ଆର.ଇ.ସି.ରେ ଯୋଗ ଦେଲି ଏବଂ ୧୯୮୦ରେ ଆଇ.ଆଇ.ଟି ଖଡ଼ଗପୁରକୁ ଗଲି । ପ୍ରଫେସର ସ୍ୱାଧୀନାନନ୍ଦ ପଟ୍ଟନାୟକ ଆମେରିକାରୁ ପି.ଏଚ୍.ଡ଼ି. ସାରି କିଛି ସମୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ରହି ୧୯୭୩ ବେଳକୁ ସମ୍ବଲପୁରରେ ଯୋଗ ଦେଲେ ।

ପ୍ରଫେସର ଗୋକୁଳାନନ୍ଦ ଦାସଙ୍କର ନେତୃତ୍ୱରେ ସାରା ଓଡ଼ିଶାର ସ୍କୁଲ, କଲେଜରେ ପ୍ରଥମ ଶ୍ରେଣୀରୁ ପି.ଜି. ପର୍ଯ୍ୟନ୍ତ କିପରି ଗଣିତ ପାଠ୍ୟକ୍ରମର ପରିବର୍ତ୍ତନ ହେବ, ସେଟ ଥିଓରି ଓ ନୂତନ ଗଣିତ ପଢାଯିବ ସେ ବିଷୟରେ ସଂଗ୍ରାମ ଚାଲିଲା । ଏ ସଂଗ୍ରାମକୁ ପୂଜ୍ୟ ପ୍ରଫେସରମାନେ ଯଥା ବ୍ରଜବନ୍ଧୁ ମିଶ୍ର, ଶିବ ପ୍ରସାଦ ମିଶ୍ର, ମଦନ ମୋହନ ନନ୍ଦ ଓ ଘନଶ୍ୟାମ ସାମଲ ଆଦି ସହମତି ଦେଲେ । ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ସହିତ ଯେଉଁମାନେ ଏ କାମରେ ଅଳ୍ପ ବହୁତେ ଭାଗ ନେଇଥିଲେ ସେମାନଙ୍କୁ କେହି କେହି ଆନନ୍ଦ ଗ୍ରୁପ ବୋଲି କହୁଥିଲେ ଏବଂ ସେମାନେ ହେଲେ ପ୍ରଫେସର ମଦନ ମୋହନ ନନ୍ଦ, ଗୋକୁଳାନନ୍ଦ ଦାସ, ଶ୍ରୀବତ୍ସ ନନ୍ଦ, ସ୍ୱାଧୀନାନନ୍ଦ ପଟ୍ଟନାୟକ ଏବଂ ସର୍ବକନିଷ୍ଠ ସୁଦର୍ଶନ ନନ୍ଦ । ସେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ରମାନାଥ ମହାନ୍ତି ଏବଂ ଗଣିତର ବିଭାଗୀୟ ମୁଖ୍ୟ ପ୍ରଫେସର ଶଙ୍କର ପ୍ରସାଦ ମିଶ୍ର । ପ୍ରଫେସର ମିଶ୍ର ୧୯୭୨ ମସିହା ଗଣେଶ ଚତୁର୍ଥୀ ଦିନ ଓଡ଼ିଶା ଗଣିତ ସଂସଦ' ଗଠନ କଲେ । ପ୍ରଫେସର ରମାନାଥ ମହାନ୍ତି – ସଭାପତି, ପ୍ରଫେସର ମିଶ୍ର – ସମ୍ପାଦକ ଓ ପ୍ରଫେସର ରାମ ଶଙ୍କର ରଥ – କୋଷାଧ୍ୟକ୍ଷ ଭାବେ । ପ୍ରତ୍ୟେକ ବର୍ଷ ଗଣିତ ସଂସଦର ବାର୍ଷିକ ଅଧିବେଶନରେ, ମଝିରେ ମଝିରେ Executive ମିଟିଂରେ ଏବଂ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ଗ୍ରୀଷ୍ମ କାଳୀନ କର୍ମଶାଳା ମାନଙ୍କରେ ପାଠ୍ୟକ୍ରମ ବିଷୟରେ ଆଲୋଚନା ଚାଲିଲା । ଓଡ଼ିଶା ସରକାର ଏବଂ ମାଧ୍ୟମିକ ବୋର୍ଡ଼ର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସମୟରେ ଆଲୋଚନା ହେଲା । ପ୍ରତିବର୍ଷ ଅଧିବେଶନର ସ୍ମରଣିକା ମାନଙ୍କରେ ଲେଖା ବାହାରିଲା । ସର୍ବଶେଷରେ ନୂଆ ପାଠ୍ୟକ୍ରମରେ ଅଧିକାଂଶରେ ସଫଳତା ମିଳିଲା ।

ଇଏତ ଗଲା ନୂଆ ପାଠ୍ୟକ୍ରମ ଏବଂ କର୍ମଶାଳା ମାଧମରେ ଶିକ୍ଷକ ପ୍ରଶିକ୍ଷଣ। ତାପରେ ଆଉ ଦୁଇଟି କଥା ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ମନକୁ ଆସିଲା ଏକ ଗବେଷଣାତ୍ମକ ଗଣିତ ପତ୍ରିକା ଓ ଗଣିତକୁ ପପୁଲାର କରିବା ପାଇଁ ଚେଷ୍ଟା। ୧୯୮୨ ମସିହାରେ Journal of Orissa Mathematical Society ଜନ୍ମଲାଭ କଲା ଏବଂ ପ୍ରଫେସର ଦାସ ସେ ପତ୍ରିକାର ମୁଖ୍ୟ। ଭାବେ ଦୀର୍ଘ ୨୨ ବର୍ଷ କାର୍ଯ୍ୟ କଲେ। ବର୍ତ୍ତମାନ ଆମେରିକାର ପ୍ରଫେସର ରାମ ନାରାୟଣ ମହାପାତ୍ର ମୁଖ୍ୟ ଏଡ଼ିଟର ଏବଂ ସୁଦର୍ଶନ ନନ୍ଦ ଦୀର୍ଘ ୧୫ ବର୍ଷ ଧରି ପରିଚାଳନା ଏଡ଼ିଟର ହିସାବରେ କାର୍ଯ୍ୟ କଲେ। ଗଣିତକୁ ଲୋକାଭିମୁଖୀ କରିବା ଏବଂ ଛାତ୍ର ମାନଙ୍କର ଗଣିତ ପ୍ରତି ଭୟ ଦୂର କରିବା ପାଇଁ ଅଭିନବ ଗଣିତ ବିଚିତ୍ରା ନାମରେ ଏକ ପତ୍ରିକାର ଶୁଭାରମ୍ଭ ହେଲା। ଏହାର ଦାୟିତ୍ୱ ପ୍ରଫେସର ବ୍ରଜବନ୍ଧୁ ମିଶ୍ର ଓ ଘନଶ୍ୟାମ ସାମଲ ନେଲେ। ପରେ ମଦନ ମୋହନ ମହାନ୍ତି ଏବଂ ନୀଳାମ୍ବର ବିଶ୍ୱାଳ ଏହାର ଦାୟିତ୍ୱ ନେଲେ। ଗଣିତ ଅଲମ୍ପିଆଡ଼ ଆରମ୍ଭ କରି ପ୍ରଫେସର ଦାସ ବହୁ ବର୍ଷ ତାକୁ ପରିଚାଳନା କଲେ।

ତା'ପରେ ପ୍ରଫେସର ଦାସଙ୍କ ମନକୁ ଆସିଲା ଓଡ଼ିଶାରେ ଏକ ଗଣିତ ପ୍ରତିଷ୍ଠାନର ପ୍ରତିଷ୍ଠା ଯାହାକି ଶିକ୍ଷା ଓ ଗବେଷଣା ସହ ଗଣିତକୁ ଲୋକାଭିମୁଖୀ କରିପାରିବ। ଏଥିପାଇଁ ଦୀର୍ଘ ବର୍ଷର ଚେଷ୍ଟା, ପ୍ରଫେସର ତ୍ରିବିକ୍ରମ ପତି, ଶିବ ପ୍ରସାଦ ମିଶ୍ର, ଘନଶ୍ୟାମ ସାମଲଙ୍କ ଏବଂ ଅନ୍ୟ କେତେଜଣ ଗଣିତ ଅଧ୍ୟାପକଙ୍କ ସହ ମିଶି ସର୍ବଶେଷରେ ୧୯୯୯ ମସିହାରେ ସ୍ୱପ୍ନ ସାର୍ଥକ ହେଲା ଏବଂ ପ୍ରଫେସର ସ୍ୱାଧୀନାନନ୍ଦ ପଟ୍ଟନାୟକ ପ୍ରଥମ ନିର୍ଦ୍ଦେଶକ ହେଲେ। ପ୍ରଫେସର ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗରୁ ସେବା ନିବୃତ୍ତ ହେବା ପରେ କୁଳପତି ଭାବରେ ଦାୟିତ୍ୱ ନେଇ ଖୁବ ସୁଚାରୁ ରୂପେ ବିଶ୍ୱବିଦ୍ୟାଳୟର ଉନ୍ନତି କରାଇଲେ। କେବେହେଲେ କୌଣସି କଥାରେ ଆପୋଷ ବୁଝାମଣା ନକରି ନିର୍ଭୀକ ଓ ସତ୍ୟନିଷ୍ଠ ଭାବେ କାର୍ଯ୍ୟ କରିଛନ୍ତି ଏବଂ ଏଥିପାଇଁ ବହୁତ ବାଧାବିଘ୍ନ ତାଙ୍କୁ ଅତିକ୍ରମ କରିବାକୁ ପଡ଼ିଛି। କିଛି ବର୍ଷ ଗଣିତ ସଂସଦର ସଭାପତି, ଗଣିତ ପ୍ରତିଷ୍ଠାନର ସଭାପତି ଓ ୟୁଜିସି କମିଟିର ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି। ଆମେରିକାର କାଲିଫର୍ଣ୍ଣିଆରେ ପରିଦର୍ଶନ ଅଧ୍ୟାପକ UGC ଓ NBHM ର Emeriters ଅଧ୍ୟାପକ ଭାବେ କାମ କରିଛନ୍ତି। ସାମନ୍ତ ଚନ୍ଦ୍ରଶେଖର ସହିତ ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି। ଗବେଷଣା ଦିଗରେ ଅତ୍ୟନ୍ତ ଉଚ୍ଚକୋଟିର, ବିଭିନ୍ନ ବିଷୟରେ ଗବେଷଣା କରି ୨୦୦ରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ବିଭିନ୍ନ ଉଚ୍ଚକୋଟିର ଆର୍ନ୍ତଜାତିକ ପତ୍ରିକାରେ ପ୍ରକାଶ କରିବା ସହ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ପି.ଏଚ୍.ଡ଼ି. ଡ଼ିଗ୍ରୀ କରାଇଛନ୍ତି। ନୂଆ ପାଠ୍ୟକ୍ରମ ଅନୁସାରେ ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ଗବେଷଣା ପର୍ଯ୍ୟନ୍ତ ପୁସ୍ତକ ରଚନା କରିଛନ୍ତି। ଗଣିତ ଛଡ଼ା ଅନ୍ୟାନ୍ୟ ପୁସ୍ତକ ଓ ବିଭିନ୍ନ ଲେଖା ଶେଷ ପର୍ଯ୍ୟନ୍ତ ଚାଲୁ ରହିଥିଲା ଶୂନ (Zero) ଉପରେ ଗବେଷଣାତ୍ମକ ପୁସ୍ତକ ଓଡ଼ିଆ ଓ ଇଂରାଜୀରେ ଲେଖିଛନ୍ତି। ଏହାପରେ ବିନ୍ଦୁ ଉପରେ ଲେଖାର ପାଣ୍ଡୁଲିପି ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ।

ଖାଲି ଓଡ଼ିଶା ବା ଆମ ଦେଶ ନୁହେଁ ଗଣିତ ଶିକ୍ଷା ଓ ଗବେଷଣାରେ ସାରା ପୃଥିବୀ ଉପକୃତ ହୋଇଛି। ଏହା ସହିତ ଏ ଲେଖକ ବହୁତ ବେଶୀ ଉପକୃତ ହୋଇଛି ଯାହାକି ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ପ୍ରଥମ ଗବେଷଣା ଛାତ୍ର ହେବାର ସୁଯୋଗ ପାଇ ଠିକ ସମୟରେ ଗବେଷଣା କରି ପି.ଏଚ୍.ଡ଼ି ଡ଼ିଗ୍ରୀ ପାଇଛି ଏବଂ ମୋର

ଗବେଷଣା ଯାହା କରିପାରିଛି ତାହା ସବୁ କେବଳ ପ୍ରଫେସର ଦାସଙ୍କ ପାଇଁ ସମ୍ଭବ ହୋଇପାରିଛି । ଆନନ୍ଦ ର ସଭ୍ୟମାନଙ୍କର ସାରଙ୍କ ଘରେ ଗଣିତ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନାରେ କେତେ ରାତି କଟିଛି । ଆମ ଚରିଜଣଙ୍କ (ପ୍ରଫେସର ଦାସ, ଶ୍ରୀବତ୍ସ ନନ୍ଦ, ସ୍ୱାଧୀନାନନ୍ଦ ପଟ୍ଟନାୟକ ଓ ମୁଁ) ଛଡ଼ା ଅଧିକାଂଶ ସମୟରେ ପ୍ରଫେସର ଶିବ ପ୍ରସାଦ ମିଶ୍ର ଓ ସମୟ ସମୟରେ ପ୍ରଫେସର ମଦନ ମୋହନ ନନ୍ଦ ଥାନ୍ତି । ଶ୍ରୀମତୀ ଦାସ ରାତି ଉଜାଗର ହୋଇ ଆମ୍ଭମାନଙ୍କର ଖାଇବା ଓ ଚା ଆଦିର ବ୍ୟବସ୍ଥା କରନ୍ତି । ସେ ପ୍ରତ୍ୟେକ କଥାରେ ଓ ପ୍ରତ୍ୟେକ କାମରେ ସାରଙ୍କ ସଙ୍ଗେ ସଙ୍ଗେ ଥାନ୍ତି ଏବଂ ସାରଙ୍କୁ ସାହାଯ୍ୟ କରିନ୍ତି । ସାର୍ ଛାତ୍ରଛାତ୍ରୀମାନଙ୍କୁ ନିଜର ପୁଅ, ଝିଅ, ସାନ ଭାଇ, ଭଉଣୀ ପରି ଅତ୍ୟନ୍ତ ସ୍ନେହ କରନ୍ତି, ତାଙ୍କ ଘରଟା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅବାଧ ପ୍ରବେଶ, ଯେପରି ସେଇଟା ଛାତ୍ରଛାତ୍ରୀ ମାନଙ୍କ ଘର । କେହି ପିଲା ବା କୌଣସି ଲୋକ ତାଙ୍କ ଘରୁ ନ ଖାଇ ଫେରି ପାରେନି ଏବଂ ମୋ ଭଳି ଦୂରରୁ ଆସିଥିବା ଛାତ୍ର ଘର ଲୋକ ଭଳି ଘରେ ରହନ୍ତି ।

ମୁଁ ସାରଙ୍କ ଘରର ଜଣେ ସଭ୍ୟ ହୋଇଗଲି । ସାର ମୋର ଶିକ୍ଷକ, ଦାର୍ଶନିକ, ପଥପ୍ରଦର୍ଶକ ଏବଂ ବଡ଼ ଭାଇ । ଶ୍ରୀମତୀ ଦାସ ମୋର ବଡ଼ ଭାଉଜ ଓ ମୟାଁ (ସାର୍‌ଙ୍କ ମା) ମୋ ମା' ହୋଇଗଲେ । ମୋର ପ୍ରଥମ ଦିନ ସାରଙ୍କ ଘରକୁ ଗଲାବେଳେ ମୟାଁଙ୍କର ଲେମ୍ବୁ ସରବତ ଦେବା ଏବଂ ପାଠ ପଢା ସରିବା ପରେ ସାରଙ୍କ ସହ ଖାଇବା ପାଇଁ ଭାଉଜ ବାଢି ଦେବା ଏକ ଅଭୁଲା ସ୍ମୃତି । ମୋର ସାରଙ୍କ ସହ ତାଙ୍କ ଗଙ୍ଗାଧର ମେହେର କଲେଜ ପାଖ ଭଡ଼ା ଘରେ ପ୍ରଥମ ଦେଖାରେ ମୋତେ ଗବେଷଣା ପାଇଁ ପାଠ ପଢାଇବାର ସାରଙ୍କର ହାତଲେଖା ସାଇତି ରଖିଛି । ଏଇ ଅଳ୍ପଦିନ ଆଗରୁ ମୋ ବିଷୟରେ ଗୋଟିଏ ଲେଖାର ପ୍ରଥମ ଡ୍ରାଫ୍ଟ ଲେଖୁଥିଲେ, ସେଟାକୁ ଫାଇନାଲ କରିବାକୁ ସମୟ ପାଇଲେନି । ଶେଷ ପର୍ଯ୍ୟନ୍ତ ସବୁଦିନେ ସକାଳ ଓ ସନ୍ଧ୍ୟା ଜଣେ ପରୀକ୍ଷାର୍ଥ ଛାତ୍ର ଭାବରେ ପଢାଘରେ ଲେଖା ପଢା କରି ଚାଲିଥିଲେ । ବିନ୍ଦୁ ଛଡ଼ା ଆହୁରି ଅନେକ ଲେଖା ଅସମ୍ପୂର୍ଣ୍ଣ ହୋଇ ରହିଗଲା ।

ସାରଙ୍କର ଦୁଇ ପୁତ୍ର ଓ ଏକ କନ୍ୟା । ବଡ଼ ପୁଅ ପରିବାର ସହ ଆମେରିକାରେ । ଝିଅ, ଜ୍ୱାଇଁ ଭୁବନେଶ୍ୱରରେ ଏବଂ ସାନ ପୁଅ ଓ ବୋହୁ ବାପା ମା'ଙ୍କ ପାଖରେ ଭୁବନେଶ୍ୱରରେ ସାରଙ୍କର ତାଙ୍କ ଗାଁ ବରୀ ସହିତ ଅତ୍ୟନ୍ତ ମମତା । ଶେଷ ସମୟ ପର୍ଯ୍ୟନ୍ତ ଅଧିକାଂଶ ସମୟ ଗାଁ ରେ କଟାଉଥିଲେ ଏବଂ ନିଜ ଘର ପାଖରେ ଗାଁ ରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ଅଗଷ୍ଟ ୧୬ତାରିଖ ଶନିବାର ସଂନ୍ଧ୍ୟା ସମୟ ଘରେ ଟିଭି ଦେଖୁ ଦେଖୁ ଅଳ୍ପ ସମୟ ଅସୁସ୍ଥତା ଭିତରେ ଇହଲୀଳା ସମ୍ବରଣ କଲେ । ଏ ଅପ୍ରତ୍ୟାଶିତ ଦୁଃଖ କେବେ ଭୁଲି ହେବନି ଏବଂ ଏ ଅପୂରଣୀୟ କ୍ଷତି ପୂରଣ ହୋଇପାରିବନି । ବିଧିର ବିଧାନ ।

ମାନନୀୟ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକବାର୍ତ୍ତା ପାଇଁ ଅଶେଷ ଧନ୍ୟବାଦ । ଈଶ୍ୱରଙ୍କ ଠାରେ ଏତିକି ବିନମ୍ର ପ୍ରାର୍ଥନା ସାରଙ୍କର ପରିବାର ବର୍ଗ, ବନ୍ଧୁବାନ୍ଧବ, ଛାତ୍ରଛାତ୍ରୀ, ଶୁଭେଚ୍ଛୁ, ଗଣିତ ପରିବାରର ସମସ୍ତଙ୍କୁ ଈଶ୍ୱର ଶକ୍ତି ଦିଅନ୍ତୁ ; ଏ ଅପୂରଣୀୟ କ୍ଷତି ସହିବା ପାଇଁ, ସାରଙ୍କର ଆତ୍ମା ଶାନ୍ତିରେ ରହୁ ଏବଂ ଯେଉଁଠି ଥାଆନ୍ତୁ ନା କାହିଁକି ସମସ୍ତଙ୍କୁ ପୂର୍ବପରି ଆଶୀର୍ବାଦ କରନ୍ତୁ ଓ ଦିଗ ଦର୍ଶନ ଦିଅନ୍ତୁ ।

*ମୋବାଇଲ : ୮୭୬୩୦୦୪୦୦୮*

# ଭିନ୍ନ ଏକ ଅନୁଷ୍ଠାନ

**ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ**

୧୯୭୮ ମସିହାର କଥା। ଠିକ୍ ତାରିଖ ମନେ ନାହିଁ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଶ୍ରେଣୀ ଗୃହ ନିରବ ନିସ୍ତବ୍ଧ । ସମସ୍ତେ ପେକ୍ଷା କରିଥାନ୍ତି ନୂଆ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପ୍ରଥମ ଥର କ୍ଲାସ ନେବେ । ସେହି ମୁହୂର୍ତ୍ତ ଆସିଗଲା । ଭିନ୍ନ ଏକ ଚେହେରା । ମୁଣ୍ଡର କେଶ ଗୁଡ଼ିକ କାନ୍ଧ ର୍ପଯ୍ୟନ୍ତ ଲମ୍ୱିଥାଏ । ଆଖିରେ କଳା ଚଷମା । କାହାକୁ ଅନାଉ ଥାନ୍ତି ଜଣା ପଡୁନଥାଏ । ମୁଁ ପ୍ରଥମ ଧାଡ଼ିର ମଝି ଡେକ୍ସର ପ୍ରଥମ ସିଟ୍‌ରେ ବସିଥାଏ ଯାହାକି ସାରଙ୍କ ଠିକ ସାମ୍ନାରେ। ଭୟ ଲାଗୁଥାଏ । ଅନ୍ୟ ସାରଙ୍କ କ୍ଲାସରେ ପିଲାମାନେ ଯେଭଳି ଟୁପରୁଟାପର ହୋଇଥାନ୍ତି ସେଭଳି ନ ହୋଇ ପୁରା ଚୁପ୍ । ସାର୍ ସିଧା ବିଷୟବସ୍ତୁକୁ ଗଲେ। ସେଦିନ କ'ଣ ପଢ଼ାଇଲେ ଠିକ୍‌ରେ ମନେ ନାହିଁ । ତଥାପି ତାହା Applied Mathematics ର ଏକ ବିଷୟ ଥାଏ ଯାହାକି ବହୁତ କଠିନ । ପାଠ ପଢ଼ାଇଲା ସମୟରେ ମଝିରେ ମଝିରେ ପ୍ରାୟ ୧/୨ ମିନିଟ୍ ପର୍ଯ୍ୟନ୍ତ କିଛି ନ କହି ସେହିଭଳି ଛିଡ଼ା ହୋଇ ଯାଆନ୍ତି। ସମସ୍ତେ ଅଙ୍କ ବହୁତେ ଭାବୁଥାନ୍ତି ବୋଧହୁଏ ସାରଙ୍କ ମନେ ପଡୁନାହିଁ । ଠିକ ସେହି ସମୟରେ ଏକ ଗୁରୁ ଗମ୍ଭୀର ସ୍ୱରରେ ପରବର୍ତ୍ତୀ ଧାଡ଼ି କୁହନ୍ତି ଏବଂ ଲେଖନ୍ତି ଯାହାକି ସବୁଠାରୁ କଠିନ ଥାଏ କିନ୍ତୁ ସେ ସରଳ ଭାଷାରେ ବୁଝାନ୍ତି । ତାପରେ ଆମେ ଭାବୁ ଯେ ଆମ ମାନଙ୍କର ଭାବନା ଭୁଲ, ସେ କିନ୍ତୁ ଆମକୁ ସମୟ ଦେଇଥାନ୍ତି ଯେ ପିଲାମାନେ ଗଭୀର ଭାବେ ଭାବନ୍ତୁ।

ଏହା ହିଁ ଥିଲା ତାଙ୍କର ପାଠ ପଢ଼ାର ଶୈଳୀ ଯାହାକି ଅନ୍ୟମାନଙ୍କଠାରୁ ଭିନ୍ନ । ସେ କେହି ନୁହଁନ୍ତି, ସେ ହେଉଛନ୍ତି ଦିବଂଗତ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ ।

୧୯୮୦ ମସିହାରେ ଆମର ଉତ୍କଳ ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷା ଫଳ ବାହାରିଲା । ମୁଁ ପ୍ରଥମ ହୋଇଥିଲି । ସେହି ବର୍ଷ ମଧ Convocation ହେଲା। ମୁଁ ସ୍ୱର୍ଣ୍ଣ ପଦକ ପାଇଲି । ସବୁ ସାରମାନଙ୍କୁ ଦେଖା କରିବାକୁ ଯାଇଥାଏ । ବିଭାଗୀୟ ମୁଖ୍ୟ ଡଃ ଦାସଙ୍କୁ ଦେଖା କଲାବେଳେ ସେ ମତେ କହିଲେ ଏହି ବର୍ଷ ଆମ ବିଶ୍ୱ ବିଦ୍ୟାଳୟରେ M.Phil ଖୋଲିବ। ମୁଁ ଚାହୁଁଛି ତମେ M.Phil Admission କରି ଏଠାରେ Phd କର। ସେଥିରେ ତୁମର ଭବିଷ୍ୟତ ଉଜ୍ୱଳ ହେବ । ତାଙ୍କ କଥାରେ ହଁ ଭରିଲି। M.Phil Admission କଲି ଏବଂ ପ୍ରଥମ ଛାତ୍ର ଭାବେ ଆଡ଼ମିଶନ୍ ନେଲି। ମୁଁ ଚଣ୍ଡିଖୋଲ କଲେଜରେ ଅଧାପକ ଥାଏ। କିନ୍ତୁ ମନ ଭିତରେ ଏକ ପ୍ରଶାସନିକ ଅଧିକାରୀ ହେବାକୁ ଇଚ୍ଛା ଥାଏ। IAS ରେ ଅଳ୍ପରେ କଟିବା ପରେ OAS ରେ ଯୋଗ ଦେଲି । ଏହା ଭିତରେ କାର୍ଯ୍ୟ ଚାପରେ ମୁଁ ସାମୟିକ ଭାବେ ସାରଙ୍କୁ ଭୁଲି ଯାଇଥାଏ।

୨୦୧୫ ମସିହା କଥା। ମୁଁ ହସ୍ତତନ୍ତ ବିଭାଗରେ ନିର୍ଦ୍ଦେଶକ ଥାଏ। ପ୍ରାଇଭେଟ ସେକ୍ରେଟାରୀ ମତେ କହିଲେ କି ଆପଣଙ୍କୁ ପାଠ ପଢ଼ାଇଥିବା ଜଣେ ସାର ଡକ୍ଟର ଜି. ଦାସ ଆପଣଙ୍କ ସହିତ କଥା ହେବାକୁ ଚାହୁଁଛନ୍ତି। ମୁଁ

ତତ୍‌କ୍ଷଣାତ କହିଲି ଫୋନ୍ ଦିଅ । ସାରଙ୍କ ସହିତ କଥା ହେଲି । କିଛି ପ୍ରାରମ୍ଭିକ ଆଲୋଚନା ପରେ ସେ କହିଲେ ଆମ ଅଫିସ ଆସିବାକୁ। କେଉଁ ସମୟରେ ମୁଁ ଅଫିସରେ ରହେ ସେ କଥା ପଚାରିବାରୁ ମୁଁ ତାଙ୍କୁ ତାଙ୍କ ସମୟ ହିସାବରେ ଆସିବାକୁ କହିଲି । ସେ ସମୟ ଆସିଗଲା । ମୁଁ ସାରଙ୍କୁ ତାଙ୍କ ଗାଡ଼ି ପାଖରୁ ମୋ ଅଫିସ ରୁମ୍‌କୁ ପାଛୋଟି ଆଣିଲି । ସେ ସୋଫାରେ ବସିଥାନ୍ତି । ମୁଁ ଛିଡ଼ା ହୋଇଥାଏ । ସେ ବହୁଥର ବସିବାକୁ କହିବାରୁ ମୁଁ ଟିକେ ଦୂରରେ ବସିଲି। ମନେ ମନେ ଭାବୁଥାଏ ଆଜି ମୋର କି ଭାଗ୍ୟ । ଏହି ଅଫିସକୁ କେନ୍ଦ୍ର ସରକାରଙ୍କ ସେକ୍ରେଟେରୀ ପର୍ଯ୍ୟନ୍ତ ଆସିଛନ୍ତି କିନ୍ତୁ ସେତେବେଳେ ମତେ ସେପରି କିଛି ଅନୁଭୂତି ହୁଏନି । ସେ ଯାହାହେଉ ହସ୍ତତନ୍ତ ବିଷୟରେ ଆଲୋଚନା ହେଲା । ଓଡ଼ିଶାର ହସ୍ତତନ୍ତ ବିଷୟରେ ଆଲୋଚନା କଲେ ଏବଂ କିଭଳି ବିଭିନ୍ନ ବୈଷୟିକ ଅଧିକାରୀମାନେ ଏଠାରେ ଚୟନ ହୁଅନ୍ତି ସେ ବିଷୟରେ ଅବଗତ ହେଲେ । ମୁଁ ପରେ ଜାଣିଲି ସେ ନିର୍ଦ୍ଦିଷ୍ଟ ଭାବେ ଯାହା ଚାହୁଁଥିଲେ ତାହା ହିଁ ହେଲା କିନ୍ତୁ ମୋ ଅଜାଣତରେ । ଏଠାରୁ ତାଙ୍କର ମହନୀୟତା ପୁଣି ଥରେ ପ୍ରମାଣିତ ହେଲା ।

ଅଗଷ୍ଟ ୧୪ ତାରିଖ ୧୯୧୬ ମସିହା କଥା। ମେ'ଫେୟାର ହୋଟେଲ ରେ ହସ୍ତତନ୍ତ ମେଳାର ଉଦ୍‌ଘାଟନ ପାଇଁ ମତେ ଅନୁରୋଧ କରାଯାଇଥିଲା । ମୁଁ କିନ୍ତୁ ସାରଙ୍କ ହାତରେ ଉଦ୍‌ଘାଟନ ପାଇଁ ତାଙ୍କୁ ଫୋନରେ ଅନୁରୋଧ କଲି। ସେ ବହୁତ ନମ୍ରତାର ସହିତ କହିଲେ ମୁଁ ବାହାରକୁ ବହୁତ କମ୍ ଯାଉଥିବାରୁ ସେ କାର୍ଯ୍ୟରେ ଯୋଗ ଦେଇ ପାରିବି ନାହିଁ। ମୁଁ ଭାବିଲି ସାରଙ୍କ ସ୍ଥାନରେ ଆଉ ଜଣେ ଗଣିତଜ୍ଞ ଉଦ୍‌ଘାଟନ କଲେ ଭଲ ହୁଅନ୍ତା ତାହା ଭାବି ପ୍ରାଧ୍ୟାପକ ନୀଳାମ୍ବର ବିଶ୍ୱାଳ ଯେ କି ସଦ୍ୟ କମଳା ନେହେରୁ ମହାବିଦ୍ୟାଳୟରୁ ଅବସର ନେଇଥାନ୍ତି, ତାଙ୍କୁ ଅନୁରୋଧ କଲି । ସେପଟେ ବିଭାଗର ଅନ୍ୟମାନେ ସମସ୍ତ Addl. Director, Deputy Director ଓ ଅନ୍ୟମାନେ ଅପେକ୍ଷାରେ ଥାନ୍ତି ଯେ ତାଙ୍କ ଡାଇରେକ୍ଟରଙ୍କଠାରୁ ଜଣେ କିଏ ବଡ଼ ପ୍ରଫେସର ଉଦ୍‌ଘାଟନ କରିବେ । ତାହାହିଁ ହେଲା । ପ୍ରଫେସର ନୀଳାମ୍ବର ବିଶ୍ୱାଳ ଉଦ୍‌ଘାଟନ କଲେ। ସେ ସଭାରେ ମୁଁ କହିଥିଲି ଯେ ପ୍ରଫେସର ଡଃ ଦାସ ଯେ କି ଜଣେ ଗଣିତଜ୍ଞ କେତେକ ପିଏଚ୍.ଡ଼ି ଛାତ୍ର ସୃଷ୍ଟି କରିଛନ୍ତି । ଯେ କି ପୂର୍ବତନ ଉତ୍କଳ ବଶ୍ୱିଦ୍ୟାଳୟର କୁଳପତି, ତାଙ୍କର କିଭଳି ହସ୍ତତନ୍ତ ଉପରେ ଗଭୀର ଅନ୍ଦାଜ । ସେ ଆସି ପାରିଲେନି କିନ୍ତୁ ତାଙ୍କର ସୁଯୋଗ୍ୟ ଛାତ୍ର ପ୍ରଫେସର ନୀଳାମ୍ବର ବିଶ୍ୱାଳଙ୍କ ହାତରେ ଉଦ୍‌ଘାଟନ ହେବା କିଛି କମ୍ କଥା ନୁହେଁ।

ସେ କେବଳ ଜଣେ ଅଧ୍ୟାପକ ନୁହଁନ୍ତି ଗଣିତରେ ନୂଆ ନୂଆ ବିଷୟ ବାହାର କରିଥିବା ଏକ ଫ୍ୟାକ୍ଟରୀ ଯେ ବହୁତ ପିଏଚ୍‌ଡି ଛାତ୍ର ସୃଷ୍ଟି କରିଛନ୍ତି । ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପ୍ରଶାସକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହେବର ଗୌରବ ଅର୍ଜନ କରିଛନ୍ତି । ସେ ଏକ ବ୍ୟକ୍ତି ନୁହଁନ୍ତି ଭିନ୍ନ ଏକ ଅନୁଷ୍ଠାନ।

-୦-

# ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ସ୍ମୃତିରେ

**ଡଃ ବୀରେନ୍ଦ୍ର ନାୟକ**

୧୬ ଅଗଷ୍ଟ ୨୦୨୫, ସନ୍ଧ୍ୟା ୮ ଘଟିକା ୩୦ ମିନିଟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ, ଶତାଅଶି ବର୍ଷ ବୟସରେ, ଧର୍ମବିହାର ସ୍ଥିତ ବାସ ଗୃହରେ ଦେହତ୍ୟାଗ କଲେ। ଏହା ତାଙ୍କର ଅଗଣିତ ଛାତ୍ର ଓ ପ୍ରଶଂସକଙ୍କୁ ଶୋକାଗ୍ରସ୍ତ କରିଛି ଓ ଏକ ଅଭାବବୋଧରେ ଆକ୍ରାନ୍ତ କରିଛି ।

ପ୍ରଫେସର ଗୋକୁଳାନନ୍ଦ ଦାସ ଥିଲେ ମୂଳତଃ ଭାରତର ଜଣେ ଆଗଧାଡିର ଗଣିତଜ୍ଞ– ଦେଶ ବିଦେଶର ସମ୍ଭ୍ରାନ୍ତ ଗାଣିତିକ ପତ୍ରିକାରେ ଅନେକ ମୌଳିକ ଗାଣିତିକ ଗବେଷଣା ନିବନ୍ଧ ପ୍ରକାଶ କରିଥିବା ଉଚ୍ଚକୋଟୀର ଗବେଷକ ଓ ସଫଳ ଶ୍ରେଣୀ ଗୃହ ଶିକ୍ଷକ। ପ୍ରାୟ ୩୮ ବର୍ଷର ଶିକ୍ଷକତା କାଳରେ ଅର୍ଦ୍ଧେକ ସମୟ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗଣିତ ବିଭାଗରେ ଶିକ୍ଷାଦାନ କରିଛନ୍ତି। ଏହା ପୂର୍ବରୁ କିଛି ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଗଂଗାଧର ମେହର କଲେଜରେ ସେ ଶିକ୍ଷାଦାନ କରିଥିଲେ। କିନ୍ତୁ ଶିକ୍ଷକ ଜୀବନର ଚୂଡାନ୍ତ ଲକ୍ଷ୍ୟ କୁଳପତି ପଦରେ ଅଧିଷ୍ଠିତ ହେବାର ସୁଯୋଗ ତାଙ୍କର ଆସିଛି ୧୯୯୮ ମସିହା ଅକ୍ଟୋବର ମାସରେ, ବିଭାଗରୁ ଅବସର ନେବାର ମାତ୍ର ୪ ମାସ ପରେ, ଯେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ଓଡିଶାର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର, ସେ ପର୍ଯ୍ୟନ୍ତ ୫୫ବର୍ଷ ଇତିହାସରେ କୁଳପତି ଭାବେ ନିଯୁକ୍ତି ପାଇବାରେ ସେ ଥିଲେ ଦ୍ୱିତୀୟ ଗଣିତ ପ୍ରଫେସର। ପ୍ରଥମ ଥିଲେ ପ୍ରଫେସର ଦାସଙ୍କର ଅତି ସମ୍ମାନୀୟ ଗୁରୁ ପ୍ରଫେସର ରମାନାଥ ମହାନ୍ତି। ସେ କୁଳପତି ହୋଇଥିଲେ ପ୍ରଫେସର ଦାସ କୁଳପତି ହେବାର ପ୍ରାୟ ୨୫ ବର୍ଷ ପୂର୍ବରୁ ।

ପ୍ରଫେସର ଦାସ ୩ ବର୍ଷ କୁଳପତି ଥିଲେ, ୨୦୦୧, ଅକ୍ଟୋବର ୮ ତାରିଖ ଯାଏ। ବେଶ ଘଟଣା ବହୁଳ ଥିଲା ଏହି ତିନି ବର୍ଷ। ମହାବାତ୍ୟା ବିଶ୍ୱବିଦ୍ୟାଳୟର ପ୍ରାକୃତିକ ପରିବେଶକୁ ଖିନ୍‌ଭିନ କରିଦେଇଥିଲା। ଛାତ୍ର ବିଶୃଂଖଳା ଚରମରେ ପହଂଚିଥିଲା। ଶିକ୍ଷକ ମହଲରେ ପ୍ରଭାବଶାଳୀ ଶିକ୍ଷକ ଓ କର୍ମଚାରୀଙ୍କର ସହଯୋଗ ଆଶାନୁରୂପ ହେଉ ନଥିଲା। ଗଣମାଧମ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଲକ୍ଷ୍ୟ କରି ପ୍ରଶାସନ ବିରୋଧରେ ଅନବରତ କିଛି ନା କିଛି ଖବର ପ୍ରକାଶ କରୁଥିଲା। ଯାହାର କୈଫିୟତ କୁଳାଧିପତିଙ୍କୁ ଦେବା ପ୍ରଶାସନର ଏକ ନିୟମିତ କାର୍ଯ୍ୟ ହୋଇଥିଲା। ସରକାରଙ୍କ ତରଫରୁ ସୁରକ୍ଷା ବିଳମ୍ବିତ ହେଉଥିଲା। କହିବା ବାହୁଲ୍ୟ ଯେ ଦୁଇ ଦୁଇ ବାର ବିଶ୍ୱବିଦ୍ୟାଳୟକୁ ସାଇନଡାଏ କରିବାକୁ ପଡିଥିଲା। ମନେ ହେଉଥିଲା ଯେପରି ଏକ ପରିସ୍ଥିତି ସୃଷ୍ଟି କରାଯାଉଛି ଯେପରି କୁଳପତି ତାଙ୍କ ପଦବୀରୁ ଇସ୍ତଫା ଦେଇ ଚାଲି ଯିବେ। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଶିକ୍ଷାଦାନ ଓ ଗବେଷଣାର ଏକ ନିରାପଦ ପରିବେଶରେ ନିଜର କର୍ମମୟ ଜୀବନ ଅତିବାହିତ କରିଥିବା ଜଣେ ଉଚ୍ଚକୋଟିର ଗବେଷକ ଓ ଶିକ୍ଷକ, କୁଳପତି ଦାୟିତ୍ୱରେ ରହି ଏପରି ଅନିଶ୍ଚିତ ପ୍ରତିକୂଳ ପରିବେଶ ସମ୍ମୁଖୀନ ହେବା ଅପେକ୍ଷା ଦାୟିତ୍ୱରୁ ଅବ୍ୟାହତି ନେଇଯିବା ଶ୍ରେୟସ୍କର ବୋଲି ଭାବନା ଯେ ପ୍ରଫେସର ଦାସଙ୍କ ମନରେ ଉଙ୍କି ମାରି ନଥିବ ଏପରି ନୁହେଁ। କିନ୍ତୁ ସେ ଏପରି

ଭାବନାକୁ ପଛରେ ପକାଇ ଯେତେବେଳେ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ବିସ୍ତାର କରିବାକୁ ଯାଇ ନୂତନ ପାଠ୍ୟକ୍ରମ ପ୍ରଚଳନ କରିବା ଆରମ୍ଭ କଲେ, ପାଖାପାଖି ସମ୍ପର୍କିତ ପାଠ୍ୟକ୍ରମ ଗୁଡିକୁ ନେଇ ସ୍କୁଲର ଧାରଣା ସ୍ଥାପନ କରିବାରେ ଲାଗିଲେ, ବହୁ ବର୍ଷ ଧରି ପଦୋନ୍ନତି ଅପେକ୍ଷାରେ ଥିବା ଶତାଧିକ ଅଧ୍ୟାପକଙ୍କୁ ତାଙ୍କର ପ୍ରାପ୍ୟ ଦେବାରେ ଲାଗି ପଡିଲେ, ସେତେବେଳେ ସେମାନେ ନିରାଶ ହେଉଥିଲେ ଯେଉଁମାନେ ଅପେକ୍ଷା କରୁଥିଲେ ବିଶୃଂଖଳା ଦ୍ୱାରା ଅତିଷ୍ଠ ହୋଇ ପ୍ରଫେସର ଦାସ ଇସ୍ତଫା ଦେଇ ପଳାଇବେ । ପ୍ରଫେସର ଦାସ ତ ଯେପରି ଲାଗି ପଡିଥିଲେ, ସର୍ବଭାରତୀୟ ସ୍ତରରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ନୂତନ ପରିଚିତି ଦେବା ପାଇଁ । ଯେତେବେଳେ କୌଣସି ଭାରତୀୟ ବିଶ୍ୱବିଦ୍ୟାଳୟରେ ପାଂଚ ବର୍ଷିଆ ପାଠ୍ୟକ୍ରମର ପ୍ରଚଳନ ନ ଥିଲା ସେତେବେଳେ ପ୍ରଥମ ଥର ପାଇଁ ଉତ୍କଳ ବିଶ୍ୱବିଦ୍ୟାଳରେ ଏହାର ପ୍ରଚଳନ ଆରମ୍ଭ ହେଉଥିଲା । କେଉଁଠାରେ ନାହିଁ ଏଠାରେ କିପରି ହେବ ଓ ଏହାର ଭବିଷ୍ୟତ କଣ ହେବ ଏହି ଭଳି ପ୍ରଶ୍ନ କରୁଥିବା ସମାଲୋଚକମାନଙ୍କୁ ପ୍ରଫେସର ଦାସଙ୍କର ଏକ ସ୍ମରଣୀୟ ଉତ୍ତର ଥିଲା -ଯଦି ଲାଂଗୁଳା ନରସିଂହ ଦେବ ଅପେକ୍ଷା କରିଥାନ୍ତେ ଆଉ କେଉଁଠାରେ ଦୃଷ୍ଟାନ୍ତ ପାଇଲା ପରେ, ଓଡିଶାରେ କୋଣାର୍କ ମନ୍ଦିର ଠିଆ କରିବେ, ତାହାହେଲେ ଓଡିଶାବାସୀ କୋଣାର୍କ ବିଶ୍ୱର ଏକ ଆଶ୍ଚର୍ଯ୍ୟ ବୋଲି ଗର୍ବ କରିବାର ସୁଯୋଗ ପାଉ ନ ଥାନ୍ତେ । ନୂତନ ପାଠ୍ୟକ୍ରମର ପ୍ରଚଳନ ବିରୋଧରେ ଯେ ବହୁ ଆବେଦନ ପାଠ୍ୟକ୍ରମକୁ ନିୟନ୍ତ୍ରଣ କରୁଥିବା ବିଭିନ୍ନ ସର୍ବଭାରତୀୟ ସଂସ୍ଥାକୁ ପଠାଯାଉଥିଲା -ଏହା କହିବା ବାହୁଲ୍ୟ ମାତ୍ର । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରକାଶନ ବିଭାଗର ପୁନରୁଦ୍ଧାର ପାଇଁ ସେ କିଛି ପଦକ୍ଷେପ ନେଉଥିଲେ । ଯାହା ଅବଶ୍ୟ ସମୟ ସାପେକ୍ଷ ଥିଲା । କିନ୍ତୁ ଏହା ଯଦି ସଫଳ ହୋଇଥାନ୍ତା ତାହାହେଲେ ବିଶ୍ୱବିଦ୍ୟାଳୟର ପରିଚିତିରେ ଔଜଲ୍ୟ ଆସିଥାନ୍ତା ।

ପ୍ରତିକୂଳ ପରିସ୍ଥିତି କିପରି ଜଣେ ବ୍ୟକ୍ତିର ମାନସିକ ଶକ୍ତିକୁ ଅଦମନୀୟ କରିପାରେ । ତାହାର ଏକ ବଳିଷ୍ଠ ଉଦାହରଣ ହୋଇ ପ୍ରକଟିତ ହେଉଥିଲେ ପ୍ରଫେସର ଦାସ । ଅନୁଷ୍ଠାନ ମଧ୍ୟରେ ଗୋଷ୍ଠୀ ବିଭକ୍ତ ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ଉର୍ଦ୍ଧ୍ୱରେ ନିଜକୁ ରଖିବା ଏକ ନୀତିଭିତ୍ତିକ ପ୍ରଶାସନର ସମ୍ଭାବନା ପ୍ରତି ଇଂଗିତ କରୁଥିଲା । ହୁଏତ ଏହା ପଛରେ ଏକ କାରଣ ଥିଲା ତାଙ୍କର ପ୍ରଶାସନରେ ନିରପେକ୍ଷତା ପ୍ରତି ପ୍ରତିବଦ୍ଧତା ଓ ପଦବୀ ପ୍ରତି ଅନାସକ୍ତି । ତାଙ୍କର ପଦବୀ ପ୍ରତି ଅନାସକ୍ତି ଜଣାପଡେ ଯେତେବେଳେ ଏହି ପଦବୀ ସହ ଥିବା ବାହ୍ୟିକ ଆଡମ୍ବରକୁ ସେ ସଚେତନ ଭାବେ ପ୍ରତ୍ୟାଖ୍ୟାନ କରନ୍ତି । ଯେପରି କୁଳପତିଙ୍କ ପାଇଁ ଉଦ୍ଦିଷ୍ଟ ନୂତନ କୋଠରୀକୁ ନ ଯାଇ ବରଂ ବସନ୍ତି ସେହି ପୁରୁଣା କୋଠରୀରେ ଯାହାକୁ ଏକଦା ବିକ୍ଷୋଭକାରୀ ଛାତ୍ରମାନେ ପଶି ବିକୃତ କରି ଦେଇଥିଲେ । ନିଜେ ରହୁଥିବା ବଂଗଳାଟିର ମଧ୍ୟ ଚୂନ ଧଉଳା କରନ୍ତି ନାହିଁ । ଅଫିସର ସେହ ପୁରୁଣା ଆମ୍ବାସାଡର ଗାଡିରେ ଯିବା ଆସିବା କରନ୍ତି । କୁଳପତି ଭାବେ ୩ ବର୍ଷର ସମ୍ପୂର୍ଣ୍ଣ କାର୍ଯ୍ୟକାଳ ସରିବା ଦିନ ସନ୍ଧ୍ୟାବେଳେ କୁଳପତି ବଂଗଳାକୁ ଖାଲିକରି ଧର୍ମବିହାର ସ୍ଥିତ ଅସଜଡା ଘରକୁ ଚାଲି ଆସନ୍ତି । ଆଉ ୩ ମାସ ପାଇଁ କୁଳପତି ରହିବାର କୁଳାଧିପତିଙ୍କର ପରାମର୍ଶକୁ ସବିନୟ ମନା କରି ଦିଅନ୍ତି । ଅଥଚ କାର୍ଯ୍ୟକାଳର ଶେଷ ଦିନରେ, ଅପରାହ୍ନରେ ଫର୍ମାସୀ ଛାତ୍ରଙ୍କ ଦ୍ୱାରା ହେଉଥିବା ଏକ ଦାବି ସଭାରେ ସେ ଉପସ୍ଥିତ ରହି ଅଭିଯୋଗ ଶୁଣନ୍ତି ଓ ଅଭିଯୋଗର ନିରାକରଣ ପାଇଁ ପଦକ୍ଷେପର ପରାମର୍ଶ ଦିଅନ୍ତି।

ପ୍ରଫେସର ଦାସ କୁଳପତି ଥିବା ବେଳେ ତାଙ୍କର ଗୋଟିଏ ନିଷ୍ପତ୍ତି ବେଶ ଚର୍ଚ୍ଚିତ ଥିଲା ଯାହା ତାଙ୍କର ନିରପେକ୍ଷତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଲ୍ଲେଖ କରାଯାଇପାରେ । ଏହା ଥିଲା ଜଣେ ଅଧ୍ୟାପକଙ୍କର ପଦୋନ୍ନତି ପ୍ରସଙ୍ଗରେ । ପଦୋନ୍ନତି ପାଇଁ ପ୍ରାର୍ଥୀଙ୍କର ସାକ୍ଷାତକାର ସମୟରେ ଜଣେ ବିଶେଷଜ୍ଞ ସଭ୍ୟ ଯିଏ ଚୟନ କମିଟିରେ କୁଳାଧିପତିଙ୍କର ପ୍ରତିନିଧି ଥିଲେ, ସେ କୁଳପତି ଭାବେ ଚୟନ କମିଟିର ଅଧ୍ୟକ୍ଷତା କରୁଥିବା ପ୍ରଫେସର ଦାସଙ୍କୁ ଦୃଷ୍ଟିକୁ ଆଣିଲେ ଯେ ପ୍ରାର୍ଥୀ ଜଣକ କେତେ ତୀବ୍ର ଭାଷାରେ କୁଳପତିଙ୍କୁ ସମାଲୋଚନା କରିଛନ୍ତି ଯାହା ସେ ତାଙ୍କ ଚରିତ୍ର ପଂଜିକାରେ ଉଲ୍ଲେଖ କରିଛନ୍ତି ଓ ପଚାରିଥିଲେ ଏପରି ପ୍ରାର୍ଥୀଙ୍କୁ ପଦୋନ୍ନତି ଦେବା ଉଚିତ ହେବ କି ? ପ୍ରଫେସର ଦାସଙ୍କ ଉତ୍ତର ଥିଲା ମୋ ବିରୋଧରେ ପ୍ରାର୍ଥୀ ଯାହା ଲେଖିଛନ୍ତି ତାହା ମୁଁ ବୁଝିବି । ଆପଣ ମୋତେ କେବଳ କହିବେ ଶିକ୍ଷାଗତ ଯୋଗ୍ୟତାରେ ପ୍ରାର୍ଥୀ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ କି ନୁହଁନ୍ତି । ଯଦି ଯୋଗ୍ୟ ହୁଅନ୍ତି , ମୋ ବିଷୟରେ ସେ କଣ ଲେଖିଛନ୍ତି, ତାହା ତାଙ୍କ ପଦୋନ୍ନତିରେ ବାଧକ ହେବା ଉଚିତ ନୁହେଁ । ଅବଶ୍ୟ ପ୍ରାର୍ଥୀ ଜଣକ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବେଶ ଯୋଗ୍ୟ ଥିଲେ ପଦୋନ୍ନତି ପାଇଁ । ସେ ପଦୋନ୍ନତି ପାଇଲେ । ଏହି ଅଭିଜ୍ଞତା ବର୍ଣ୍ଣନା କରି ସେ ବିଶେଷଜ୍ଞ ଆଶ୍ଚର୍ଯ୍ୟ ହେଉଥିଲେ, ପ୍ରଫେସର ଦାସଙ୍କ ନିରପେକ୍ଷତା ଉପରେ । ଆଉ ଏକ ଉଦାହରଣ ହେଉଛି ଜଣେ ଅଧ୍ୟାପକଙ୍କର ବିରୋଧରେ ଅଭିଯୋଗ ହେଉଥିଲା ଯେ ବିଶୃଂଖଳା ଭିଆଉ ଥିବା କିଛି ଛାତ୍ରଙ୍କୁ ସେ ସୁରକ୍ଷା ଦେଉଛନ୍ତି । କିନ୍ତୁ ଏହି ଅଧ୍ୟାପକଙ୍କର ଖ୍ୟାତି ଥିଲା ଭଲ ଗବେଷକ ଭାବେ । ସେ ବିଦେଶ ଯିବା ପାଇଁ ଏକ ଫେଲୋସିପ ପାଇଥିଲେ । କିନ୍ତୁ ତାଙ୍କ ବିରୋଧରେ ହେଉଥିବା ଅଭିଯୋଗ ଫଳରେ କୁଳପତି ତାଙ୍କୁ ଛୁଟି ମଂଜୁର କରିବେ କି ନାହିଁ ସେ ଆଶଙ୍କା ତାଙ୍କ ମନରେ ଥିଲା । ସେ ଯାଇ କୁଳପତିଙ୍କୁ ଦେଖା କରିଥିଲେ । ସେ ସାକ୍ଷାତକାର ବେଳେ କୁଳପତିଙ୍କ ବିରକ୍ତି ଭାବରୁ ଜାଣିଲେ ଯେ ସେ ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି । ନିରାଶ ମନରେ ସେ ଫେରିଥିଲେ କୁଳପତିଙ୍କ ପାଖରୁ । କିନ୍ତୁ ପରେ ତାଙ୍କ ଛୁଟି ମଂଜୁରୀର ଆଦେଶ ପାଇଲେ ଓ ବିଦେଶ ଗଲେ । ଶିକ୍ଷା ପ୍ରଶାସନ ଯେ ସାଧାରଣ ପ୍ରଶାସନ ପରି ନୁହେଁ ତାହା ପ୍ରଫେସର ଦାସ ବୁଝିଥିଲେ । ପ୍ରଶାସନିକ ଦୋଷ ତ୍ରୁଟି ଯୋଗୁଁ ଜଣେ ଶିକ୍ଷକର ଶୈକ୍ଷିକ ଅଭିବୃଦ୍ଧିକୁ ବାଧିତ କରିବା ତାଙ୍କର ପ୍ରଶାସନର କଦାପି ଲକ୍ଷ୍ୟ ନ ଥିଲା । ଯିଏ ଏହି ସ୍ତରରେ ଫରକ କରିପାରେ ସେ ହିଁ ପ୍ରତିକୂଳ ପରିସ୍ଥିତିରେ ନିଜର ମାନସିକ ଶକ୍ତିକୁ ଅଦମନୀୟ ରଖିପାରେ । ପ୍ରଫେସର ଦାସ ଏହି ପରି ଥିଲେ ।

ବିଶୃଂଖଳାର ପ୍ରତିବାଦ କରିବାର ଢଂଗ ପ୍ରଫେସର ଦାସଙ୍କର ଥିଲା ନିଆରା । ଏକ ଅନ୍ଧାର ରାତିରେ ଦଳେ ପିଲା ଆସି ତାଙ୍କ ବଂଗଳା ପରିବେଶରେ ପ୍ରବେଶ କଲେ । ବାହାରେ ବିଶ୍ୱବିଦ୍ୟାଳୟର ଗାଡି ଥୁଆ ହୋଇଥିଲା । ଗ୍ୟାରେଜରେ ତାଙ୍କ ନିଜ ଗାଡି ମାରୁତୀ ୮୦୦ ଥିଲା । ଗ୍ୟାରେଜରେ ତାଲା ପଡିଥିଲା । କିନ୍ତୁ ଏହି ପିଲାମାନେ ଗ୍ୟାରେଜକୁ ତାଡି ମାରୁତୀ ୮୦୦ଟିକୁ ବାହାରକୁ ଆଣି ସେଥିରେ ନିଆଁ ଲଗାଇ ଦେଲେ । ତାହାର ଅବଶେଷକୁ ପ୍ରଫେସର ଦାସ ସଫା କରିଦେଇ ନ ଥିଲେ । ବରଂ ସେ ସେହିଭଳି ପଡି ରହିଥିଲା ବଂଗଳା ପରିସରରେ, କୁଳପତି ପଦରୁ ପ୍ରଫେସର ଦାସ ଅବସର ନେବା ପର୍ଯ୍ୟନ୍ତ । ଅନେକେ, ଏହାକୁ ଉଠାଇ ଦେବା ପାଇଁ ଅନୁରୋଧ କରିଛନ୍ତି । କିନ୍ତୁ ପ୍ରଫେସର ଦାସ ଏହି

ଅନୁରୋଧକୁ ରକ୍ଷା କରି ନାହାନ୍ତି । ଏହି ପୋଡା ଗାଡିଟି ଯେପରି ସେମାନଙ୍କ ବିରୋଧରେ ତାଙ୍କର ପ୍ରତିବାଦର ଏକ ପ୍ରତୀକ ଥିଲା ଯେଉଁମାନେ ବିକ୍ଷୋଭକାରୀଙ୍କର ବିଶୃଂଖଳା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ସାମିଲ ଥିଲେ। । କୁଳପତିଙ୍କୁ ଦେଖା କରିବାକୁ ଆସିଥିବା ଜଣେ ରାଜନେତା ଯେତେବେଳେ ଏହା ଦେଖି କାହିଁକି ଏପରି ପକାଇ ରଖିଛନ୍ତି ବୋଲି ପ୍ରଶ୍ନ କରୁଥିଲେ, ପ୍ରଫେସର ଦାସ କହୁଥିଲେ ଯାହା ଘଟିଛି ତାର ପ୍ରତିବାଦ ମୁଁ ଏହି ଭଳି ଭାବେ କରୁଛି । ପ୍ରଫେସର ଦାସଙ୍କ ବ୍ୟକ୍ତିଗତ ଗାଡିଟିକୁ ପୋଡି ଦେବା, ଅଫିସ୍ ଗାଡ଼ିକୁ କୌଣସି କ୍ଷତି ନ କରି, ପ୍ରଫେସର ଦାସଙ୍କ ପ୍ରତି ବ୍ୟକ୍ତିଗତ ଆକ୍ରୋଶର ଅଭିବ୍ୟକ୍ତି ଥିଲା । ଏହି ଆକ୍ରୋଶର ଶୀକାର ତାଙ୍କ ପରିବାର ମଧ୍ୟ ହେଉଥିଲା । ସତେ ଯେପରି ଶ୍ରୀମତୀ ଦାସଙ୍କ ଧୈର୍ଯ୍ୟର ପରୀକ୍ଷା ହେଉଥିଲା । ନିଜ ଗାଡି ପୋଡା ହେବା ସେ ଦେଖୁଥିଲେ । ସେ ଦେଖୁଥିଲେ କିପରି ଠିକ ମଧ୍ୟାହ୍ନ ଭୋଜନ ସମୟରେ ବିକ୍ଷୋଭକାରୀ ପିଲାମାନେ କୁଳପତି ବଂଗଳା ଭିତରକୁ ପଶି ଆସି ଓ ଭଂଗାରୁଜା କରି ଖାଇବାରେ ବିଘ୍ନ ସୃଷ୍ଟି କରୁଥିଲେ । ଅଥଚ ଏପରି ପରିସ୍ଥିତିରେ ଶ୍ରୀମତୀ ଦାସ ଧୈର୍ଯ୍ୟ ହରାଇ ନ ଥିଲେ । ଯଦି ଏପରି ହୋଇଥାନ୍ତା ତାହାହେଲେ ବୋଧହୁଏ ପ୍ରଫେସର ଦାସ କୁଳପତି ଭାବେ ତାଙ୍କ କାର୍ଯ୍ୟକାଳ ସମାପ୍ତ କରିପାରି ନଥାନ୍ତେ । ପ୍ରଫେସର ଦାସଙ୍କ ଧୈର୍ଯ୍ୟ ଓ ସାହସର ଏକ ଉତ୍ସ ଥିଲେ ଶ୍ରୀମତୀ ଦାସ । ସେ ପ୍ରକୃତରେ ଜଣେ ଆଦର୍ଶ ସହଧର୍ମିଣୀର କର୍ତ୍ତବ୍ୟ ନିର୍ବାହ କରିଥିଲେ ।

ପ୍ରଫେସର ଦାସଙ୍କର କୁଳପତିତ୍ୱ ସମୟରେ ପ୍ରଫେସର ଦାସ ବୋଧହୁଏ ଆହୁରି ଅନେକ କିଛି କରିପାରିଥାନ୍ତେ, ଶିକ୍ଷା ଓ ଗବେଷଣାରେ ବିଶ୍ୱବିଦ୍ୟାଳୟର ପରାକାଷ୍ଠା ପ୍ରତିଷ୍ଠା କରିବାରେ, ଯଦି ବିଶୃଂଖଳା ସୃଷ୍ଟି ହେଉନଥାନ୍ତା । ତେବେ ବିଭିନ୍ନ ପ୍ରତିକୂଳ ପରିସ୍ଥିତରେ ସେ ଯେପରି ବିଶ୍ୱବିଦ୍ୟାଳୟର ପରିସରରେ ଶିକ୍ଷାର ସୁଯୋଗକୁ ବିସ୍ତାରିତ କରିପାରିଥିଲେ, ସେଥିରେ ଆହୁରି ବିସ୍ତାରକୁ ଅନେକେ ଅପେକ୍ଷା କରିଥିବେ । ଏହା ପ୍ରକୃତରେ କେତେଦୂର ହୋଇଛି – ତାହା ଏକ ନିରପେକ୍ଷ ଆକଳନରୁ ହିଁ ଜଣା ପଡିବ । କିନ୍ତୁ ଏ ଲେଖକ ତା'ର ପ୍ରାୟ ତିନି ଦଶନ୍ଧିରୁ ଅଧିକ ସମୟ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷକତା କରିବା କାଳରେ ବହୁ କୁଳପତି ଓ ପ୍ରଶାସକଙ୍କୁ ଦେଖିଛି । କିନ୍ତୁ କ୍ୱଚିତ ଦେଖିଛି ପ୍ରଫେସର ଦାସଙ୍କ ପରି ଜଣେ କୁଳପତି ଯିଏ ପକ୍ଷପାତିତାରୁ ଊର୍ଦ୍ଧ୍ୱରେ ରହି ପ୍ରଶାସନ କରିଛନ୍ତି ଓ କୁଳପତି ପଦବୀର ଆଡମ୍ବରକୁ ପ୍ରତ୍ୟାଖ୍ୟାନ କରି, ସବୁ ବାଧାବିଘ୍ନ ସତ୍ତ୍ୱେ ଶିକ୍ଷାନୁଷ୍ଠାନର ନୈତିକ ଆଧାରକୁ ସୁଦୃଢ କରିବାପାଇଁ ସାଲିସ ବିହୀନ ଉଦ୍ୟମ କରିଛନ୍ତି ।

ପ୍ରଫେସର ଦାସଙ୍କ ବିୟୋଗରେ ଓଡ଼ିଶାର ଗଣିତ ସମ୍ପ୍ରଦାୟ ଅଭିଭାବକ ଶୂନ୍ୟ ହୋଇଛି । ସେ ଯଦିଓ ଏକ ପୂର୍ଣ୍ଣ ସଫଳ ଜୀବନ ବଞ୍ଚି ପରିଣତ ବୟସରେ ଏ ଧରାପୃଷ୍ଠରୁ ବିଦାୟ ନେଇଛନ୍ତି, ତଥାପି ତାଙ୍କର ବିୟୋଗକୁ ସହଜରେ ଗ୍ରହଣ କରିବା ତାଙ୍କ ସହିତ ଘନିଷ୍ଠ ଥିବା ସହଯୋଗୀମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ବିଶେଷତଃ ମୋ ପକ୍ଷରେ ଯିଏ ତାଙ୍କ ମୃତ୍ୟୁର ମାତ୍ର ୪୮ ଘଣ୍ଟା ପୂର୍ବେ, ୧୪ ଅଗଷ୍ଟ ସନ୍ଧ୍ୟାରେ ତାଙ୍କ ସହିତ ବସି, ଚାହା, ଜଳଖିଆ ଖାଇ ବେଶ୍ ଦୁଇ ଘଣ୍ଟା କାଳ ହସ ଖୁସିରେ କଥାବାର୍ତ୍ତା କରିଥିଲା । ତାଙ୍କର ଆତ୍ମା ଶାନ୍ତି ପାଉ –ଏହାହିଁ ମୋର ପ୍ରାର୍ଥନା ।

*ଅବସରପ୍ରାପ୍ତ ପ୍ରଫେସର, ଗଣିତ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ*

# ସାର୍‌ଙ୍କ ସ୍ମରଣେ

**ହୃଷୀକେଶ ମହାନ୍ତି**

ଅଳ୍ପ କିଛି ବର୍ଷ ତଳର କଥା । ମୁଁ ଗଣିତ ପ୍ରତିଷ୍ଠାନ ଭିତରକୁ ପଶୁଥାଏ । ମୋ ପାଖରେ ଗୋଟିଏ କାର ଛିଡ଼ା ହୋଇଗଲା । ଟିକିଏ ହଡ଼ବଡ଼ ହୋଇଯାଇ ନିଜକୁ ସମ୍ଭାଳି ନେବା ଭିତରେ କାର କାଚ ତଳକୁ ଖସି ସରିଥାଏ । ଭିତରୁ ସାରଙ୍କ ଆକ୍ଷେପ, ତୁମେ 'ମୋ କଥା' କାହିଁକି ଆଉ ହ୍ୱାଟ୍‌ସଆପରେ ପଠାଉନ ? ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା । କେଉଁ କାଳରୁ ଓଡ଼ିଶା ବାହାରେ ରହି ଓଡ଼ିଆରେ ସ୍ତମ୍ଭ ଲେଖିବା ପ୍ରୟାସରେ ମୋର ଏଇ ସ୍ତମ୍ଭ ଓଡ଼ିଆ ଖବରକାଗଜରେ ବେଶ କିଛି ବର୍ଷ ପ୍ରକାଶ ପାଉଥିଲା 'ମୋ କଥା' ନାମରେ । ଲାଗୁଥଲା କିଏ କଣ ଏଇ ସ୍ତମ୍ଭ ପଢୁଥିବ ? ଲେଖିବାଟା ବୃଥା । କିନ୍ତୁ ସେଦିନ ସାରଙ୍କର ଏହି ପ୍ରଶ୍ନ ମୋର ସନ୍ଦେହ ଦୂର କରିଥିଲା । କେବଳ ସେତିକି ନୁହଁ ସାରଙ୍କର ବ୍ୟକ୍ତିତ୍ୱ ବିଶାଳତାର କେବଳ ଝଲକଟିଏ ମୋତେ ଦେଖା ଦେଲା । ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ କେମିତି ହେବା ଦରକାର ତା' ପ୍ରଫେସର ଗୋକୁଳାନନ୍ଦ ଦାସ ହିଁ ଆମ ସମସ୍ତଙ୍କୁ ଦେଖାଇ ଦେଇଗଲେ ।

ମୁଁ ସାରଙ୍କର ସେମିତି ପ୍ରତ୍ୟକ୍ଷ ଛାତ୍ର ନୁହେଁ । ତେବେ ବି ମୁଁ ତାଙ୍କୁ କେବଳ ବାଣୀବିହାର ଗଣିତବିଜ୍ଞାନ ଗୁରୁ ନୁହଁ ଏକ ଜୀବନ ସାଧକ ପଥ ପ୍ରଦର୍ଶକ ଗୁରୁ ବୋଲି ସମ୍ମାନ ଦେଇଥାଏ । ଗଣିତ ଶାସ୍ତ୍ରରେ ଓ ଓଡ଼ିଶାର ଭୀଷ୍ମ ପିତାମହ ତା' ସହିତ ସତ୍‌ଶିକ୍ଷାର ଦକ୍ଷ ପ୍ରଶାସକ । ସେମିତି ପ୍ରଶାନ୍ତମନ, ବିଶାଳ ହୃଦୟ ସେମିତି ଉଦ୍ଦଣ୍ଡ ଷଣ୍ଡକୁ ଭଣ୍ଡ କରିବାରେ ମାନସିକ ଦୃଢ଼ତା ସହିତ ନିସ୍ୱାର୍ଥପରତାର ଜୀବନ୍ତ ପ୍ରତିମୂର୍ତ୍ତି । ଖୁବ କମ୍ ଶିକ୍ଷାବିତ୍‌ଙ୍କ ପାଖରେ ଏମିତି ଗୁଣର ସମାହାର ଦେଖିବାକୁ ମିଳେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ଥିବା ସମୟରେ ବାଣୀବିହାର ପରିସରରେ ଶିକ୍ଷା-ପରିମଳତା ସ୍ଥାପନ କରିବାକୁ ଯାଇ ଯେଉଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ ତା ଯଦି ଏ ଯାଏଁ ଚାଲିଥାନ୍ତା ତେବେ ବାଣୀବିହାର ବିଶ୍ୱବିଦ୍ୟାଳୟ କାହିଁ କେଉଁଠି ପହଞ୍ଚିଥାନ୍ତା । ଅନ୍ୟ ପ୍ରଦେଶ, ଦେଶରୁ ଛାତ୍ରଛାତ୍ରୀ ଆସୁଥାନ୍ତେ ତା' ସହ ଓଡ଼ିଶା ବାହାରୁ ଜ୍ଞାନୀ ପ୍ରଫେସର ଆସି ଉତ୍କଳ ବିଶ୍ୱବିଦ୍ୟାଳୟରେ ଯୋଗ ଦେଉଥାନ୍ତେ। କେମିତି ଜଣେ ବିଶ୍ୱବିଦ୍ୟାଳୟ କୁଳପତି ନିଷ୍କାମ ନିର୍ବେଦ ମା' ସରସ୍ୱତୀ ସାଧକ ହୋଇପାରିବ ତା' ପ୍ରଫେସର ଗୋକୁଳାନନ୍ଦଦାସ ପରପିଢ଼ିକୁ ଦର୍ଶାଇ ଦେଇ ଯାଇଛନ୍ତି ।

ଲଣ୍ଡନ ବ୍ରିଜ ଉପରେ ଛିଡ଼ା ହୋଇ ମହାନଦୀର କୁଳୁକୁଳୁ ସ୍ୱନ ଶୁଣିବାର ବ୍ୟକ୍ତିତ୍ୱ ହେଲେ ପ୍ରଫେସର ଗୋକୁଳାନନ୍ଦ ଦାସ । ଆଜି ପରି ଡଲାର ପାଇଁ ନୁହେଁ ଉଚ୍ଚଶିକ୍ଷା ପାଇଁ ମେଧାବୀଗଣ ବିଦେଶ ଯାଉଥିଲେ । ହଜାର ବର୍ଷର ପରାଧୀନତା ପରେ ଯେବେ ମା' ଭାରତୀ ସ୍ୱାଧୀନ ହେଲା ସେ ସମୟରେ ଉଚ୍ଚଶିକ୍ଷା ପାଇଁ ଯେଉଁମାନେ ଯାଉଥିଲେ ସେମାନେ ଭାରତବର୍ଷକୁ ଫେରି ଦେଶ ନିର୍ମାଣରେ ବ୍ରତୀ ଥିଲେ । ସେମିତି ଆଖିର ସପନ ନେଇ ପ୍ରଫେସର ଗୋକୁଳାନନ୍ଦ ଦାସ ପି.ଏଚଡି ଲାଭ କରି ପୁଣି ସ୍ୱମାଟିକୁ ଫେରିଥିଲେ । ବିଶ୍ୱବିଦ୍ୟାଳୟମାନଙ୍କରେ ଗୁଣାତ୍ମକ ଗଣିତ ଶିକ୍ଷା ଦେବା ସହ ବିଦ୍ୟାଳୟ ତଥା ମହାବିଦ୍ୟାଳୟମାନଙ୍କରେ ଗଣିତ ପ୍ରତି ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ପାଇଁ ଯୋଜନାମୂଳକ ପ୍ରଚେଷ୍ଟାର ପ୍ରତୀକ ଓଡ଼ିଶା ମେଥେମେଟିକାଲ ସୋସାଇଟି । ଏହି ପରିଷଦକୁ ପଥ ପ୍ରଦର୍ଶନ କରି ଓଡ଼ିଶାର ଯୁବପିଢ଼ିକୁ ଗଣିତ ଅନୁରାଗୀ କରିବାର ସ୍ୱପ୍ନ ଦେଇ ସମ୍ପୂର୍ଣ୍ଣ ଜୀବନ ବଞ୍ଚିବାର ଗଣିତ ସାଧକ ପ୍ରଫେସର

ଦାସ । ବିୟୋଗର ମାତ୍ର କିଛି ଦିନ ପୂର୍ବରୁ ଏକ ଗଣିତ ସଭାରେ ସମ୍ବୋଧନ ଦେଉଥିବାର ଫଟୋ ମୋତେ ମିଳିଥିଲା । ତେଣୁ ତାଙ୍କ ବିୟୋଗ ଖବର ପ୍ରଥମେ ମୋତେ ବିଶ୍ୱାସଯୋଗ୍ୟ ନଥିଲା । ପରେ ପ୍ରଫେସର ନନ୍ଦସାରଙ୍କୁ ଫୋନ କରି ପଚାରି ଜାଣିଲି । 'କେହି ରହିନାହିଁ ରହିବ ନାହିଁ ଏ ଭବରଙ୍ଗ ଭୂମି ତଳେ । ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ ।'

କର୍ମ ସହିତ କର୍ମ କରିବାର ପ୍ରଣାଳୀ କର୍ମୀଙ୍କୁ କାଳଜୟୀ କରିଥାଏ, ଯେତେବେଳ କର୍ମୀ ନିଜକୁ କର୍ମଫଳର କାରଣ ବୋଲି ଡିଣ୍ଡିମ ବନାଇ ନଥାଏ । ସେଇ ହେଲେ ନିଷ୍ଠାବାନ ନିଷ୍କାମ କର୍ମୀ । ସେମିତିକା କର୍ମଯୋଗୀ ପ୍ରଫେସର ଦାସ ସାରଙ୍କ ସହିତ ମୋର ଦେଖାହୁଏ ଓଡ଼ିଶା ସରକାରଙ୍କର ଗଣିତ ପ୍ରତିଷ୍ଠାନ ହସ୍ତାନ୍ତରୀକରଣ ପ୍ରକ୍ରିୟାକୁ ବିରୋଧ କରିବା ପ୍ରସଙ୍ଗକୁ ନେଇ । ତା' ପୂର୍ବରୁ ମୋର ସାରଙ୍କ ସହତ ପରିଚୟ ନ ଥିଲା । ଶୁଣିଲି ଓଡ଼ିଶା ଗଣିତ ପ୍ରତିଷ୍ଠାନ ପ୍ରତିଷ୍ଠାରେ ସାରଙ୍କର ମୁଖ୍ୟ ଅବଦାନ । ଓଡ଼ିଶା ସରକାରଙ୍କୁ ମନେଇ ଭୂମିର ବ୍ୟବସ୍ଥା ସାଙ୍ଗକୁ ଟାଟା ଟ୍ରଷ୍ଟରୁ ଅର୍ଥ ବ୍ୟବସ୍ଥା କରିବା କଠିନ କର୍ମକୁ ସଂଘବଦ୍ଧ ପ୍ରୟାସରେ ସାକାର କରିବାର ଦକ୍ଷତା ସମ୍ପନ୍ନ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କୁ ଦେଖିଲି । ସେ ପ୍ରତିଷ୍ଠାନ ହସ୍ତାନ୍ତରୀକରଣ ପ୍ରସଙ୍ଗକୁ ନେଇ ସ୍ଥିତପ୍ରଜ୍ଞ ସ୍ୱଭାବରେ ବିଭୁଙ୍କ ଶରଣାପନ୍ନ । ତାଙ୍କୁ ଦେଖି ଲାଗିଲା ଯାହାଗୀତା କହେ –

ଯଃ ସର୍ବାତ୍ରାନଭିସ୍ନେହ ସ୍ତତ୍ତତ୍ପ୍ରାପ୍ୟ ଶୁଭାଶୁଭଂ
ନାଭିନନ୍ଦତି ନ ଦ୍ୱେଷ୍ଟି, ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା । (ଭ.ଗୀତ,. ୨.୫୭)

ତାଙ୍କୁ ଦେଖି ଲାଗିଲା ଏକ ଅଭିମାନଶୂନ୍ୟ ପ୍ରଜ୍ଞାପୁରୁଷ ନିଶ୍ଚିତ ଭାବେ ଗଣିତ ପ୍ରତିଷ୍ଠାନ ହସ୍ତାନ୍ତରୀକରଣ ପ୍ରକ୍ରିୟାର ପୂର୍ଣ୍ଣଚ୍ଛେଦ ଆସନ୍ନ । ସତ ତାହାହିଁ ହେଲା । ଗତ ପ୍ରକ୍ରିୟାଜନିତ ବିରୋଧାଭାସକୁ ଭୁଲି ପୁଣି ଗଣିତ ପ୍ରତିଷ୍ଠାନ ଓଡ଼ିଶାରେ ହସି ଉଠିଲା । ଏହି ଘଟଣାରୁ ମୋତେ ଲାଗିଲା –

ଶୁଭାଶୁଭ ତା'ର ନଥା, ସମ ଅଇରି ମିତ
ଶୀତ ଉଷ୍ଣ ନିନ୍ଦା ସ୍ତୁତିରେ ହୁଏ ଅବିଚଳିତ । (ବାୟାଗୀତା ୧୧.୨୪.୮)

ଗଣିତରେ ଭଣିତା ଅଛି ବୋଲି ପ୍ରଫେସର ଦାସ କୁହନ୍ତି । ଗଣିତ ଏକ ଶୁଷ୍କ ବିଷୟ ବୋଲି ଯାହା ସମସ୍ତେ କୁହନ୍ତି ତାହା ପ୍ରଫେସର ଦାସ ଗ୍ରହଣ କରିନଥିଲେ । ଓଡ଼ିଶା ଗଣିତ ପରିଷଦର ଏକ ବାର୍ଷିକ ଅଧିବେଶନରେ ତାଙ୍କ ରଚିତ କବିତାରେ ମା ଗଣିତ–ଭାରତୀଙ୍କୁ ସଭକ୍ତି ଆରାଧନାର ଝଲକ ମୋତେ ଉପଲବ୍ଧ କରିବାର ସୁଯୋଗ ମିଳିଥିଲା । ତାଙ୍କ ରଚିତ କବିତା ପୁସ୍ତକ ଦୁଇଟି ମଧ୍ୟ ମୁଁ ପଢ଼ିଛି । ତାହା ବ୍ୟତୀତ ଗଣିତ ବିଜ୍ଞାନ ବିଷୟରେ ଅନେକ ପୁସ୍ତକ ରଚନା କରି ଗଣିତ ଅନୁରାଗୀ ମଣ୍ଡଳ ଓଡ଼ିଶାରେ ସୃଷ୍ଟି କରି ଏକ ସଂଘବଦ୍ଧ ସାଧକ ହିସାବରେ ଖଣ୍ଡଗିରି ନିକଟରେ ସେବା ନିବୃତ୍ତ ଜୀବନ ତାଙ୍କର ଋଷିପ୍ରତିମ ଥିଲା । ନଥିଲା ଏକ ସମ୍ଭ୍ରାନ୍ତ ଶିକ୍ଷାବିତ୍‌ର ଦାମ୍ଭିକତା, ନ ଥିଲା ଅବସର ପରେ ପୁନଃ ନିଯୁକ୍ତିର ମୋହ । ଅମାୟିକ ପୁରୁଷର ସମଭାବ ଚିତ୍ତରେ ସମସ୍ତଙ୍କୁ ନେଇ ଗଣିତ ପଥରେ ଯାତ୍ରୀ ଥିଲେ । ମୋର ଭାଗ୍ୟରେ ସାରଙ୍କ ଘରକୁ ଯିବାର ଦୁଇଥର ସୁଯୋଗ ମିଳିଥିଲା । ପହିଲିରେ ମାଡ଼ାମଙ୍କର ସ୍ନେହ ସାଙ୍ଗକୁ ଓଡ଼ିଆ ଘରର ପିଠାପଣାରେ ଗୋଟେ ନିଜ ପଣିଆର ସୁମଧୁର ଭାବରେ ମନ ପୁରି ଯାଉଥିଲା । ଫେରିଲା ବେଳେ ପଛରୁ ଶୁଣିବାକୁ ମିଳୁଥିଲା, ଓଡ଼ିଶା ଆସିଲେ ଆମ ଘରକୁ ଆସିବ । ଏମିତି ନିଜପଣିଆର ଡାକରା ମୁଁ ଭୁବନେଶ୍ୱରରେ କାହାପାଖରୁ କେବେ ଶୁଣିନି । ସେଇ ସ୍ନେହ ପାଇଁ ମୁଁ କୃତଜ୍ଞ ରହିବି ।

ସାର ଏମିତି କଥାବାର୍ତ୍ତାରେ ଥରେ ତାଙ୍କଠାରୁ ଶୁଣିଲି ସେ ମଧ୍ୟମ ମାର୍ଗୀ । ଏଇ ମାର୍ଗର ଲୋକେ ସତ୍ୟ ଧର୍ମରେ ଥାଆନ୍ତି । ତେଣୁ ମୃତ୍ୟୁ ତାଙ୍କୁ ଫୁଲ ଚାଙ୍ଗୁଡ଼ିରେ ନେଇଯାଏ ସେଠାକୁ ଯେଉଁଠି ସେ ଫୁଲ ଅମ୍ଳାନ ରହି ସେମିତି ସୁବାସରେ ପରପିଢ଼ିକୁ କହେ –

କର୍ତ୍ତବ୍ୟ ପଥରେ ମରଣ ଶ୍ରେୟପଦ ମନସି ।

ସାର କଥା କରି ସିଦ୍ଧାନ୍ତ ପଥେ ହେଲେ ପ୍ରୟାସୀ । (ବାୟା ଗୀତା ୧୨.୭୦.୯)

ସାରକଥାକୁ ସିଦ୍ଧାନ୍ତ କରି କର୍ତ୍ତବ୍ୟ ପଥରେ ଯାତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦଦାସ ସାରଙ୍କୁ ମୋର ଶ୍ରଦ୍ଧା ଭକ୍ତି ସହ ବିନମ୍ର ପ୍ରଣାମ ।

*ସେବାନିବୃତ ପ୍ରଫେସର, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ*

---

# ସାରଙ୍ଗ ବନରେ ଫୁଲ

**କ୍ଷେତ୍ରବାସୀ ଦାସ**

ସାରଙ୍ଗ ବନରେ ଫୁଟିଥିଲା ଫୁଲ
ବଢ଼ିଲା ସେ ଦିନୁଦିନ
ଆଜି ଯେତେ ଥିଲା କାଲିକୁ ଦ୍ୱିଗୁଣ
ହେଲା ଫୁଲ ପରିମାଣ ।

ଅଳପ ଦିନରେ ବିଞ୍ଚିଲା ସୁବାସ
ସାରଙ୍ଗ ମନେ ହରଷ
ଜଗତେ ସୁବାସ ବିଚ୍ଛୁରିବା ପାଇଁ
ପଠାଇ ଦେଲା ବିଦେଶ ।

ଶହେ ବର୍ଷରେ ଘୋଟି ଥାନ୍ତା ଫୁଲ
କୋଳ ହୋଇଥାନ୍ତା ପୂର୍ଣ୍ଣ
ସାରଙ୍ଗ କୋଳଟା ଅଧା ପୁରି ନାହିଁ
କୋଳ ହୋଇଗଲା ଶୂନ୍ୟ ।

ଅଧା ବୟସରେ ଶିଶିରପାତରେ
ଜଳିଲା ନଳିନୀ ବନ
ଆଉ କେତେ ବର୍ଷ ରହିଥିଲେ ଅବା
ହୋଇଥାନ୍ତା ପୂର୍ଣ୍ଣ କାମ ।

ଅଧା ବାଟଟାରେ ଛାଡ଼ି ଚାଲଗଲ
ଅଧା ରହିଗଲା ଶୂନ
ଜଗତ ଝୁରୁଛି ଲୁହ ଭରିଅଛି
ନଳିନୀ ପ୍ରଭା ନୟନ ।

ଶୂନରୁ ଆରମ୍ଭ ହେଲା ଯେ ଜୀବନ
ଚକୁଳି ପିଠାକୁ ଦେଖି
ଚକ୍ର ପ୍ରାୟ ଶୂନ ଘୁରୁଛି ସଂସାରେ
ପାଇଲା ନାହିଁ କି ଆଖି ।

ଶୂନରେ ଶୂନକୁ ମିଶାଇ ମିଶାଇ
ଅସୀମ ପର୍ଯ୍ୟନ୍ତ ଗଲ
'ଶୂନ'ବହିଟାରେ ଏତେ ତଥ୍ୟ ରଖି
କେଉଁଠି ଅଟକି ଗଲ ।

ଶୂନ୍ୟର ସନ୍ଧାନ ପାଇଲ କି ନାହିଁ
ଶେଷରେ କହିଲ ନାହିଁ
ଶୂନ୍ୟରେ ଶୂନରେ ମିଶିଲା ଶରୀର
ଶୂନ୍ୟରେ ରହିଲ ଯାଇଁ ।

ଜଗତ କରତା ହେ ବିଶ୍ୱନିୟନ୍ତା
ଏତିକି ସୁଦୟା ହେଉ
ଗୋକୁଳାନନ୍ଦଙ୍କ ଶୂନ ଖୋଜା ଆତ୍ମା
ପଦ୍ମ ପାଦେ ସ୍ଥାନ ପାଉ ।

ଗୋକୁଳ ବନରେ ଗୋକୁଳ ମେଳରେ
ଗୋକୁଳ ଆନନ୍ଦ ଥିବ
ଦୀନ କ୍ଷେତ୍ରବାସୀ ଅଳି କରେ ବସି
ଆଶିଷ ଝରାଇ ଦେବ ।

*ଅଧମ ଦୀନ କ୍ଷେତ୍ରବାସୀ*

*ମୋ – ୯୯୩୮୩୯୧୦୦୪*

# ପ୍ରଣମ୍ୟଃ ପ୍ରଥିତଯଶା ଗଣିତଜ୍ଞ
# ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ

**ଡକ୍ଟର ତ୍ରିଲୋଚନ ବିଶ୍ୱାଳ**

ଆଧୁନିକ ଓଡ଼ିଶାର ଗଣିତ ଶାସ୍ତ୍ରକୁ ଋଦ୍ଧିମନ୍ତ କରି ସୂର୍ଯ୍ୟସମ ପ୍ରତିଭାତ ହୋଇଥିବା ଗଣିତଜ୍ଞମାନଙ୍କ ମଧ୍ୟରେ ଯେଉଁ କେତେଜଣ ଯୋଗଜନ୍ମା ଗଣିତଜ୍ଞ ସେମାନଙ୍କ ସାଧନା ଓ ସିଦ୍ଧି ପାଇଁ ବିଶେଷ ଭାବରେ ସମାଦୃତ ସେମାନଙ୍କ କଥା ସ୍ମରଣ କଲାବେଳେ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ନାମ ସ୍ୱତଃ ମନକୁ ଆସିଥାଏ। ଗଣିତ, ଗଣିତରେ ଗବେଷଣା ଓ ସାହିତ୍ୟରେ ତାଙ୍କର ଶ୍ରେଷ୍ଠତା ଓ ଉତ୍କର୍ଷତା ପାଇଁ ସେ ସର୍ବଜନ ବିଦିତ। ଗଣିତ ଓ ଜନପ୍ରିୟ ଗଣିତରେ ସେ ଅସଂଖ୍ୟ ଛାତ୍ରଙ୍କୁ ଯେ ସ୍ପନ୍ଦିତ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ଗଣିତ ଶିକ୍ଷା ଜଗତରେ ସେ ଜଣେ ଅମ୍ଳାନ ପ୍ରତିଭା। ଗତ ୭୫ ବର୍ଷର ଓଡ଼ିଶାର ଗଣିତ ଓ ଗାଣିତିକ କାର୍ଯ୍ୟକ୍ରମକୁ ପର୍ଯ୍ୟାଲୋଚନା କଲେ ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସେ ଜଣେ କର୍ତ୍ତବ୍ୟନିଷ୍ଠ, ମିଷ୍ଟଭାଷୀ, ଛାତ୍ରବତ୍ସଳ, ପ୍ରତ୍ୟୁତ୍ପନ୍ନମତି ସମ୍ପନ୍ନ, ନୀତିନିଷ୍ଠ ଓ ପରୋପକାରୀ ମଣିଷ। ସେ ଅତ୍ୟନ୍ତ ଶ୍ରଦ୍ଧାଶୀଳ ଓ ସମସ୍ତଙ୍କୁ ଆପଣାର ମନେ କରନ୍ତି ତାଙ୍କର ପ୍ରଚଣ୍ଡ ଆତ୍ମବୋଧ, ଅନ୍ତର୍ଦୃଷ୍ଟି, କଠିନ ପରିଶ୍ରମ, ମୌଳିକ ଉଦ୍‌ଭାବନା ଶକ୍ତି ଆତ୍ମବିଶ୍ୱାସ ଓ ନିର୍ଭୀକତା ଅବର୍ଣ୍ଣନୀୟ। ତାଙ୍କ ଭିତରୁ ସବୁବେଳେ ଧ୍ୱନିତ ହେଉଥାଏ ନୀତି, ନୈତିକତା, ମାନବିକତା ଓ ଆଦର୍ଶବୋଧ, ଶ୍ରଦ୍ଧା ଓ ପ୍ରୀତିର ଆବେଗଦୀପ୍ତ ବାଣୀ। ସେ ଜଣେ ପ୍ରବୀଣ ଶିକ୍ଷକ, ସାଧକ, ଗବେଷକ ଓ ଲେଖକ। ଗଣିତର ଜଟିଳ ତତ୍ତ୍ୱକୁ ସରଳ ଭାବରେ ଉପସ୍ଥାପନ କରି ଶିକ୍ଷାର୍ଥୀଙ୍କ ଗହଣରେ ସେ ଜଣେ ଅସାଧାରଣ ଓ ଆଦରଣୀୟ ମାର୍ଗଦର୍ଶକ ଥିଲେ। ପ୍ରକୃତରେ ଓଡ଼ିଶାର ଗଣିତ ଆକାଶରେ ସେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ଓ ଏକ ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ଦୀପ୍ତିମୟ ଶିଖା। ନିଜର କୃତି, କୀର୍ତ୍ତି ଓ ସାଧନା ପାଇଁ ସେ ବିଶେଷ ଭାବରେ ସମାଦୃତ। ସେ ଏକ ବହୁମୁଖୀ ପ୍ରତିଭା ଓ ଅମ୍ଳାନ ବ୍ୟକ୍ତିତ୍ୱର ଅଧିକାରୀ।

ଏହି ମହାନ ବ୍ୟକ୍ତି ଜନ୍ମ ଗ୍ରହଣ କରିଥିଲେ ଯାଜପୁର ଜିଲ୍ଲାର ବରୀର ନେଉଳା ଗ୍ରାମରେ ଏକ ସମ୍ଭ୍ରାନ୍ତ ପରିବାରରେ। ୧୯୩୮ ମସିହା ମେ ମାସ ୧୨ ତାରିଖରେ ତାଙ୍କର ଜନ୍ମ। ତାଙ୍କ ପିତାଙ୍କ ନାମ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ ଓ ମାତା ଶ୍ରୀମତୀ ସାରଙ୍ଗ ଦେବୀ (ଶ୍ରୀମତୀ ମଇଁଆ ଦେବୀ)। ପିତା ଜଣେ ଉଚ୍ଚକୋଟୀର ଆଦର୍ଶ ଶିକ୍ଷକ। ସେ ଅଳ୍ପଭାଷୀ, ମିଷ୍ଟଭାଷୀ, ସଚ୍ଚୋଟ, ଧୀର, ସ୍ଥିର ଓ ସହିଷ୍ଣୁ। ପିତାମାତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ସେମାନଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କ ଜୀବନକୁ ସରସ, ସୁନ୍ଦର ଓ ମଧୁମୟ କରି ଗଢ଼ି ତୋଳିଥିଲା। ପିତା ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ ତାଙ୍କର ପ୍ରଥମ ଗୁରୁ କହିଲେ ଅତ୍ୟୁକ୍ତି

ହେବ ନାହିଁ। ଘର ପାଖରେ ଆମ୍ବ ବଗିଚା। ଆମ୍ବ ବଗିଚାର ପ୍ରାକୃତିକ ପରିବେଶରେ ଭାଇ ଓ ସାଙ୍ଗମାନଙ୍କ ସହିତ ଅନେକ ସମୟ ସେଠାରେ ଖେଳକୁଦରେ କଟାଉଥିଲେ। ଗୋକୁଳାନନ୍ଦ ସାର୍‌ଙ୍କ ଉପରେ ଦୁଇ ଭାଇ। ପ୍ରଫେସର ଡକ୍ଟର ବିବେକାନନ୍ଦ ଦାସ ଓ ଅଭିନେତା ଶ୍ରୀ ସଚ୍ଚୀ ଦାସ। ଏହି ଦୁଇଜଣ ତାଙ୍କ ବାଲ୍ୟ ଜୀବନକୁ ଋଦ୍ଧିମନ୍ତ କରିଛନ୍ତି। ଏକା ସହିତ ଭୋଜନ କରିବା ଏକ ବିଛଣାରେ ଶୋଇବା, ସାଙ୍ଗ ହୋଇ ଆମ୍ବ ତୋଟାରେ ବୁଲିବା, ଅନେକ ପାରିବାରିକ ଓ ସାମାଜିକ ପ୍ରସଙ୍ଗ ଉପରେ ଆଲୋଚନା କରିବା, ତାଙ୍କ ଉପରେ ଅନେକ ପ୍ରଭାବ ପକାଇଥିଲା। ତିନି ଭାଇ ଏକାଠି ବସିଲେ ସଙ୍ଗୀତ ଆସର ଜମିଯାଏ। ଡକ୍ଟର ବିବେକାନନ୍ଦ ଦାସ ବଂଶୀ ବାଦନ କରନ୍ତି, ଡକ୍ଟର ଗୋକୁଳାନନ୍ଦ ଦାସ ତବଲା ବଜାନ୍ତି ଓ ଶ୍ରୀ ସଚ୍ଚୀ ଦାସ ସଙ୍ଗୀତ ଗାନ କରନ୍ତି। ଶେଷ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିଥିଲା।

୧୯୩୮ ମେ ମାସ ୧୨ ତାରିଖରୁ ୨୦୨୫ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଶତାଅଶୀ ବର୍ଷରୁ ଅଧିକ କାଳ ଧରି ଏହି ଅସାମାନ୍ୟ ବ୍ୟକ୍ତିତ୍ୱଙ୍କର ଅସାଧାରଣ ଯାତ୍ରା। ଏ ଯାତ୍ରା ଅଧ୍ୟୟନ ଓ ଅଧ୍ୟାପନା, ଜ୍ଞାନ ଓ ବିଜ୍ଞାନ, ଅନୁସନ୍ଧାନ ଓ ଅନୁଶୀଳନ, ଶାନ୍ତି ଓ ସଦ୍‌ଭାବନା, ସଂଗ୍ରାମ ଓ ସଂଘର୍ଷ ଏବଂ ସର୍ବୋପରି ସାନ୍ତ୍ୱନା ଓ ସମ୍ଭାବନାରେ ପରିପୂର୍ଣ୍ଣ। ଏହି ଅସାଧାରଣ ଓ ସ୍ମରଣୀୟ ଯାତ୍ରାର ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ଯାତ୍ରୀ ହେଉଛନ୍ତି ଉତ୍ସାହୀ, କର୍ମଠ ଓ ସକ୍ରୀୟ ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସ। ଭକ୍ତକବି ମଧୁସୁଦନ ରାଓଙ୍କ ଲେଖା 'ସତ୍ୟପଥେ ଧର୍ମ ପଥେ ଘେନି ଯାଅ ମୋତେ, ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ' ପଂକ୍ତି ଅନୁଯାଇ ସାଲିସ ବିହୀନ ଜୀବନ ଯାପନରେ ସେ ଅଭ୍ୟସ୍ତ ଥିଲେ। ଗଣିତକୁ ଜନପ୍ରିୟ ଓ ସର୍ବ ସାଧାରଣରେ ଆଦୃତ କରାଇବାରେ ତାଙ୍କର ପ୍ରଚେଷ୍ଟା ଚିରସ୍ମରଣୀୟ ହୋଇ ରହିବ।

୧୯୫୦ ମସିହାରେ ଗ୍ରାମ ସ୍କୁଲରେ ଉଚ୍ଚ ପ୍ରାଥମିକ ଶିକ୍ଷା ଶେଷ କଲେ। ଯାଜପୁର ଜିଲ୍ଲାର କଲ୍ୟାଣପୁରର ପ୍ରଖ୍ୟାତ ବିଦ୍ୟାପୀଠ ଶ୍ରୀବନ୍ତ ହାଇସ୍କୁଲରେ ଚାରିବର୍ଷ ବିଦ୍ୟାଲାଭ କରି କୃତୀତ୍ୱ ସହକାରେ ୧୯୫୪ରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ମୋର ଏକ ଅନୁଭୂତି ଉଲ୍ଲେଖ ନକରି ରହିପାରୁନାହିଁ। ୧୯୫୮ ମସିହାରେ ମୁଁ ଦଶମ ଶ୍ରେଣୀରେ ପଢୁଥାଏ। ସେହି ସମୟରେ ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ବ୍ୟତିତ ଅନ୍ୟ କିଛି ବହି ନଥାଏ ୧୯୪୮ରୁ ୧୯୫୮ ପର୍ଯ୍ୟନ୍ତ ହାଇସ୍କୁଲ ପରୀକ୍ଷାର ପ୍ରଶ୍ନ ଏବଂ ବିଭିନ୍ନ ନାମଯାଦା ସ୍କୁଲର ଟେଷ୍ଟ ପରୀକ୍ଷାର ପ୍ରଶ୍ନ ଏକ ଟେଷ୍ଟ ପେପରରେ ଛପା ହୋଇଥାଏ। ଏହାକୁ ଆଣି ସେଥିରୁ ଗଣିତ ପ୍ରଶ୍ନ ଗୁଡ଼ିକୁ ସମାଧାନ କରିବା ଲାଗି ଚେଷ୍ଟା କରୁ। ସେହି ସମୟରେ ୧୯୫୪ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନଗୁଡ଼ିକ ସମାଧାନ କରିବା ବେଳେ ଜ୍ୟାମିତିର ଅଙ୍କନ ପ୍ରଶ୍ନଟି ସମାଧାନ କରିହେଲା ନାହିଁ। ଆମର ଶିକ୍ଷକଙ୍କୁ ପଚାରିଲି। ସେ ଗଣିତରେ ଖୁବ ପ୍ରବୀଣ ସେ କହିଲେ ଯେ ୧୯୫୪ ମସିହାର ପରୀକ୍ଷାରେ ଏହି ପ୍ରଶ୍ନକୁ ଜଣେ ମାତ୍ର ଛାତ୍ର ସମାଧାନ କରିଥିଲେ ଏବଂ ଗଣିତରେ ୧୦୦ ରୁ ୧୦୦ ନମ୍ବର ରଖିଥିଲେ। ସେ ହେଉଛନ୍ତି

କଲ୍ୟାଣପୁରର ଶ୍ରୀବନ୍ତ ହାଇସ୍କୁଲର ଛାତ୍ର ଶ୍ରୀ ଗୋକୁଳାନନ୍ଦ ଦାସ। ବର୍ତ୍ତମାନ ରେଭେନ୍ସା କଲେଜର ଗଣିତର ସ୍ନାତକୋତ୍ତର ଶ୍ରେଣୀର ଛାତ୍ର। ସେହି ଦିନ ପାଖରୁ ତାଙ୍କୁ ନ ଦେଖିଲେ ମଧ୍ୟ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲି।

ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ସମ୍ବନ୍ଧରେ ଆଉ ଗୋଟିଏ ରୋଚକ କଥା ଉଲ୍ଲେଖ କରୁଛି। ୧୯୫୭ରେ ରେଭେନ୍ସା କଲେଜରେ ଭାରତୀୟ ଗଣିତ ସଂସଦ (Indian Mathematical Society)ର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆମର ପୂଜ୍ୟଗୁରୁ ଡକ୍ଟର ରମାନାଥ ମହାନ୍ତି ସେଥିରେ ସଭାପତିତ୍ୱ କରିଥିଲେ। ମୁଁ ସେହି ସମୟରେ ଦଶମ ଶ୍ରେଣୀରେ ପଢୁଥିଲି। ସେହି ସମ୍ମିଳନୀ ଓଡ଼ିଶାରେ ଚହଳ ପକାଇ ଦେଇଥିଲା। ଆମର ସ୍କୁଲ ଶିକ୍ଷକ ଏହି ସମ୍ମିଳନୀ ସମ୍ବନ୍ଧରେ ଓ ପ୍ରଫେସର ରମାନାଥ ମହାନ୍ତିଙ୍କ ବିଷୟରେ ସୁନ୍ଦର ରୋଚକ କଥାମାନ କହୁଥିଲେ। ସେହି ସମ୍ମିଳନୀରେ ଗଣିତର ସେହି ସମୟର ଉଦୀୟମାନ ଯୁବକ ଶ୍ରୀ ଗୋକୁଳାନନ୍ଦ ଦାସ ଯୋଗ ଦେଇ ଯେଉଁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥଲେ ତାହା ମଧ୍ୟ ଓଡ଼ିଶାରେ ଚହଳ ପକାଇ ଦେଇଥିଲା।

୧୯୫୮ରୁ ୧୯୬୩ ପର୍ଯ୍ୟନ୍ତ ମୁଁ ଭଦ୍ରକ କଲେଜରେ ବିଜ୍ଞାନର ଛାତ୍ର ଥିଲି। ସେହି ସମୟରେ ୧୯୬୧ ମସିହାରେ ସେ କଲେଜକୁ ଜଣେ ଉଦୀୟମାନ ଯୁବକ ଡକ୍ଟର ବିବେକାନନ୍ଦ ଦାସ ଅର୍ଥନୀତି ବିଭାଗରେ ଅଧ୍ୟାପକ ଭାବରେ ଯୋଗ ଦେଲେ। ପରେ ଜାଣିଲି ସେ ବିଶିଷ୍ଟ ଗଣିତଜ୍ଞ ଗୋକୁଳାନନ୍ଦ ଦାସଙ୍କ ବଡଭାଇ। ତାଙ୍କ ଠାରୁ ଜାଣିଲି ଯେ ଗୋକୁଳାନନ୍ଦ ସାର ରେଭେନ୍ସା କଲେଜରୁ ଏମ୍.ଏ.ରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱ ବିଦ୍ୟାଳୟରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଗଙ୍ଗାଧର ମେହେର କଲେଜ ସମ୍ବଲପୁରରେ ୧୯୬୦ରେ ଯୋଗ ଦେଇଥିଲେ ଏବଂ ପ୍ରଫେସର ତ୍ରିବିକ୍ରମ ପତିଙ୍କ ପାଖରେ ଜବଲପୁର ବିଶ୍ୱବିଦ୍ୟାଳୟରେ ଗଣିତରେ ଗବେଷଣା କରୁଛନ୍ତି। ସେଠାରେ ୧୯୬୨ ରେ Ph.D. ପାଇଲେ। ୧୯୬୭ ମସିହାରେ କମନ୍‌ୱେଲ୍‌ଥ ସ୍କଲାରସିପ୍ ପାଇ Post Doctoral କାର୍ଯ୍ୟ ପାଇଁ ଲଣ୍ଡନ ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଲେ। ସେଠାରେ ତାଙ୍କର ମାର୍ଗଦର୍ଶକ ହେଲେ Prof. L.S. Bosanquet। Bosanquet ମଧ୍ୟ ତାଙ୍କ ଶିକ୍ଷାଗୁରୁ ଡ.ରମାନାଥ ମହାନ୍ତିଙ୍କ ରିସର୍ଚ୍ଚ ଗାଇଡ୍ ଥିଲେ। ଲଣ୍ଡନରୁ ଫେରି ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟରୁ D.Sc ପାଇଲେ। ୧୯୭୦ ମସିହାରେ କିଛି ଦିନ ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଗଣିତ ବିଭାଗରେ ଯୋଗ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ସେଠାରେ ଗଣିତ ବିଭାଗରେ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବରେ ଯୋଗ ଦେଲେ। ସେଠାରେ P.G. Class ରେ ଆଧୁନିକ ଗଣିତ ପ୍ରଚଳନ କରି ଦେଶରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ।

୧୯୭୨ ମସିହା ଗଣେଶ ପୂଜା ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାରଠାରେ ଓଡ଼ିଶା ଗଣିତ ସଂସଦର ସୃଷ୍ଟି ହେଲା। ସେଥିରେ ପ୍ରଥମ ସଭାପତି ପ୍ରଫେସର ରମାନାଥ ମହାନ୍ତି, ସମ୍ପାଦକ ପ୍ରଫେସର ଡକ୍ଟର ଶଙ୍କର ପ୍ରସାଦ ମିଶ୍ର ଏବଂ କୋଷାଧ୍ୟକ୍ଷ ଡକ୍ଟର ରାମଶଙ୍କର ରଥ ଦାୟିତ୍ୱ ନେଲେ। ଏହାର ପ୍ରଥମ

ସମ୍ମିଳନୀ ୧୯୭୩ ଜାନୁଆରୀ ମାସ ୨୦ ଓ ୨୧ ତାରିଖରେ ବାଣୀ ବିହାରରେ ଗଣିତ ବିଭାଗରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ନେତୃତ୍ୱରେ ସମସ୍ତ ରିଡର ଓ ଅଧ୍ୟାପକ ଯୋଗ ଦେଇଥିଲେ। ସେହି ସମୟରେ ମୁଁ ଭଦ୍ରକ କଲେଜରେ ଅଧ୍ୟାପକ ଥିଲି। ଭଦ୍ରକ କଲେଜରୁ ଆମେ କେତେ ଜଣ ଅଧ୍ୟାପକ ମଧ୍ୟ ଯୋଗ ଦେଇଥିଲୁ। ସେହି ସମ୍ମିଳନୀରେ ମୋର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ସହିତ ସାକ୍ଷାତ ହୋଇଥିଲା। ତାଙ୍କ ସଂସ୍ପର୍ଶରେ ଆସି ନିଜକୁ ଭାଗ୍ୟବାନ ମନେ କଲି। ସେହି ସମ୍ମିଳନୀରେ ସେ ସ୍କୁଲ, କଲେଜ, ବିଶ୍ୱ ବିଦ୍ୟାଳୟରେ ଗଣିତ ଶିକ୍ଷାରେ ଗୁଣାତ୍ମକ ପରିବର୍ତ୍ତନ ପାଇଁ ଯେଉଁ ତଥ୍ୟମାନ ରଖିଥିଲେ ତାହା ପ୍ରଣିଧାନ ଯୋଗ୍ୟ। ଏହାର ପାଠ୍ୟକ୍ରମରେ ଆଶୁ ପରିବର୍ତ୍ତନ କରି ଏହାକୁ ଆନ୍ତର୍ଜାତିକ ସ୍ତରକୁ ଆଣିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ଏହାର ଅଧିବେଶନ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ମାନଙ୍କରେ ଅନୁଷ୍ଠିତ ହୋଇ ଆସୁଛି। ପ୍ରତ୍ୟେକ ସମ୍ମିଳନୀରେ ଡକ୍ଟର ଦାସ ଏଥିରେ ଯୋଗ ଦେଇ ଗଣିତ ଶିକ୍ଷାର ଉନ୍ନତି ଓ ଆଧୁନିକୀକରଣ ପାଇଁ ଗଠନ ମୂଳକ ପ୍ରସ୍ତାବ ଦେଇ ତାହା ଯେପରି କାର୍ଯ୍ୟକାରୀ ହେବ ସେଥିପାଇଁ ଚେଷ୍ଟା କରିଛନ୍ତି। ଏହା ଫଳରେ ଓଡ଼ିଶାର ଗଣିତ ପାଠ୍ୟକ୍ରମ ବର୍ତ୍ତମାନ ବିଶ୍ୱସ୍ତରୀୟ ହୋଇପାରିଛି।

୧୯୭୮ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗରେ ପ୍ରଫେସର ଭାବରେ ଯୋଗ ଦେଲେ। ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ। ସେହି ସମୟରେ ଓଡ଼ିଶାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମକୁ ଆଧୁନିକୀକରଣ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯାହା ଫଳରେ ଓଡ଼ିଶାର ଗଣିତ ଶିକ୍ଷା ପୃଥିବୀର ଉନ୍ନତ ଓ ବିକଶିତ ଦେଶମାନଙ୍କର ଗଣିତ ଶିକ୍ଷା ସହିତ ସମକକ୍ଷ ହୋଇ ପାରିଛି।

ପୁନଶ୍ଚ ତାଙ୍କ ପ୍ରଚେଷ୍ଟାରେ ୧୯୮୧ ମସିହାରୁ Journal of Orissa Mathematical Society ନାମରେ ଏକ ଗବେଷଣାତ୍ମକ ପତ୍ରିକା ପ୍ରକାଶିତ ହେଲା। ୧୮୮୪ ମସିହାରୁ ଏକ ଲୋକପ୍ରିୟ ଗଣିତ ପତ୍ରିକା। ଅଭିନବ ଗଣିତ ବିଚିତ୍ରା ଓଡ଼ିଆ ଭାଷାରେ ପ୍ରକାଶ ପାଇ ଆସୁଅଛି। ଆଞ୍ଚଳିକ ଭାଷାରେ ଏହା ଏକମାତ୍ର ଗଣିତ ପତ୍ରିକା। ଏହା ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ଉଦ୍ୟମର ଫଳ। ତାଙ୍କର ଉଦ୍ୟମ ଫଳରେ ଏବଂ ତାଙ୍କର ଗୁରୁ ପ୍ରଫେସର ତ୍ରିବିକ୍ରମ ପତିଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ୧୯୯୯ ମସିହାରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (Institute of Mathematics and Applications) ସ୍ଥାପିତ ହୋଇଅଛି। ଏହା ଫଳରେ ଗଣିତ ଗବେଷଣା ଓ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ୨୦୦୬ ରୁ ୨୦୦୯ ପର୍ଯ୍ୟନ୍ତ ସେ ଏହି ଅନୁଷ୍ଠାନର ଚେୟାରମ୍ୟାନ ପଦ ଅଳଙ୍କୃତ କରିଥିଲେ।

ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ପ୍ରତିଭାର ପ୍ରଧାନ ବୈଶିଷ୍ଟ ହେଲା ତାଙ୍କର ଉଚ୍ଚକୋଟୀର ଗବେଷଣା। ସେ ନିଜେ ଗବେଷଣା କରି ଗଣିତର ବିଭିନ୍ନ ବିଭାଗରେ ନୂତନ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ତାଙ୍କର ଏହି ଜୀବନବ୍ୟାପୀ ସଫଳ କୃତି (Lifetime achievement) ପାଇଁ ସେ ଓଡ଼ିଶା ବିଜ୍ଞାନ ଏକାଡେମୀ ତରଫରୁ

ମର୍ଯ୍ୟାଦାସମ୍ପନ୍ନ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ପାଇଛନ୍ତି । ତାଙ୍କ ପାଖରେ ଗବେଷଣା କରି ୪୪ ଜଣ ଗବେଷକ ପିଏଚ୍. ଡି. ଲାଭ କରିଛନ୍ତି । ବହୁ ଗବେଷକଙ୍କୁ ଗବେଷଣାରେ ପ୍ରେରଣା ଓ ଉତ୍ସାହ ଭରି ଦେଇଛନ୍ତି । ତାଙ୍କର ପ୍ରଥମ ପିଏଚ.ଡି ସ୍କଲାର ହେଉଛନ୍ତି ଡକ୍ଟର ସୁଦର୍ଶନ ନନ୍ଦ ଯେ କି ଆଇ.ଆଇ.ଟି. ଖଡ଼ଗପୁରରେ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଏବଂ North Odisha Universityର କୁଳପତି ରୂପେ କାର୍ଯ୍ୟ କରିଛନ୍ତି ।

ଛାତ୍ର ବତ୍ସଳତା ଡକ୍ଟର ଦାସଙ୍କ ଜୀବନର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ମତରେ ଗୁରୁଙ୍କର ଜ୍ଞାନକୁ ଅଧିକ ପ୍ରସାର ଓ ତୀକ୍ଷ୍ଣ କରେ ଶିଷ୍ୟ । ଗୁରୁଙ୍କର ଅମୀମାଂସିତ ସମସ୍ୟା ଓ ପ୍ରଶ୍ନର ଉତ୍ତର ମଧ ଦିଏ ଶିଷ୍ୟ । ଶିଷ୍ୟର ଜ୍ଞାନୋଦୟରେ ଗୁରୁ ସନ୍ତୋଷ ଲାଭ କରନ୍ତି । ଏ ସମ୍ପର୍କରେ ସେ ଦୁଇଟି ଗୁରୁଙ୍କର ଉଦାହରଣ ଦେଇଥାନ୍ତି । ହସ୍ତିନାପୁରରେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଶିକ୍ଷାନୁଷ୍ଠାନ ଓ ବିନ୍ଧ୍ୟାଚଳରେ ଅବସ୍ଥିତ ଗୁରୁ ସନ୍ଦୀପନୀ ମୁନିଙ୍କର ଗୁରୁକୁଳ ଆଶ୍ରମ । ଡକ୍ଟର ଦାସଙ୍କ ମତରେ ସନ୍ଦୀପନୀଙ୍କ ଶିକ୍ଷାନୁଷ୍ଠାନରେ ଶ୍ରୀକୃଷ୍ଣ ଶିକ୍ଷା ସମାପନ କରି ଗୋପପୁର ମଥୁରା ଓ ଦ୍ୱାରିକାବାସୀଙ୍କ ହୃଦୟ ଜୟ କରି ପାରିଥିଲେ । ଶାନ୍ତି ପ୍ରିୟ ଗୁରୁ ସନ୍ଦୀପନୀଙ୍କ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥିଲା ଶିଷ୍ୟ ଶ୍ରୀକୃଷ୍ଣଙ୍କ ଉପରେ । ଶ୍ରୀକୃଷ୍ଣ ଅର୍ଜୁନଙ୍କର ରଥରେ ସାରଥି ଭୂମିକା ନେଇ ବିଶ୍ୱବାସୀଙ୍କ ପାଇଁ ଗୀତାର ବାଣୀ ଶୁଣାଇଥିଲେ । କିନ୍ତୁ ଦ୍ରୋଣାଚାର୍ଯ୍ୟଙ୍କ ଆଶ୍ରମରୁ ଉତ୍ତୀର୍ଣ୍ଣ ଶିଷ୍ୟମାନଙ୍କ ମନ ମଧରେ ଘୃଣା, ବିଦ୍ୱେଷ ଓ ହିଂସାର ବହ୍ନି ପ୍ରଜ୍ୱଳିତ ହୋଇ ଶେଷରେ ମହାଭାରତ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲେ । ଶିଷ୍ୟ ଏକଲବ୍ୟର ଅଙ୍ଗୁଳି ଛେଦନ କରାଇ ଦ୍ରୋଣ ଯେଉଁ ଅସହିଷ୍ଣୁଭାବ ପୋଷଣ କରିଥଲେ ତାହା ଗୁରୁକୁଳର ପରମ୍ପରାକୁ କ୍ଷୁର୍ଣ୍ଣ କରିଥିଲା । ଡକ୍ଟର ଦାସ ନିଶ୍ଚୟ ସନ୍ଦୀପନୀଙ୍କ ପରି ଜଣେ ଗୁରୁ, ଏଥିରେ ସନ୍ଦେହ ନାହିଁ ।

ଡକ୍ଟର ଗୋକୁଳାନନ୍ଦ ଦାସ ରେଭେନ୍ସା କଲେଜରେ ସ୍ନାତକ ଶ୍ରେଣୀ (B.A.) ପଢୁଥିବାବେଳେ ଗଣିତ ଅନର୍ସ ସହିତ ଦର୍ଶନ ଶାସ୍ତ୍ର ମଧ ନେଇଥିଲେ । ସେହି ସମୟରେ ସେ ଗଣିତର ଦାର୍ଶନିକ ଦିଗ ପ୍ରତି ଆକୃଷ୍ଟ ହୋଇଥିଲେ । ସେ ଅନୁଭବ କଲେ ଯେ ଦର୍ଶନ ଓ ଗଣିତର ସମ୍ପର୍କ ଅତ୍ୟନ୍ତ ନିଗୂଢ଼ । ସେହି ସମୟରେ କଲେଜ ପାଠ ସହିତ ବର୍ଟାଣ୍ଡ ରସେଲଙ୍କ Introduction to Mathematical Philosophy ପଢ଼ିବାର ସୁଯୋଗ ପାଇଲେ । ଗଣିତର ଦାର୍ଶନିକ ଦିଗ ତାଙ୍କୁ ଖୁବ ଆକୃଷ୍ଟ କଲା । ସ୍ନାତକୋତ୍ତର ଗଣିତ ଶ୍ରେଣୀର ସେମିନାରରେ ସେ ତାଙ୍କର ପ୍ରଥମ ବକ୍ତୃତା Philosophical aspects of Mathematics ବିଷୟରେ ଦେଲେ । ଗଣିତ ବିଭାଗର ମୁଖ୍ୟ ପ୍ରଫେସର ରମାନାଥ ମହାନ୍ତି ସେହି ସେମିନାରରେ ଅଧକ୍ଷତା କରିଥିଲେ । ପ୍ରଫେସର ମହାନ୍ତି ତାଙ୍କ ବକ୍ତବ୍ୟକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ଥିର ଭାବରେ ବସି ଶୁଣୁଥାନ୍ତି । ବେଳେବେଳେ ମୁରୁକି ହସୁଥାନ୍ତି । ସେମିନାର ଶେଷରେ ସେ ଏତିକି କହିଲେ ଯେ ଏହି ବିଷୟଟି ଅତି କଠିନ କିନ୍ତୁ ଏହା ଖୁବ ସୁନ୍ଦର ଭାବରେ ଉପସ୍ଥାପିତ ହୋଇଛି । ଏହି ମନ୍ତବ୍ୟ ସେହି ମସୟରେ ଡକ୍ଟର ଦାସଙ୍କୁ ଗଣିତରେ ଆଗେଇବା ଲାଗି ଅନେକ ପ୍ରେରଣା ଦେଇଥିଲା ।

ଡକ୍ଟର ଗୋକୁଳାନନ୍ଦ ଦାସ ଅନେକ ଉଚ୍ଚକୋଟୀର ଗଣିତ ପାଠ୍ୟ ପୁସ୍ତକ ରଚନା କରିଛନ୍ତି। ସେଥିରୁ ଗୋଟିଏ ପୁସ୍ତକ ହେଉଛି Fundamentals of Mathematical Analysis। ଏହି ପୁସ୍ତକ ସେ ଡକ୍ଟର ସ୍ୱାଧୀନ ପଟ୍ଟନାୟକଙ୍କ ସହଯୋଗରେ ଲେଖିଛନ୍ତି। ଏହି ପୁସ୍ତକର ମୌଳିକତା ବିଶ୍ୱସ୍ତରୀୟ। ଏପରି ମୌଳିକ ପୁସ୍ତକ ଆମ ଦେଶରେ ବିରଳ ଏବଂ ଏହା ଦୀର୍ଘ ଦିନ ଧରି ସ୍ନାତକ (ପାଶ୍ ଓ ଅନର୍ସ)ରେ ମୁଖ୍ୟ ପୁସ୍ତକ ଭାବରେ ପ୍ରଚଳିତ ଥିଲା।

ପୁନଶ୍ଚ ତାଙ୍କରି ନିର୍ଦ୍ଦେଶନାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ Elements of Mathematics ବହି ଲେଖା ଯାଇଅଛି ତାହା ଆମ ଦେଶରେ ଏବଂ ବିଦେଶରେ ଉତ୍କୃଷ୍ଟ ବହିମାନଙ୍କ ମଧ୍ୟରେ ଅନ୍ୟତମ କହିଲେ ଅତ୍ୟୁକ୍ତି ହେବନାହିଁ।

ବିଶ୍ୱ ଗଣିତ ପାଇଁ ଡକ୍ଟର ଦାଶଙ୍କ ଶ୍ରେଷ୍ଠ ଦୁଇଟି ପୁସ୍ତକ ହେଉଛି ଶୁନ ଓ Zero the Spiritual Number। ବିଶ୍ୱରେ ଏପରି ପୁସ୍ତକ ଅଛି କି ନାହିଁ ଜଣା ନାହିଁ। କିନ୍ତୁ ଆମ ଦେଶରେ ଏପରି ପୁସ୍ତକ ଛପା ହୋଇନାହିଁ। ଶୁନ ବହିର ଇଂରାଜୀ ଅନୁବାଦ ପ୍ରକାଶିତ ହୋଇ ପାରିଲେ ବିଶ୍ୱସ୍ତରରେ ଅଧିକ ଗୌରବାନ୍ୱିତ ହୁଅନ୍ତେ ଏଥିରେ ସନ୍ଦେହ ନାହିଁ।

ଡକ୍ଟର ଗୋକୁଳାନନ୍ଦ ଦାଶ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି କେତୋଟି ଅନବଦ୍ୟ ରଚନା- 'ଅଭିମାନନୀ', 'ଟିକି ମାଆର ଟିକି ପୁଅଟି' ଓ 'ମୋ ଗାଁ ମୋ ଜହ୍ନ ଓ ମୋ ମନ' ଦ୍ୱାରା। ଏଥିରୁ ଅନେକ ଗପ ତାଙ୍କ ନିଜର ଅଙ୍ଗେ ଲିଭାଇଥିବା କଥା। ଏହି ପୁସ୍ତକ ତ୍ରୟ ହୃଦୟସ୍ପର୍ଶୀ ଓ ପଠନୋପଯୋଗୀ ହୋଇଛି। ବିଶେଷତଃ ବିଶ୍ୱ ରୂପ ଦର୍ଶନ ଯୋଗ ବିଷୟଟି ମହାଭାରତର ପୃଷ୍ଠଭୂମି ଉପରେ ରଚିତ ହୋଇଛି। ଲେଖକଙ୍କର ଲିଖନ ଶୈଳୀ ଓ ଗଳ୍ପର ମାଦକତା ଏତେ ଆନନ୍ଦ ଦେଇଛି ଯେ ବିଷୟଟି ପଢୁପଢୁ କେତେବେଳେ ଶେଷ ହୋଇଯାଏ ଜଣାପଡେ ନାହିଁ। କବିତା ସଂକଳନ ମଧ୍ୟରେ 'ଗଣିତ ରାଣୀ', 'ଦ୍ରୌପଦୀ ଗୋ ବେଣୀ ବାନ୍ଧନା', 'ମୁଁ ଅର୍ଜୁନ କହୁଛି' ଏବଂ ଅନ୍ୟ କବିତାମାନ ବେଶ୍ ହୃଦୟସ୍ପର୍ଶୀ ହୋଇଛି। ଓଡ଼ିଆ ସାହିତ୍ୟରେ ଏହି ବହିଗୁଡ଼ିକ ଡକ୍ଟର ଦାସଙ୍କ ଗୋଟିଏ ଗୋଟିଏ ଅନବଦ୍ୟ ଅବଦାନ ଏଥିରେ ସନ୍ଦେହ ନାହିଁ।

ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ଠାରେ ଅନେକ ଅପୂର୍ବ ଗୁଣର ସମନ୍ୱୟ ଘଟିଥଲା। ତାଙ୍କର ହୃଦୟ ଫୁଲଠାରୁ କୋମଳ କିନ୍ତୁ ନୀତି ଓ ନିୟମ ପାଳନରେ ବଜ୍ରଠାରୁ କଠିନ। ଯେତେବେଳେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ କୁଳପତି ହୋଇଥିଲେ ଏହି ଗୁଣ ତାଙ୍କଠାରେ ଉଭାସିତ ହୋଇଥିଲା। ସେ ଦୟା ଓ କ୍ଷମାର ମୂର୍ତ୍ତୀମନ୍ତ ରୂପ। ଜୀବନର ଶେଷ ପର୍ଯ୍ୟନ୍ତ ସେ ଗଣିତ ଓ ସାହିତ୍ୟର ସେବାରେ ସମୟ ବିତାଇଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ।

*ସତ୍ୟଦୀପ, ଲେନ-୪, ଶ୍ରୀରାମ ନଗର*
*ପୁରୁଣା ଭୁବନେଶ୍ୱର, ଭୁବନେଶ୍ୱର-୭୫୧୦୦୨*

# ଯିଏ ଗଣିତକୁ ଆୟତ୍ତ କରିପାରେ ସେ ସବୁକିଛି ଅନାୟାସରେ କରିପାରେ

**ଗୋକୁଳାନନ୍ଦ ଦାସ**

ଗତ ଲୀଳାବତୀ ପୃଷ୍ଠାରେ ଗଣିତ ପ୍ରତିଷ୍ଠାନ ଓ ପ୍ରୟୋଗର ଉତ୍ପତ୍ତି ସମ୍ବନ୍ଧରେ ମୋର କିଛି ତଥ୍ୟ ପ୍ରକାଶ ପାଇଥିଲା ।

୧୯୮୮-୮୯ ମସିହାରେ ବାଣୀବିହାରରେ ଗଣିତ ପଢୁଥିବା ଛାତ୍ରଛାତ୍ରୀମାନେ ଗତ ଜାନୁଆରୀ ୨୬, ଗଣତନ୍ତ୍ର ଦିବସରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏକତ୍ର ହୋଇ ବନ୍ଧୁ ମିଳନର ଆୟୋଜନ କରିଥିଲେ । ସେହି ବନ୍ଧୁ ମିଳନକୁ ମୁଁ, ବୀରେନ୍ଦ୍ର, ସୁଦର୍ଶନ ବଳ ଓ ମୋର ପତ୍ନୀ ବିନି ନିମନ୍ତ୍ରିତ ହୋଇଥିଲେ। ମୋର ଝିଅ ମିତା (Dr. Ellipse) ମଧ୍ୟ ସେହି ସମୟରେ ବାଣୀବିହାରରେ ଗଣିତ ପଢୁଥିଲା।। ଏହି ବନ୍ଧୁମିଳନରେ ତାର ବକ୍ତବ୍ୟରେ ସେ କହିଲା : "ମୋ ବାପା କହୁଥିଲେ ଯେ ଗଣିତକୁ ଆୟତ କରିପାରେ, ସେ ସବୁ କିଛି  କରିପାରେ। ପୃଥିବୀଠାରୁ ଆରମ୍ଭ କରି ଅନ୍ତରୀକ୍ଷ ପର୍ଯ୍ୟନ୍ତ ଗଣିତର ରାଜୁତି। ଗଣିତ ବିନା ସମାଜର ଅଧିକାଂଶ କାର୍ଯ୍ୟ ଅଚଳ ।

ଗଣିତର ବ୍ୟାପକତା ସମ୍ବନ୍ଧରେ ବର୍ଣ୍ଣନା କରିବା କଷ୍ଟକର । ତେବେ ଏହାକୁ ମୟୁରଶିଖା, ନାଗରମଣି ସହିତ ତୁଳନା କରାଯାଇଛି। ସଂସ୍କୃତରେ ଲିଖିତ ସେ ଶ୍ଳୋକଟି ହେଉଛି : "ଯଥା ଶିଖା ମୟୂରାଣାଂ, ନାଗାନାମ୍ ମଣୟୋଯଥା। ତଦ୍‌ବତ୍ ବେଦାଙ୍ଗ ଶାସ୍ତ୍ରାଣାଂ ଗଣିତ ମୁର୍ଦ୍ଧନି ସ୍ଥିତମ।"

ପୁରାତନ ଶାସ୍ତ୍ରରେ ଗଣିତକୁ ଶ୍ରେଷ୍ଠ ସ୍ଥାନରେ ଉପସ୍ଥାପିତ କରାଯାଇଛି।

ପ୍ରତ୍ୟେକ ଦିନ ଗଣିତ ଜ୍ଞାନର ପରିସର ବୃଦ୍ଧି ପାଉଛି । ସମାଜରେ ବିଭିନ୍ନ ସମସ୍ୟାର ସମାଧାନ କରିବା ନିମନ୍ତେ ଗଣିତର ପରିସରକୁ ବୃଦ୍ଧି କରିବାକୁ ପଡୁଛି । ସେଥିପାଇଁ ଗଣିତରେ ଗବେଷଣା କେଉଁ ଅନାଦି କାଳରୁ ଜାରି ରହିଛି । ସେଥିପାଇଁ ଆମେ ସାହସ କରି କହି ପାରୁଛୁ- ଯିଏ ଗଣିତକୁ ଆୟତ୍ତ କରି ପାରୁଛି ସେ ସବୁ କିଛି କରିବା ପାଇଁ ସମର୍ଥ।

*୧୭୭, ଧର୍ମ ବିହାର*
*ମୋ - ୯୪୩୭୦୩୬୧୨୧*

# ହର୍ଷଦ ବର୍ଷ ୨୦୨୫କୁ ବିଦାୟ

**ହାଡ଼ିବନ୍ଧୁ ପଟ୍ଟନାୟକ**

2023, 2024 ପରି 2025 ଏକ ହର୍ଷଦ ବର୍ଷ।। କାରଣ 2025 ଏକ ହର୍ଷଦ ସଂଖ୍ୟା।। ହର୍ଷଦ ସଂଖ୍ୟାର ନାମକରଣ କରିଛନ୍ତି D.R. Kaprekar (Dattatreya Ramachandra Kaprekar - 1905-1986) । ହର୍ଷଦ ସଂଖ୍ୟା ସଂସ୍କୃତ ଶବ୍ଦ 'ହର୍ଷ'ରୁ ଆନୀତ । ଏକ ସଂଖ୍ୟାକୁ ହର୍ଷଦ ସଂଖ୍ୟା କୁହାଯିବ, ଯଦି ସେହି ସଂଖ୍ୟାଟି ତାର ଅଙ୍କମାନଙ୍କର ସମଷ୍ଟି ଦ୍ୱାରା ବିଭାଜ୍ୟ ହେଉଥିବ। 12025 ର ଅଙ୍କମାନଙ୍କର ସମଷ୍ଟି 9 ଏବଂ 2025, 9 ଦ୍ୱାରା ବିଭାଜ୍ୟ ହର୍ଷଦ ବର୍ଷ, ହର୍ଷ, ସୁଖ, ସମୃଦ୍ଧି, ଶାନ୍ତି, ମୈତ୍ରୀ ଓ ପ୍ରୀତି ଆଣିଥାଏ । କାପ୍ରେକର ସଂଖ୍ୟା। କାପ୍ରେକର ଧ୍ରୁବକ, ହର୍ଷଦ ସଂଖ୍ୟା, ଆତ୍ମସଂଖ୍ୟା D.R. Kaprekar ଙ୍କର କୃତି। ପ୍ରତ୍ୟେକଙ୍କର ଅଙ୍କମାନଙ୍କର ସମଷ୍ଟି 9 ବା 9 ଦ୍ୱାରା ବିଭାଜ୍ୟ ।

କାପ୍ରେକର ସଂଖ୍ୟା 45 ର ବର୍ଗ 2025 ଏବଂ 45 ର ବର୍ଗର ଅଙ୍କମାନଙ୍କୁ ସମାନ ଭାଗରେ ଦୁଇ ଭାଗରେ ବିଭକ୍ତ କଲେ ସେମାନଙ୍କର ସମଷ୍ଟି ମୂଳ ସଂଖ୍ୟା ସହ ସମାନ ହେବ । ଉଦାହରଣ ସ୍ୱରୂପ -

$45^2 = 2025 = 20 + 25 = 45$

2025 ନିଜେ ଏକ ବର୍ଗ ସଂଖ୍ୟା ଏବଂ ଦୁଇଟି ବର୍ଗ ସଂଖ୍ୟାର ଗୁଣଫଳ ଯଥା :

$5^2 \times 9^2 = 25 \times 81 = 2025$

2025କୁ କେତେଯୋଡ଼ି କ୍ରମିକ ସଂଖ୍ୟାର ଯୋଗଫଳ ରୂପେ ପ୍ରକାଶ କରିହେବ। ଯଥା -

1012 + 1013 = 225 (ଦୁଇଟି କ୍ରମିକ ସଂଖ୍ୟାର ଯେଗାଫଳ)

674 + 675 + 676 = 2025 (ତିନୋଟି କ୍ରମିକ ସଂଖ୍ୟାର ଯୋଗଫଳ)

403 + 404 + 405 + 406 + 407 = 2025 (ପାଞ୍ଚଟି କ୍ରମିକ ସଂଖ୍ୟାର ଯୋଗଫଳ)

ସେହିପରି, 335 + 336 + . . . . + 340 = 2025 (6 ଟି କ୍ରମିକ ସଂଖ୍ୟାର ସମଷ୍ଟି)

221 + 222 + . . . . .+ 229 = 2025 (9 ଟି କ୍ରମିକ ସଂଖ୍ୟାର ସମଷ୍ଟି)

198 + 199+ . . . . .+ 207 = 2025 (10 ଟି କ୍ରମିକ ସଂଖ୍ୟାର ସମଷ୍ଟି)

128 + 129+ . . . . + 142 = 2025 (15 ଟି କ୍ରମିକ ସଂଖ୍ୟାର ସମଷ୍ଟି)

104 + 105+ . . . . + 121 = 2025 (18 ଟି କ୍ରମିକ ସଂଖ୍ୟାର ସମଷ୍ଟି)

69 + 70+ . . . . + 93 = 2025 (25 ଟି କ୍ରମିକ ସଂଖ୍ୟାର ସମଷ୍ଟି)

62 + 63+ . . . . + 88 = 2025 (27 ଟି କ୍ରମିକ ସଂଖ୍ୟାର ସମଷ୍ଟି)

53 + 54+ . . . . + 82 = 2025 (30 ଟି କ୍ରମିକ ସଂଖ୍ୟାର ସମଷ୍ଟି)

23 + 24+ . . . . + 67 = 2025 (45 ଟି କ୍ରମିକ ସଂଖ୍ୟାର ସମଷ୍ଟି)

16 + 17+ . . . . + 65 = 2025 (50 ଟି କ୍ରମିକ ସଂଖ୍ୟାର ସମଷ୍ଟି)

11 + 12+ . . . . + 64 = 2025 (54 ଟି କ୍ରମିକ ସଂଖ୍ୟାର ସମଷ୍ଟି)

$2025 = 1^3 + 2^3 + 3^3 + 4^3 + 5^3 + 6^3 + 7^3 + 8^3 + 9^3 = \sum_{k=1}^{9} k^3$

ପ୍ରଥମ ପଦଟି କ୍ରମିକ ଧନାତ୍ମକ ପୂର୍ଣ୍ଣସଂଖ୍ୟାର ତୃତୀୟ ଘାତର ସମଷ୍ଟି 202;

$2025 = 2^{10} + 2^9 + 2^8 + 2^7 + 2^6 + 2^5 + 2^4 - 2^3 + 2^2 - 2^1 - 2^0$

11 ଟି 2 ର 10 ଘାତଠାରୁ କ୍ରମାନ୍ୱୟରେ ଗୋଟିଏ ଲେଖାଏଁ ଘାତ କମି କମି 2 ର 0 (ଶୂନ) ଘାତ ପର୍ଯ୍ୟନ୍ତ ଏହିପରି ଯୋଗ ଓ ବିୟୋଗ କଲେ ସେମାନଙ୍କର ସମଷ୍ଟି 2025 ସହ ସମାନ ହେବ।

$2025 = 2^{11} - 2^4 - 2^2 - 2^3 + 2^0 = 2025$

2025 can be expressed as an integral value of a function

$$\int_0^3 (7x^6 - 4x^3 - 9x^2)\, dx = 2025$$

$2025 = 1^3 + 1^3 + 2^3 + 5^3 + 6^3 + 7^3 + 11^3$

7 ଟି ଘାତ ରାଶିର ସମଷ୍ଟି 2025

$2025 = 53^2 - 28^2 = (53 + 28)(53 - 28) = 31 \times 25$

$2025 = 339^2 - 336^2 = (339 + 336)(339 - 336) = 675 \times 3$

$2025 = 205^2 - 200^2 = (205 + 200)(205 - 200) = 405 \times 5$

$2025 = 117^2 - 108^2 = (117 + 108)(117 - 108) = 225 \times 9$

$2025 = 46 \times 44 + \frac{46 - 44}{2}$

2025 ର ଅଙ୍କ ମାନଙ୍କର ସମଷ୍ଟି 9

ନବାକ୍ଷରୀ ସ୍ତୋତ୍ର ଏବଂ ନବାକ୍ଷରୀ ଭାଗବତ ଶାସ୍ତ୍ର ମାନବ ଜୀବନକୁ ସାର୍ଥକ ଓ ମୁକ୍ତିର ମାର୍ଗଦର୍ଶକ ହୋଇଥାଏ । ନବଗ୍ରହ, ନବଦ୍ୱାର, ନବଧା ଭକ୍ତି, ନବ ରାତ୍ର, ନବମୁନୀ, ନବ ମାତା, ଶରୀର ମନ ତଥା ବୁଦ୍ଧି ବିବେକ ଜ୍ଞାନର ସନ୍ତୁଳନ ଏବଂ ସୁସ୍ଥ ରହିବାର କୌଶଳ ପ୍ରଦାନ କରିଥାନ୍ତି । ଯଥା - ପରୋପକାରାୟ ସ୍ୱର୍ଗାୟଃ, ଓଁ ଶ୍ରୀ ବାସୁଦେବାୟ ନମଃ, ଓଁ ଶ୍ରୀ ପରମାତ୍ମନେ ନମଃ, ପାପାୟ ପରପୀଡ଼ନମ୍, ଶ୍ରଦ୍ଧାବାନ ଲଭତେ ଜ୍ଞାନଂ ବିଦ୍ୟା ଦଦାତି ବିନୟମ୍, ଓଁ ଗଂ ଗଣପତୟେ ନମଃ !, ଏକମେବା ଦ୍ୱିତୀୟଂ ବ୍ରହ୍ମ।

$2025 = 3^4 \times 5^2$

2025 ର ଉତ୍ପାଦକ / ବିଭାଜକ ସଂଖ୍ୟା = $(4+1)(2+1) = 5 \times 3 = 15$

ଏବଂ 2025 ସଂଖ୍ୟାଟି ତା'ର ଉତ୍ପାଦକ ସଂଖ୍ୟା ଦ୍ୱାରା ବିଭାଜ୍ୟ ଏଣୁ ଏହାକୁ Tam ସଂଖ୍ୟା କୁହାଯାଏ।

2025 ଏକ ପୂର୍ଣ୍ଣ ବର୍ଗ ସଂଖ୍ୟା। ଏହା ଦୁଇଟି ପୂର୍ଣ୍ଣ ବର୍ଗ ସଂଖ୍ୟାର ସମଷ୍ଟି ସହ ସମାନ।

ଯଥା : $27^2 + 36^2 = 2025$

2025 କୁ $S_{44} + S_{45}$ ରୂପେ ପ୍ରକାଶ କରାଯାଇପାରିବ। ଅର୍ଥାତ ପ୍ରଥମ 44 ଟି ଗଣନ ସଂଖ୍ୟା ଓ ପ୍ରଥମ 45ଟି ଗଣନ ସଂଖ୍ୟାର ଯୋଗଫଳର ସମଷ୍ଟି ରୂପେ ପ୍ରକାଶ କରାଯାଇପାରିବ।

$$S_{44} = \frac{44 \times 45}{2} = 22 \times 45; \quad S_{45} = \frac{45 \times 46}{2} = 45 \times 23$$

$$\therefore S_{44} + S_{45} = 22 \times 45 + 45 \times 23 = 45\,(22+23) = 45 \times 45 = 2025$$

2025 ର ସମସ୍ତ ଉତ୍ପାଦକ ମାନଙ୍କର ସମଷ୍ଟି = 3751

ଅଏଲରଙ୍କ totient $\phi = 2025 \times \left(1-\frac{1}{3}\right)\left(1-\frac{1}{5}\right) = 2025 \times \frac{2}{3} \times \frac{4}{5} = 1080$

ଯାହାର ଅଙ୍କମାନଙ୍କର ସମଷ୍ଟି 9 ଓ 9 ଦ୍ୱାରା ବିଭାଜ୍ୟ ଏଣୁ 1080 ମଧ୍ୟ ଏକ ହର୍ଷଦ ସଂଖ୍ୟା।

2025 ଏକ ହର୍ଷଦ ସଂଖ୍ୟା। ଏହାର ବିପରୀତ ସଂଖ୍ୟା 5202 ମଧ୍ୟ ଏକ ହର୍ଷଦ ସଂଖ୍ୟା

2025 ର ନିକଟ ପୂର୍ବବର୍ତ୍ତୀ ମୌଳିକ ସଂଖ୍ୟା = $2025 - 2^3 = 2017$

ଓ 2025 ର ତିନୋଟି ନିକଟ ପରବର୍ତ୍ତୀ ମୌଳିକ ସଂଖ୍ୟା = $2025 - 2^1 = 2027$

$2025 = 36^2 + 27^2$

$2025 = 44^2 + 8^2 + 5^2$
$= 42^2 + 15^2 + 6^2$
$= 40^2 + 20^2 + 5^2$
$= 40^2 + 19^2 + 8^2$
$= 37^2 + 20^2 + 16^2$
$= 35^2 + 20^2 + 20^2$
$= 35^2 + 28^2 + 4^2$
$= 30^2 + 30^2 + 15^2$
$= 29^2 + 28^2 + 20^2$

2025 କୁ ତିନିରୁ ଅଧିକ ସଂଖ୍ୟାର ବର୍ଗର ସମଷ୍ଟି ରୂପେ ମଧ୍ୟ ପ୍ରକାଶ କରାଯାଇପାରିବ।

ଉଦାହରଣ : $2025 = 40^2 + 18^2 + 10^2 + 1^2 = 44^2 + 8^2 + 4^2 + 3^2$

$2025 = 41^2 + 18^2 + 2^2 + 1^2 = 1^2 + 8^2 + 14^2 + 42^2$

$2025 = 40^2 + 18^2 + 8^2 + 6^2 + 1^2 = 34^2 + 24^2 + 17^2 + 2^2$

2025 ବର୍ଷକୁ ସ୍ୱାଗତ କରି ଅନୁସନ୍ଧାନ ଜାରି ରଖ।

*ଏ.ଆଇ. ରଶ୍ମି ଟାୱାର, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର - ୭୫୧୦୦୨*

## The Unfinished Conversations

**Bandana Mohanty**

( Daughter in law)

The habit I'd got used to -
the phone ring and "Dada" flashing on the mobile screen
I'll still wait, but endlessly, as I replay
the last call, the other day - your usual warmth,
and leaving me with a feeling of being blessed,
but dropping no hint, that it'd be our last call

Ihe words still echo in me,
it was about Bapa - your elder brother,
I feel as I wonder how the dots connect,
you were all praise about the memorial tribute,
held not too long back
you poured in ideas and suggestions to make it loftier, his legacy
but nowehere did I even fear,
these suggestions were your last for us

You shared with me about your trip home to village
just two days back
for you, trip to village is always special
the full moon nights,
the abode of the Deities that you built with patience
the tastes of home delicacies
and basking in the glory of the paddy fields
but never did I think, it was your last village trip

You wrapped up the call in a hurry
to rush to your favorite place -
your temple, your tirtha, your calling

if the institute has a soul, it would be you,
as if its walls, verandahs, and the rooms were waiting,
as if the unfinished work was waiting,
to see you and meet you to its heart's content,
who would have thought,
that was your last visit to your temple!

The habit I'd got used to -
that digital connection, a fragile thread
stretched and now broken,
but the memories live on,
that hum of silence, where your voice once ruled
has become a cherished echo,
live on like you,
like your values,
like your voice and your silence
today and forever,
in my heart's memory loop

*Student 1986-88*

---

## ଅମେଳ ସଂଖ୍ୟା

୫ଟି ସଂଖ୍ୟା ଅଛି। ୪୩୭୭, ୩୯୫୪, ୯୮୬୨, ୮୪୫୪ ଓ ୯୮୩୧ ।
ଏହି ସଂଖ୍ୟାଗୁଡ଼ିକ ଭିତରୁ ୪ଟି ସଂଖ୍ୟା ଗୋଟିଏ କିସମର। ଗୋଟିଏ ସଂଖ୍ୟାର କିସମ ଅଲଗା।

?

୪୩୭୭
୩୯୫୪
୯୮୬୨
୮୪୫୪
୯୮୩୧

**ସେ ଅମେଳ ସଂଖ୍ୟାଟି କିଏ ?**

***ସମାଧାନ ପଠାଇଲେ ପ୍ରକାଶ ପାଇବ!***

# ତୁମେ ସନ୍ଥ , ତୁମେ ସାଧକ ...

ପ୍ର. ସ୍ମୃତି ମହାନ୍ତି

ତୁମେ ସନ୍ଥ ତୁମେ ସାଧକ
ତୁମେ ସକଳ ଜ୍ଞାନର ଆଧାର ,
ତୁମେ ଶାନ୍ତ ତୁମେ ସୌମ୍ୟ
ତୁମେ ସୂର୍ଯ୍ୟ ଗଣିତ ଆକାଶର । (୧)
ସୂର୍ଯ୍ୟ ହେଲେ ଅସ୍ତଗାମୀ
କିନ୍ତୁ ଛୁଇଁନି ଅନ୍ଧାର ,
ତୁମ ହସ୍ତରେ ପ୍ରଜ୍ୱଳିତ
ଦୀପଶିଖା ନୁହେଁ ଲିଭିବାର । (୨)
ତୁମେ ମୁନି , ତୁମେ ମୌନ
ତୁମେ ପ୍ରକୃତିର ପୂଜାରୀ ,
ଈଶ୍ୱରଙ୍କ ଦୂତ ତୁମେ
ଝରିପଡେ କରୁଣାର ବାରି । (୩)
ତୁମ ଲେଖନୀରେ ପରିସ୍ଫୁଟ
ଚିନ୍ତନ ତୁମର ,
ଗଣିତ ପୁସ୍ତକ ଆଉ ଗବେଷଣା
ସେ ସବୁତ ଯୁଗ ଯୁଗର । (୪)
ତୁମେ ସ୍ଥିର ତୁମେ ଧୀର
କି ବର୍ଣ୍ଣନା କରିବି ଗୁଣର ?
ଅଳ୍ପ କଥା ଅଳ୍ପ ହସ
ଅବିଶ୍ରାନ୍ତ ଧାରା ସ୍ନେହ ପ୍ରେମର । (୫)
ଖୋଲା ପୁସ୍ତକ ତୁମେ
ପୃଷ୍ଠା ସବୁ ହୋଇଛି ଜୀବନ୍ତ ,
ପିଢି ପରେ ପିଢି ବୁଝିବେ
ଏଇସବୁ ପୃଷ୍ଠାର ମହତ୍ୱ । (୬)
ଭଗବତ୍ ପ୍ରେମରେ ତୁମେ
ପାଅ ଆନନ୍ଦ ଅପାର ,
ତାବଲା, ଖଞ୍ଜଣି, ଭଜନେ, କୀର୍ତ୍ତନେ
ହେଉଥିଲ ବିଭୋର । (୭)
ଯାତ୍ରା ଦଳ ଆସିଗଲେ
ଭରେ ମନ ଉଲ୍ଲାସରେ,
ପରିବାର ସାଥେ ଦେଖ
ରହି ରାତ୍ରି ଉଜାଗରେ । (୮)
ନିଜଠାରୁ ନିଜେ ସର୍ବଦା
ରହିଲ ଦୂରରେ ,
ସଂସାରରେ ରହିମଧ୍
ପଡିଲନି ସଂସାର ମୋହରେ । (୯)
ଅନ୍ୟକୁ ସାହାଯ୍ୟ କରିବା
ହେଲା ତୁମ ଧର୍ମ ,
ଜୀବନ ଉତ୍ସର୍ଗ କଲ
କରି ନିଃସ୍ୱାର୍ଥ କର୍ମ । (୧୦)
ତୁମେ ସ୍ୱାଭିମାନୀ ' ଭୀଷ୍ମ ପିତାମହ' " "
ସ୍ୱଦେଶ ପାଇଁ ନିତି ଜାଗ୍ରତ
ବିଦେଶ ଭୂଇଁକୁ ତୁଚ୍ଛ କରି ତୁମେ
ଓଡିଶାକୁ କଲ ଗର୍ବିତ । (୧୧)
ଶୋଇଗଲ ନୀରବରେ
ଚିରଦିନ ହେଲ ହେ ଅମର ,
ଚାଲିଗଲ ଜଣାଇ ସଭିଙ୍କୁ
ମହତ୍ୱ ଜୀବନର (୧୨)

ସ୍ୱର୍ଗତ ପ୍ରଫେସର ଗୋକୁଳାନନ୍ଦ ଦାସ (ଆବିର୍ଭାବ ୧୯୩୮ ମେ ୧୨ –ତିରୋଧାନ ୨୦୨୫ ଅଗଷ୍ଟ ୧୬) ସାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କବିତାଟି ଉତ୍ସର୍ଗ କରୁଛି ।

# ମୋ ନନା

**ଚମ୍ପି ( ଅନନ୍ୟା)**

ନନାଙ୍କର ମୃତ୍ୟୁ ସମ୍ବାଦ ରୁନା ନାନୀଠାରୁ ଫୋନ୍‌ରେ ଶୁଣିଲା ପରେ ମୋତେ ଭାରି ଦୋଷୀ ଦୋଷୀ ଲାଗିଲା କାରଣ ମୁଁ ଅଗଷ୍ଟ ୨୪ ତାରିଖ ଦିନ ଦିଲ୍ଲୀ ଗଲାବେଳେ ନନା ପଚାରିଲେ କେବେ ଫେରିବୁ ଯାହାର ସଠିକ ଉତ୍ତର ମୋ ପାଖରେ ନଥିଲା । କିନ୍ତୁ ସେପ୍ଟେମ୍ବର ୧୨ ତାରିଖ ରାତିରେ ବିଟୁ ଭାଇନା ମୋର ଟିକେଟ ୨୦ ତାରିଖ ପାଇଁ କରିଦେଇଥିଲା ଏବଂ ମୁଁ ଯଥାଶୀଘ୍ର ନନା, ବୋଉଙ୍କୁ ଦେଖିବି ବୋଲି ଉତ୍ସାହିତ ଥିଲି । ମାତ୍ର ମୋର ଆଶା ଆଶାରେ ହିଁ ରହିଗଲା । ମୁଁ ୨୦ ତାରଖ ପୂର୍ବରୁ, ସେପ୍ଟେମ୍ବର ୧୬ ତାରିଖ ଦିନ ଭୁବନେଶ୍ୱର ଫେରିଲି କିନ୍ତୁ ନନାଙ୍କୁ ଆଉ ଦେଖିପାରିଲି ନାହିଁ । ଏବେ ନନାଙ୍କର ସ୍ମରଣିକା ପାଇଁ ମୁଁ ଲେଖିଲା ବେଳକୁ ମୋର ସାହସ ହେଉନାହିଁ, କାରଣ ନନା ଆଜି ମୋର ଲେଖାଟିକୁ ସଂଶୋଧନ କରିବାକୁ ନାହାନ୍ତି । ଦିନ ଥିଲା ନନା ମୋତେ ଗଳ୍ପ ଲେଖିବାକୁ ଉତ୍ସାହିତ କରୁଥିଲେ । ଡିଟିପି ଶିଖି ଘରେ ରହି ସ୍ୱାବଲମ୍ବୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମାତ୍ର ସମସ୍ୟା ଘେରରେ ରହି ମୁଁ ତାଙ୍କର କୌଣସି ପରାମର୍ଶକୁ ଗ୍ରହଣ କରିପାରିନଥିଲି । ନନାଙ୍କର ପ୍ରଖର ସ୍ମରଣ ଶକ୍ତି ତାଙ୍କୁ ଅଲଗା ମଣିଷଟିଏ କରି ଗଢି ତୋଳିଥିଲା । ତାଙ୍କର ସ୍ମରଣ ଶକ୍ତି ବୟସକ୍ରମେ କମି ଗଲାଣି କହି ମନଦୁଃଖ କରୁଥିଲେ । ମାତ୍ର ତାଙ୍କର ଶେଷ ଜୀବନ ଯାଏଁ ଅନେକ କଥା ମନେ ରହୁଥିଲା ଯାହା ମୁଁ ଏ ବୟସରେ ବି ଭୁଲି ଯାଉଛି । ସେ ଓଡ଼ିଶାର ଅନେକ ପରିବାରର ସଦସ୍ୟମାନଙ୍କର ନାମ ଓ ତାଙ୍କର ସମ୍ପର୍କୀୟମାନଙ୍କୁ ସହଜରେ ମନେ ରଖିପାରୁଥିଲେ । ବଡ଼ ବଡ଼ ହିସାବ ମୁଁ କାଲ୍‌କୁଲେଟର୍‌ରେ କରିବା ପୂର୍ବରୁ ସେ ମୁହେଁ ମୁହେଁ ତା'ର ସମାଧାନ କରିଦେଇ ପାରୁଥିଲେ । ନିଜର ଜୀବନୀ ପୁସ୍ତକରେ ସେ ତାଙ୍କର ସ୍କୁଲରେ ପଢୁଥିବା ସମସ୍ତ ସହପାଠୀମାନଙ୍କ ନିର୍ଭୁଲ ଉପସ୍ଥାପନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।

ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ସାଧନା ବଳରେ ସେ ଉଚ୍ଚଶିକ୍ଷିତ ହୋଇପାରିଥିଲେ ଏବଂ ଆମମାନଙ୍କୁ ଉଚ୍ଚ ଶିକ୍ଷିତ ହେବାକୁ ପ୍ରବର୍ତ୍ତାଇ ଥିଲେ । ମାତ୍ର ନନା ସବୁବେଳେ ଘର ଓ ପରିବାରକୁ ପ୍ରାଧାନ୍ୟ ଦେଉଥିଲେ ତେଣୁ ଘର ସଂସାରର କର୍ତ୍ତବ୍ୟରେ ଅବହେଳା କରି ଚାକିରୀ କରିବା ପାଇଁ ସେ ଆମକୁ ବାରଣ କରିଥଲେ । ବୋଉଙ୍କ ପ୍ରତି ନନାଙ୍କର ଯଥେଷ୍ଟ ବିଶ୍ୱାସ, ସମ୍ମାନ ଓ ଭଲ ପାଇବା ଥିଲା ବୋଉଙ୍କର ସହନଶୀଳତା ଓ ଦୂରଦୃଷ୍ଟିକୁ ସେ ଭୁରିଭୁରି ପ୍ରସଂଶା କରୁଥିଲେ । ବୋଉଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବାକୁ ସେ ଚେଷ୍ଟା କରୁଥୁଲେ ନଚେତ ଆମମାନଙ୍କୁ ବୋଉଙ୍କୁ ସହଯୋଗ କରି କାମଟିକୁ ସମ୍ପୂର୍ଣ୍ଣ କରିବାକୁ ପ୍ରବର୍ତ୍ତାଉଥିଲେ ସବୁବେଳେ । ବୋଉ କ'ଣ କରୁଛି, ଖାଇଲାଣି ନା ନାହିଁ ପଚାରି ବୁଝୁଥିଲେ । ସେପଟେ ସେ କ'ଣ ଖାଇଲେ ଭଲ; ସେ କଥା ବୋଉଙ୍କୁ ପଚାରି ହିଁ ଖାଉଥିଲେ । ନନାଙ୍କର ପଢିବା ଓ ଲେଖିବାରେ ବହୁତ ଆଗ୍ରହ ଥିଲା । ସେ ବିଭିନ୍ନ ଭାଷା ଓ ଦେଶ ବିଦେଶର ଲେଖକମାନଙ୍କର ଗଳ୍ପ ଓ ଉପନ୍ୟାସ ଅତି ଆଗ୍ରହର ସହ ପଢୁଥିଲେ ଏବଂ ବୋଉଙ୍କ ଉଦ୍ଦେଶ୍ୟରେ ବଡ଼ ପାଟି କରି ପଢି ଶୁଣାଉଥିଲେ ପରେ ବୋଉ ଓ ନନା ମିଶି ତାକୁ ଆଲୋଚନା ଓ ପର୍ଯ୍ୟାଲୋଚନା କରୁଥିଲେ ।

ସେଥିରୁ ଅନୁପ୍ରାଣିତ ହୋଇ ନନା ଅନେକ ଉଚ୍ଚ କୋଟୀର ପ୍ରବନ୍ଧ ଲେଖିଯାଇଅଛନ୍ତି। ଯାହା ତାଙ୍କୁ ବିଭିନ୍ନ ସଂସ୍ଥାରେ ସମ୍ବର୍ଦ୍ଧିତ ଓ ପ୍ରସଂଶିତ କରିପାରିଛି। ଚାରିଧାମ ଯାତ୍ରା ପରେ ନନା ଏବଂ ବୋଉ ଆମିଷ ଖାଇବା ଛାଡି ସରଳ ଓ ନିରାଡମ୍ବର ଜୀବନଶୈଳୀକୁ ଆପଣେଇ ନେଇଥିଲେ। ମୋର ବୋଉ ବହୁତ ଭଲ ରୋଷେଇ କରିପାରନ୍ତି। ନନା ମଧ୍ୟ  ଖାଇବାରେ ବାଛ ବିଚାର ନକରି ଥାଳି ପରିଷ୍କାର କରି ଖାଇଦିଅନ୍ତି ଏବଂ ଆମକୁ ଖାଦ୍ୟ ନଷ୍ଟ ନକରିବାକୁ ବାରମ୍ବାର ତାଗିଦ କରନ୍ତି। ନନାଙ୍କର ସମସ୍ତ କାର୍ଯ୍ୟରେ ବୋଉଙ୍କର ବରାବର ସହଯୋଗ ରହିଥିଲା। ନନା କୌଣସି ବିଷୟରେ ଲେଖିଲା ପୂର୍ବରୁ ବୋଉଙ୍କର ସହଯୋଗ ଓ ପରାମର୍ଶ ଲୋଡୁଥିଲେ। ବୋଉଙ୍କ ଅନୁରୋଧ ଓ ଉତ୍ସାହ ବଳରେ ନନା ନିଜର ଅସୁସ୍ଥତା ବାଦ ତାଙ୍କର ଜୀବନୀ ପୁସ୍ତକଟିକୁ ସମ୍ପୂର୍ଣ୍ଣ କରିପାରିଥିଲେ। ନନା ଭାରି ଗମ୍ଭୀର ସ୍ୱଭାବର ଥିଲେ। ତାଙ୍କର ପଦେ କଥାରେ ମୁଁ ରାୟ ପାଇ, ସେଇ କଥାଟିକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଚେଷ୍ଟା କରେ।  ବନ୍ଧୁବାନ୍ଧବ ହେଉ ଅଥବା ଚିହ୍ନା ପରିଚୟ ଘର ଲୋକ ହେଉ ଅଥବା ବାହାର ଲୋକ ସମସ୍ତଙ୍କର ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହେଉଥିଲେ। ଅସହାୟ ଲୋକଙ୍କୁ ସାହାଯ୍ୟ କରିବାରେ କେବେ କୁଣ୍ଠାବୋଧ କରୁନଥିଲେ। ଅତ୍ୟନ୍ତ ସରଳ ବିଶ୍ୱାସୀ ଥିଲେ।

ମୋ ନନା ଥରେ ଜଣେ ଲୋକ ଫୋନ ମାଧ୍ୟମରେ ତାଙ୍କୁ ସମ୍ପର୍କ କରି ସାହାଯ୍ୟ ପାଇଁ ସକାଳୁ ସକାଳୁ ଘରେ ପହଞ୍ଚିଲା। ତା'ର ପୁଅର କ୍ୟାନ୍‌ସର ହୋଇଛି ଶୁଣି, ସେହି ଅଜଣା ଲୋକକୁ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରିଥିଲେ। ବୋଉଙ୍କ ବାରଣ ସତ୍ତ୍ୱେ। କିନ୍ତୁ ପଛରେ ଯେତେବେଳେ ଜଣା ପଡିଲା ଲୋକଟି ଠକ, ନନା ବିଶ୍ୱାସ କରିପାରିଲେନି, କାରଣ ତାହା ତାଙ୍କର ଭାବନାର ବାହାରେ ଥିଲା।

ଜାତି, ଧର୍ମ, ଧନୀ, ଗରିବ ଓ ବୟସ ନିର୍ବିଶେଷରେ ସମସ୍ତଙ୍କୁ ସେ ଶ୍ରଦ୍ଧା ଓ ଉଚିତ ସମ୍ମାନ ଦେଉଥିଲେ ଓ ବଦଳରେ ଭାଇ, ବନ୍ଧୁ, କୁଟୁମ୍ବ ସମସ୍ତଙ୍କ ଠାରୁ ଶ୍ରଦ୍ଧା ଓ ସମ୍ମାନ ପାଉଥିଲେ। ଅନ୍ୟର ଉନ୍ନତିରେ ସେ ଖୁସି ହେଉଥିଲେ ଓ ଅନ୍ୟମାନଙ୍କୁ ଉନ୍ନତି ପଥରେ ଆଗେଇବା ପାଇଁ ଉତ୍ସାହିତ କରୁଥିଲେ।

ମୋର ନାମ ନନା 'ଅନନ୍ୟା' ଦେଇଥିଲେ ମାତ୍ର ସେହି ଶବ୍ଦର ଅର୍ଥ ମୁଁ ବୁଝି ନଥିଲି। ମୋର ଜଣେ ଶିକ୍ଷକ ଓ ସହପାଠୀମାନେ ମୋ ନାମକୁ କଦର୍ଥ କରି ମୋତେ ଚିଡାଉଥିଲେ। ମୁଁ ତାହା ସହି ନପାରି ମୋର ନାମଟିକୁ ବଦଳାଇବାକୁ ଜିଦ କରିଥିଲି। କିନ୍ତୁ ନନା ମୋତେ ତା'ର ଅର୍ଥ ନ-ଅନ୍ୟ (ଅନନ୍ୟା) ବୋଲି ବୁଝାଇଥିଲେ। ତା'ପର ଠାରୁ ମୋର ନାମଟି ମୋତେ ଭଲ ଲାଗିଥିଲା।

କିଛି ସମସ୍ୟାରେ ପଡିଲେ ନନା ପ୍ରତ୍ୟେକ ଜିନିଷକୁ ସରଳ ଓ ଯୁକ୍ତିଯୁକ୍ତ ଭାବରେ, ଉଦାହରଣ ଦେଇ ବୁଝାଇ ଦିଅନ୍ତି ଏବଂ ଧୈର୍ଯ୍ୟହରା ନହୋଇ ମୋତେ ଲଢେଇ କରିବା ପାଇଁ ପ୍ରୋତ୍ସାହିତ କରନ୍ତି। ଇତୁ ନାନୀ ଓ ଶିବାଶୀଷଙ୍କ ଦେହାନ୍ତ ତାଙ୍କ ମନକୁ ଅତ୍ୟନ୍ତ ଆଘାତ ଦେଇଥିଲା। କିନ୍ତୁ ସେ ଉପରକୁ ଶକ୍ତ ହୋଇ ବିପଦର ମୁକାବିଲା କରିବାକୁ ଚେଷ୍ଟା କରିଥିଲେ ବୋଧେ। ସେଥିରେ ସେ ସଫଳ ହୋଇ ପାରିଲେନି। ମନକୁ ସିନା ବୁଝାଇବାର ପ୍ରୟାସ କଲେ କିନ୍ତୁ ଶରୀର ତାଙ୍କର ସାଥ୍ ଦେଲାନାହିଁ। ତାଙ୍କର ଦେହାନ୍ତ ମୋ ପାଇଁ ଏକ ବଡ଼ ଆଘାତ, ଭଗବାନ ତାଙ୍କର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।

-୦-

# ଗଣିତକୁ ଆୟତ୍ତ କରି ନପାରିଲେ...

**ଗୋକୁଳାନନ୍ଦ ଦାସ**

ନିକଟ ଅତୀତରେ 'ଲୀଳାବତୀ ପୃଷ୍ଠା' ଓ ଗଣିତ ବିଚିତ୍ରା ନାମକ ପତ୍ରିକାର ପ୍ରକାଶିତ ମୋର ଏକ ସନ୍ଦର୍ଭର ନାମ ଥିଲା "ଯିଏ ଗଣିତକୁ ଆୟତ୍ତ କରିପାରେ ସେ ଅନାୟାସରେ ସବୁ କିଛି ଆୟତ୍ତ କରିପାରେ"। ଏହି ପରିପ୍ରେକ୍ଷୀରେ ମୋର ଏକ ବ୍ୟକ୍ତିଗତ ଅଭିଜ୍ଞତା ବ୍ୟକ୍ତ ନ କରି ରହିପାରୁନାହିଁ ।

ଆମ ଗାଆଁ ବରୀ ମାଇନର ସ୍କୁଲରୁ ୭ମ ଶ୍ରେଣୀ ପାଶ କରିବା ପରେ କଲ୍ୟାଣପୁର ସ୍ଥିତ ଶ୍ରୀବନ୍ତ ହାଇସ୍କୁଲରେ ମୋର ନାମ ଲେଖା ହେଲା । ବରୀରେ ସେହି ସମୟରେ ହାଇସ୍କୁଲଟିଏ ସ୍ଥାପନ ହୋଇଥାଏ । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଆନନ୍ଦପୁର ନିବାସୀ ଶ୍ରୀଯୁକ୍ତ କୃପାସିନ୍ଧୁ ମହାନ୍ତିଙ୍କ ସୁପୁତ୍ର ଶ୍ରୀଯୁକ୍ତ ଉମାଚରଣ ମହାନ୍ତି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ତାଙ୍କ ପିତାଙ୍କ ନାମ ଅନୁସାରେ ବିଦ୍ୟାଳୟଟିର ନାମକରଣ ହୋଇଥିଲା 'କୃପାସିନ୍ଧୁ ବିଦ୍ୟାଭବନ'।

ଯେହେତୁ ଏହି ବିଦ୍ୟାଳୟଟି ତାର ଶୈଶବରେ ଥିଲା ଏବଂ ନୂଆ ନୂଆ ଅଳ୍ପସଂଖ୍ୟକ ଶିକ୍ଷକ ମୁତୟନ ହେଉଥିଲେ, ସେଥି ନିମନ୍ତେ ଦାଦା (ମୋର ବାପା) ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ ସେହି ସ୍କୁଲରେ ମୋତେ ନ ପଢ଼ାଇ କଲ୍ୟାଣପୁର ହାଇସ୍କୁଲରେ ମୋର ପଢ଼ିବାର ବ୍ୟବସ୍ଥା କରିଥିଲେ।

ସ୍କୁଲର ଲମ୍ବାଛୁଟୀରେ ବାପା ଆମର ଗାଇଆଳ ବନାକୁ କଲ୍ୟାଣପୁର ପଠାଇ ତା' ସହାୟତାରେ ମୋତେ ଘରକୁ ଆସିବାର ବ୍ୟବସ୍ଥା କରୁଥିଲେ ଏବଂ ଛୁଟୀ ସରିଗଲେ ବନା ପୁନର୍ବାର ମୋତେ କଲ୍ୟାଣପୁରରେ ଛାଡ଼ି ଆସୁଥିଲା। ସେହି ସମୟରେ ମୁଁ ବିନା ଚପଲରେ ଯିବା ଆସିବା କରୁଥିଲି ।

ବନା ଖୁବ୍ ଯାତ୍ରାପ୍ରିୟ ଥିଲା । ମୋତେ ନେବା ଆଣିବା ସମୟରେ ସେ ଯାତ୍ରାଗପ ଶୁଣାଇବା ମଧ୍ୟରେ କେତେବେଳେ ଯେ ରାସ୍ତା ସରି ଯାଉଥିଲା ଜଣା ପଡୁନଥିଲା। ଗପ ଶୁଣିବା ନିଶାରେ ପାଦଚଲା ଶ୍ରମ ଜଣା ପଡୁନଥିଲା ।

ଅନେକ ବାର ଛୁଟୀ ସରିଗଲେ ମଧ୍ୟ ମୋର ଘରଛାଡ଼ି ଯିବାକୁ ଇଚ୍ଛା ହୁଏନା । ଗାଲେଇକି ଦୁଇ ଚାରିଦିନ ଡେରି କରିଦିଏ । ଏହି ସମୟ ମଧ୍ୟରେ ପାଠପଢ଼ା କିଛି ଆଗଭେ ଯାଇଥାଏ । ଗଣିତ ବ୍ୟତୀତ ଅନ୍ୟ ବିଷୟ ଆଗେଇ ଯାଇଥିଲେ ମୋର ଚିନ୍ତା ନ ଥାଏ। କିନ୍ତୁ ଗଣିତ ? ଗଣିତ ପାଇଁ ମୋର ଚିନ୍ତା ବଢ଼ିଯାଏ । କେମିତି ପାଠ କଭର୍ କରିବି ଭାବିଭାବି ବ୍ୟସ୍ତ ହୋଇ ଉଠେ । ମନ କଥା ବନାକୁ କହେ । ମୋ ଚିନ୍ତା ମଧ୍ୟ ବନାକୁ ଆକ୍ରାନ୍ତ କରେ । ମୋ ଅସୁବିଧା ସଂକ୍ରାନ୍ତରେ ସେ ଦାଦାଙ୍କୁ ଅବଗତ କରାଏ । ବନାଠାରୁ ସମସ୍ତ କଥା ଶୁଣିବା ପରେ ଦାଦା କହନ୍ତି – "ତାକୁ କହିଦେବୁ ଯଦି ଗଣିତ ତାକୁ କଷ୍ଟ ଲାଗୁଛି ତାହା ହେଲେ ମୂଳିଆଟିଏ ଲଗାଇଦେବ।"

ବନାଠାରୁ ଦାଦାଙ୍କର ଉପରୋକ୍ତ ମନ୍ତବ୍ୟ ଶୁଣି ଦୁଃଖରେ ଭାଙ୍ଗିପଡ଼େ। ଆଦ୍ୟ କୈଶୋରରେ ପାଦ ଦେଇଥିବା ମୋର କୋମଳ ମନ । ଆଶ୍ୱାସନା ପରିବର୍ତ୍ତେ ଏ ପ୍ରକାର କଠୋର ବାଣୀ ମୋ କିଶୋର ମନରେ ଗଭୀର ପ୍ରତିକ୍ରିୟା ସୃଷ୍ଟି କରେ । ନିଜକୁ ତୀବ୍ର ଭାବରେ ଅପମାନିତ ମନେ କରେ । ତା' ପରଠାରୁ ପ୍ରଚଣ୍ଡ ଅଭିମାନରେ କଦାପି କୌଣସି ଦିନ ଦାଦାଙ୍କୁ ମୋର ସମସ୍ୟା ସଂପର୍କରେ ନକହିବାର ପ୍ରତିଜ୍ଞା କରେ । ପିଲାଦିନରୁ ଖୁବ ସ୍ୱାଭିମାନୀ ଓ ଜିଦ୍‌ଖୋର ସ୍ୱଭାବ ମୋର । ସେହି ଚପଳ ବୟସରେ ଦାଦାଙ୍କର ପଦଟିଏ କଥା ମୋ' ସ୍ୱାଭିମାନକୁ ଯଥେଷ୍ଟ ଭାବରେ ଆହତ

କରିଥିଲା । ପ୍ରାଣପଣେ ଲାଗିପଡ଼ିଲି ଗଣିତକୁ ଆୟତ କରିବାକୁ । ଅକ୍ଳାନ୍ତ ପରିଶ୍ରମ କରି ପ୍ରଚଣ୍ଡ ଅଧ୍ୟବସାୟ ବଳରେ ମୋର ଆତ୍ମବଳକୁ ଦୃଢ଼ କରି ସମସ୍ତ ସମସ୍ୟାର ସମାଧାନ କରି ପାରିଥିଲି ଅନ୍ୟର ବିନା ସହାୟତାରେ ।

ମୋର ଗଣିତରେ ପାରଦର୍ଶିତା ସମସ୍ତ ଶିକ୍ଷକଙ୍କୁ ମୁଗ୍ଧ କରିଥିଲା । ଏହାପରେ ଆଉ ପଛକୁ ଫେରି ଚାହିଁ ନାହିଁ। ମୋର ବଡ଼ ପୁଅ ରାଜା ଏପ୍ସାଇଲନ ବିଜେବି କଲେଜରେ ଗଣିତରେ ବି.ଏସ୍‌ସି (ଅନର୍ସ) ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍‌ସି. ପଢ଼ିଲା । ସେ ଉଭୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଚାରୋଟି ସ୍ୱର୍ଣ୍ଣପଦକ ହାସଲ କରି ପାରିଥିଲା ନିଜର ଅଧ୍ୟବସାୟ ବଳରେ । ସେ ଥିଲା ଖୁବ ଖେଳ ପ୍ରିୟ । ବ୍ୟାଡ଼ମିଣ୍ଟନରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲା । ତାର ଖେଳ ନିଶା ମୋତେ ବ୍ୟସ୍ତ ବିବ୍ରତ କରୁଥିଲା । ପାଠ ଉପରେ ଗୁରୁତ୍ୱ ନଥିବାର ଉପଲବ୍ଧି କରି ଖୁବ ବ୍ୟସ୍ତ ହୋଇ ଯାଉଥିଲି । ଖେଳ ସାରି ଡେରିରେ ଫେରିଲେ ପାଠ ପଢ଼ିବାର ସମୟ କମି ଯାଉଥିବାରୁ ଖୁବ ବିରକ୍ତ ହେଉଥିଲି ତା' ଉପରେ । କିନ୍ତୁ ମୋତେ ଆଶ୍ଚର୍ଯ୍ୟ କରି ମୋର ବିନା ସହାୟତାରେ ସେ ଗଣିତ ବିଦ୍ୟାକୁ ଆୟତ କରିପାରିଥିଲା ।

ଉଚ୍ଚଶିକ୍ଷା ନିମନ୍ତେ ବିଦେଶ ଯିବାପରେ ବ୍ୟସ୍ତହୋଇ ଫୋନ୍ କଲେ- ଗଣିତ ଟିକେ କଷ୍ଟ ଲାଗୁଛି- ମୋ ଦାଦା ମୋତେ କହିଥିବା ବାକ୍ୟକୁ ମୁଁ ଦୋହରାଇ ଥିଲି ମୋ ପୁଅ ନିକଟରେ- "ଯଦି କଷ୍ଟ ଲାଗୁଛି ତାହାହେଲେ ମୂଳିଆଟିଏ ଲଗାଇଦେ ।"

ସେ ଚୁପ୍ ହୋଇଗଲା । ତା ପରଠାରୁ କେବଳ ଗଣିତ ନୁହେଁ ତା'ର କୌଣସି ସମସ୍ୟା ସଂପର୍କରେ ମୋତେ ଅବଗତ କରାଇ ନାହିଁ । ନିଜର ସମସ୍ୟା ନିଜେ ସମାଧାନ କରିଛି ଓ ଆଜି ପର୍ଯ୍ୟନ୍ତ କରି ଆସୁଛି ମଧ୍ୟ ।

ମୋର ଏହି ଦୁଇଟି ଅନୁଭବ ସମସ୍ତ ଛାତ୍ରଛାତ୍ରୀଙ୍କ ଗୋଚରାର୍ଥେ ଲିପିବଦ୍ଧ କରୁଛି । ଯଦି କୌଣସି ଛାତ୍ର ବା ଛାତ୍ରୀ ଏହିପରି କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତାହାହେଲେ ଅନ୍ୟର ସାହାଯ୍ୟ ଭିକ୍ଷା ନ କରି ସ୍ୱୟଂ ନିଜର ସମସ୍ୟାକୁ କଠିନ ଅଧ୍ୟବସାୟ ମାଧ୍ୟମରେ ଅଚିରେ ସମାଧାନ କରି ପାରିବେ । ଗଣିତକୁ ଭୟ କଲେ ଗଣିତ ଧିରେ ଧିରେ ଦୂରେଇ ଯିବ । ସମାଧାନର ସୂତ୍ର ସେମାନଙ୍କ ହସ୍ତରେ । ଗଣିତକୁ ଭୟ ନ କରି ଖୁବ ମନଯୋଗ ସହକାରେ ଗଣିତର ସୂତ୍ରକୁ ଆଧାର କରି ଅତି ସହଜରେ ଏହାର ସମାଧାନ କରିପାରିବ । ଏହି ପ୍ରକ୍ରିୟାରେ ଗଣିତ ବିଦ୍ୟାକୁ ଆୟତ କରି ପାରିବା ଅନୁଭବ ସହଜରେ ଉପଲବ୍ଧି କରିପାରିବ । କେବଳ ଗଣିତ ନୁହେଁ ସମସ୍ତ ପାଠ୍ୟକ୍ରମ ନିମନ୍ତେ ମଧ୍ୟ ଏହା ପ୍ରଯୁଜ୍ୟ ।

ଉପରୋକ୍ତ ପଦ୍ଧତି ସ୍ୱୟଂ ପରୀକ୍ଷା କରି ଦେଖିପାର ଏବଂ ପ୍ରତିକା ମାଧ୍ୟମରେ ନିଜର ଅନୁଭୂତି ସମ୍ପର୍କରେ ପଦେ ଦୁଇପଦ ଲେଖି ଜଣାଇପାର ।

*୧୭୭- ଧର୍ମବିହାର, ଖଣ୍ଡଗିରି, ଭୁବନେଶ୍ୱର*

*ମୋ - ୯୪୩୭୦୩୫୧୨୧*

**ସଂକ୍ଷେପରେ ଅଳ୍ପକିଛି -**

ଆମ ଗାଆଁ ନେଉଳା; ବରୀ, ଯାଜପୁର । ମୋର ବିଦ୍ୟାରମ୍ଭ ମୋର ଦାଦା (ବାପା)ଙ୍କ ନିକଟରେ ଆମ ଗାଆଁ ଆମ୍ବତୋଟା ମୂଳେ । ତଳେ କାଠି ସାହାଯ୍ୟରେ ବାଲିରେ ଗଣିତ ଶିକ୍ଷା ମୋର ବାଲ୍ୟ ସାଥି ମହିଆ ସହିତ । ଗଣିତ ପଢ଼ି ସାରିବା ପରେ ଶ୍ରଦ୍ଧାରେ ପିଠି ଥାପୁଡ଼େଇ ଦାଦା କହନ୍ତି- "ପାଠ ପଢ଼ା ଏତିକି । ଏବେ ତମେ ଦୁଇଜଣ ଦୁଇ କିଲୋମିଟର ଦୂରେ ଥିବା ବଣ ବାବାଜି ମଠ ପର୍ଯ୍ୟନ୍ତ ଯାଅ । ରାସ୍ତାରେ ଚାଲୁ ଚାଲୁ ଅନ୍ୟାନ୍ୟ ବିଦ୍ୟା ବିଷୟରେ ନିଜ ନିଜ ମଧ୍ୟରେ ଆଲୋଚନା କରି ବିଦ୍ୟାକୁ ଆୟତ କର । କାରଣ ମୋ ଦାଦାଙ୍କ ଅନୁସାରେ ଆଲୋଚନା ମାଧ୍ୟମରେ ସ୍ୱତଃପ୍ରବୃତ୍ତ ଭାବରେ ବିଦ୍ୟା ହାସଲ ହୋଇପାରିବ । ଏଠାରେ କହିରଖେ ମୋର ପିତା ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ ବରୀ ଅଞ୍ଚଳର ସ୍ୱନାମଧନ୍ୟ ଶିକ୍ଷକ, ଯାହାଙ୍କର ଛାତ୍ରମାନେ ସେହି ସମୟରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ପାରିଥିଲେ । ⁂

# ଶ୍ରୀ ଗୁରୁ ସ୍ମରଣେ...

**ଅଦ୍ୱୈତ କୁମାର ବଳିୟାରସିଂହ**

ଗୁରୁ ଗୋବିନ୍ଦ ଦୌ ଖଡେହେ, କାକୁ ଲାଗେ ପାଏ
ବଲିହାହରୀ ଗୁରୁ ଆପନେ, ଗୋବିନ୍ଦ ଦିଓ ବତାଏ ।

କବିର କୁହନ୍ତି ଗୋବିନ୍ଦଙ୍କ ଠାରୁ ଗୁରୁ ଅଧିକ ବଳିୟାର ଯେହେତୁ ଗୁରୁହିଁ ଶିଷ୍ୟକୁ ଗୋବିନ୍ଦ ଚିହ୍ନାଇ ବା ଦର୍ଶନ କରାଇଥାନ୍ତି । ଗୁରୁହିଁ ଜୀବନର ଅଜ୍ଞାନତାରୂପୀ ଅନ୍ଧାରକୁ ଦୂର କରି ଉଦ୍ଭାସିତ ଅର୍ଥାତ ଆଲୋକିତ କରାଇଥାନ୍ତି । ସେଦିନ ନରେନ୍ଦ୍ରଙ୍କୁ ରାମକୃଷ୍ଣ ବିଶ୍ୱବିଖ୍ୟାତ ସ୍ୱାମୀ ବିବେକାନନ୍ଦରେ ପରିବର୍ତ୍ତିତ କରିଥିଲେ । ମୋ ଜୀବନରେ ମୋର ଅଜ୍ଞତା ଦୂର କରି ମୋତେ ମୋ ଗୁରୁ ଶ୍ରୀଯୁକ୍ତ ଡକ୍ଟର ଗୋକୁଳାନନ୍ଦ ଦାସ ଯିଏକି ଖାଲି ଓଡିଶା କାହିଁକି ଭାରତର ଜଣେ ସ୍ୱନାମଧନ୍ୟ ଗଣିତଜ୍ଞ ସେହି ମହାଶୟ ମୋତେ ସାର୍ଥକ ମଣିଷଟିଏ କରିଛନ୍ତି ଏହା ମୁଁ ମର୍ମେ, କର୍ମେ, ଧର୍ମେ ଜୀବନର ଅନୁଭୂତିରୁ ଅନୁଭବ କରି ଶ୍ରୀଗୁରୁ ପାଦରେ ଶରଣ ନେଉଛି ।

ମୋର ଶିକ୍ଷକତା ଜୀବନ ପ୍ରାରମ୍ଭରେ ଉଚ୍ଚଶିକ୍ଷା ପ୍ରାପ୍ତିର ଅଭିଳାଷ ପୂରଣରେ ଶ୍ରୀ ଗୁରୁଦେବଙ୍କ ଭୂମିକା, ପ୍ରୋତ୍ସାହନ ଓ ମାର୍ଗ ଦର୍ଶନ ମୋ ଜୀବନରେ ଗୋଟିଏ ଶ୍ରେଷ୍ଠ ଉପଲବ୍ଧି । ବିଭିନ୍ନ ବିଷୟ ଚୟନ ବିନା ପରାମର୍ଶରେ ଫର୍ମ ପୂରଣ କରି ସାରିବା ପରେ ଯେତେବେଳ ଶ୍ରୀଗୁରୁଙ୍କ ସହ ପରାମର୍ଶ କରେ ସେତେବେଳେ ଜାଣିବାକୁ ପାଇଲି ଇଉକ୍ଲିଡିୟ ଜ୍ୟାମିତି ପଢାଇବାକୁ ଆମ ବିଶ୍ୱବିଦ୍ୟାଳୟରେ ସେ ସମୟରେ ଅଧ୍ୟାପକ ନାହାନ୍ତି ଅଥବା ବିଶ୍ୱବିଦ୍ୟାଳୟ ଅଧୀନ ବିଜେବି କଲେଜେ ଏପରିକି ରେଭେନ୍ସା କଲେଜରେ ଅଧ୍ୟାପକ ନାହାନ୍ତି । ନିରାଶ ହୋଇଗଲା ପରେ ମୋ ବଲିହାରୀ ଗୁରୁଦେବ ମୋ' ପାଇଁ ଯଥେଷ୍ଟ ପ୍ରୟାସ କରି ନୋଟ ଦେଇ ନିଜେ ପାଖରେ ବସାଇ ପଢ଼ାଇଥିଲେ । ଏହା ମୁଁ ଶ୍ରୀଗୁରୁଙ୍କୁ ଦେଖିବା ମାତ୍ର ସେହି ଦିନର ଚିତ୍ର ସବୁ ଭାସିଉଠେ । ସେଥିପାଇଁ ମୁଁ ଚିର ଋଣୀ ଓ କୃତଜ୍ଞ ।

ଶିକ୍ଷା ଅର୍ଜନ ଓ ଶିକ୍ଷାଦାନ ଖାସ କରି ଗଣିତ ବିଷୟ ଭିତିରେ ସଫଳତା କେବଳ ସଂକଳ୍ପ ଓ ବ୍ରତନିଷ୍ଠ ସାଧନା ଦ୍ୱାରା ଆୟତ୍ତ କରିହୁଏ ଏହାର ବଳିଷ୍ଠ ପ୍ରମାଣ ମୋ ଗୁରୁଦେବଙ୍କ ପ୍ରେରଣା ଓ ବ୍ୟକ୍ତିତ୍ୱ ।

ମୋର ଶିକ୍ଷକତା ଜୀବନ କାଳ ମଧ୍ୟରେ ମୁଁ ଯେତେବେଳେ ହଇସ୍କୁଲ, +୨, +୩, ଛାତ୍ର ଛାତ୍ରୀମାନଙ୍କ ନୂତନ ଭାବେ ରଖାଯାଇଥିବା ବିଷୟ ଜନିତ ସଂଦେହ (Doubt) ମୋଚନ କରିବାରେ ଅସମର୍ଥ ହେଉଥିଲେ ସେତେବେଳେ ମୋର ବଳିହାରୀ ଗୁରୁଦେବଙ୍କୁ ଫୋନ୍ ଲଗାଇ ଦେଉଥିଲି ଶ୍ରୀଗୁରୁ ସିଧାସଳଖ ଭାବେ ଛାତ୍ର ବା ଛାତ୍ରୀ ମାନଙ୍କ ସହ ଘଣ୍ଟା ଘଣ୍ଟା ଧରି ଆଲୋଚନା କରନ୍ତି । ଗୋଟିଏ ଥର ମୋ ପଟରୁ ରିଚର୍ଜ ସରିଗଲା । ସେଦିନ ଗୁରୁଦେବ ତାଙ୍କ ତରଫରୁ ଫୋନ କରି ବୁଝାଇ ଥିଲେ । ଏତେବଡ ଗଣିତଜ୍ଞ ଏତେ ଉଚ୍ଚ ପଦବୀ ରେ ଆସୀନ, ଏତେ ଗୁରୁ ଦାୟିତ୍ୱ

ନିର୍ବାହନ କରୁଥିବା ବ୍ୟକ୍ତି ସେ ପୁଣି ମୋର ଛାତ୍ରଛାତ୍ରୀଙ୍କ ପାଇ ଏତେ ସମୟ ଦେଇ ପାରନ୍ତି ଏକଥା ଛାତ୍ର ଛାତ୍ରୀ ଓ ତାଙ୍କ ଅଭିଭାବକ ଓ ମୋ ସାଙ୍ଗସାଥୀଙ୍କୁ ଖୁବ ଆଶ୍ଚର୍ଯ୍ୟ ଲାଗେ ଓ ଆମ ମଥା ନତ ହୋଇଯାଏ ।

ଏତେ ବଡ଼ ଗଣିତଜ୍ଞଙ୍କ ଧୈର୍ଯ୍ୟର ସହ ସମସ୍ୟା ସମାଧାନରେ ସହାୟତା, ଖାଲି ସେମାନଙ୍କୁ ପ୍ରୋତ୍ସାହିତ କରିନାହିଁ, ସେମାନଙ୍କୁ ବଡ଼ ମଣିଷ ବି କରିଛି । ଗୋଟିଏ ସମସ୍ୟାର ସମାଧାନ ଆଧାରରେ ଅନେକ ବିଚାର୍ଯ୍ୟ ଦିଗ ଖୋଲି ଦେବା, ସେଥିରେ ଥଟା ମଜା ଯୋଡି ପରିବେଷଣକୁ ଆନନ୍ଦମୟୀ ଉପସ୍ଥାପନରେ ପରିଣତ କରିବାର କଳା ଶ୍ରୀ ଗୁରୁଦେବଙ୍କ ଏକ ସ୍ୱତନ୍ତ୍ରତା ।

ଅଲମ୍ପିଆଡ଼ ଗଣିତ କ୍ଷେତ୍ରରେ ସମସ୍ତ ସନ୍ଦେହ ମୋଚନ କରିବା ପାଇଁ ଶ୍ରୀଗୁରୁ ମଧ୍ୟ ସମୟ ଦେଉଥିଲେ । ସମସ୍ୟା ଓ ଏହାର ସମାଧାନ ହୋଇପାରେ ସାମାଜିକ ଅଥବା ପ୍ରଶାସନିକ ସବୁ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାକୁ ସାମନା କରିବା ଏହାର ସମାଧାନ କରିବାର ନୈତିକ କୌଶଳ କେବଳ ଗୁରୁଦେବଙ୍କ ଠାରେ ଥିଲା । କାହିଁ କେତେବଡ ଛାତ୍ର ଆନ୍ଦୋଳନ ହେଉ ଅଥବା ନୂତନ ପ୍ରୟୋଗ କ୍ଷେତ୍ରରେ ବିରୋଧାଭାସ ସାମ୍ନା ହେଉ ଦୃଢତାର ସହ ଛିଡ଼ାହେବା ଆମେ ଶ୍ରୀଗୁରୁଙ୍କ ଠାରୁ ଶିଖିଛୁ । ମୋ କର୍ମ କ୍ଷେତ୍ରରେ ଅନୁରୂପୀ ପରିସ୍ଥିତିକୁ ସାମ୍ନା କଲାବେଳେ ମୋ ମନରେ ବହୁତ ସାହସ ଆସିଥିଲା । ଗୁରୁଦେବଙ୍କ ଠାରୁ ଆମେ ଶିଖିଛୁ ରାମ ଚରିତ ମାନସର ଗୋଟିଏ ପ୍ରସଙ୍ଗରେ । ହନୁମାନଙ୍କୁ ଶ୍ରୀରାମ ପଚାରୁଛନ୍ତି ତୁମେ ଲଙ୍କା କିପରି ଜାଳିଲ ?

ସୋ ସବ ପ୍ରତାପ ରଘୁ ରାଇ । ନାଥ ନା କଛୁ ମୋରି ପ୍ରଭୁ ତାଇ । - ଏହି ଉତ୍ତର ଥିଲା ହନୁମାନଜୀଙ୍କର । ଅନୁରୂପୀ ଭାବେ ଗଣିତ କ୍ଷେତ୍ରରେ ଓ ପ୍ରଶାସନ କ୍ଷେତ୍ରରେ ଆଗକୁ ଗଲାବେଳେ ଶ୍ରୀ ଗୁରୁଙ୍କ ପ୍ରେରଣା ହିଁ ପାଥେୟ ହୋଇଛି ଏବଂ ସର୍ବଦା ରହିବ ମଧ୍ୟ ।

ଓଡିଶାକୁ ଭାରତର ଗଣିତ କ୍ଷେତ୍ରରେ ଅଗ୍ରଣୀ କରିବା ପ୍ରଚେଷ୍ଟା ଓ ଅନ୍ତର୍ଜାତୀୟ ସ୍ତରୀୟ ମେଧା ଛାତ୍ର ସୃଷ୍ଟି ଉଦ୍ଦେଶ୍ୟରେ ଆପଣଙ୍କ ଆଦ୍ୟ ସହଯୋଗୀତାରେ ଆଇ.ଏମ୍.ଏ. ଭଳି ଏକ ଉତ୍ତୁଙ୍ଗ ଗଣିତ ଅନୁଷ୍ଠାନ ସଦା ସର୍ବଦା ଆପଣଙ୍କ ଯଶ ଗାନ କରୁଥିବ ।

ଡକ୍ଟର ଗୋକୁଳାନନ୍ଦ ଦାସ କେବଳ ଏକ ଚିର-ଭାଷିତ ଶ୍ରେଷ୍ଠ ଅନୁଷ୍ଠାନ ନୁହନ୍ତି ବରଂ ଅନେକ ଉଜ୍ଜ୍ୱଳମୟ ଅନୁଷ୍ଠାନର ଅନ୍ତସ୍ରୋତସ୍ୱିନୀ ପବିତ୍ର ଗଙ୍ଗାଧାର । ଯୁଗେ ଯୁଗେ ସେହି ଜ୍ଞାନ ଗଙ୍ଗା ଅନେକଙ୍କୁ ସନ୍ଦେହରୁ ମୁକ୍ତିର ମାର୍ଗ ଦର୍ଶାଇବ ।

ଓଡ଼ିଶାର ସମସ୍ତ ଗଣିତ ସେମିନାର, ସିଂପୋଜିୟମ, ଆଲୋଚନା ଚକ୍ରରେ ଆପଣ ହିଁ ଆଦ୍ୟ ବ୍ୟକ୍ତି ଏବଂ ସବୁଥିରେ ଆପଣଙ୍କ ଉପସ୍ଥିତି ଆମ୍ଭ ମାନଙ୍କୁ ଅଂଶ ଗ୍ରହଣ କରିବାକୁ ପ୍ରେରଣା ଦିଏ । ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ପାଠ୍ୟପୁସ୍ତକ ଓ ପାଠ୍ୟଖସଡ଼ାର ପ୍ରଚ୍ଛଦପଟ ଲେଖକ ଓ ନିର୍ଦ୍ଦେଶକ ହିଁ ଆପଣ । ଏକଥା ଜାଣିଲା ବେଳେ ଆମ ମାନଙ୍କର ଛାତି ଗର୍ବରେ ଫୁଲି ଉଠେ । ଖାଲି ସେତିକି ନୁହେଁ

ସେହିସବୁ ସ୍ତରର ଶିକ୍ଷକ ଓ ଅଧ୍ୟାପକମାନେ ମଧ୍ୟ ଆପଣଙ୍କ ଅତିପ୍ରିୟ ଏବଂ ଆପଣ ମଧ୍ୟ ସେମାନଙ୍କ ସଂଦେହ ମୋଚନ ପାଇଁ ପ୍ରେରଣା ଦିଅନ୍ତି ।

ବ୍ୟକ୍ତିଗତ ଭାବରେ ଗୁରୁଦେବ ଓ ଗୁରୁମା ଉଭୟ ମୋତେ ଖୁବ ଭଲ ପାଆନ୍ତି । ସେଥିପାଇଁ ମୋ ଅନୁରୋଧ ଓ ନିମନ୍ତ୍ରଣ ରକ୍ଷା କରି ଗୁରୁ ଓ ଗୁରୁମା' ଗତ ୯ ଜୁଲାଇ ୨୦୨୫ ପ୍ରାୟ ଏକ ମାସ ପୂର୍ବରୁ ମୋ ଜଟଣୀ ବାସଭବନରେ ପଦାର୍ପଣ କରିଥିଲେ । ଏହି ଅବସରରେ ମୋ କଲେଜରେ ମଧ୍ୟ ପାଦ ରଖିଥିଲେ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ ଓ ସେମାନଙ୍କୁ ଆଶୀର୍ବାଦ କରିଥିଲେ ଯାହା ଆମ କଲେଜ ଇତିହାସରେ ତଥା ମୋ ପରିବାର ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଗଲା ।

ହର ଉର ସର ସରୋଜ ପଦ ଜେଇ
ଅହୋଭାଗ୍ୟ ମେ ଦେଖିଲଇଁ ତେହିଁ । (ମାନସରେ ବିଭୀଷଣ ଶ୍ରୀରାମ ଚରଣ ଦେଖିବା)

ଶ୍ରୀ ଗୁରୁଦେବଙ୍କ ନେତୃତ୍ୱ (HOD) Prof. Dr. ସୁଦର୍ଶନ ପାଢ଼ୀ, Prof. Dr. ସିନାରାଓ, Prof. Dr. ବି. ପି. ଆଚାର୍ଯ୍ୟ (ଦିବଂଗତ) ତଥା ପଟେଲ ସାର ଆଦି ଅନେକ ବିଜ୍ଞ ଗୁରୁମାନଙ୍କ ଆଶୀର୍ବାଦରୁ ଅଧମ ଗୋଟିଏ ସୁଖମୟ ଜୀବନ ବିତାଇଛି ।

ଆପଣଙ୍କ ସ୍ୱର୍ଗାରୋହଣ ଆମ୍ଭମାନଙ୍କ ପାଇଁ ତଥା ଗଣିତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବ୍ୟକ୍ତିଗତ ଭାବରେ ମୋର ସାହସ ତୁଟି ଯାଇଛି ।

*ଅଧ୍ୟକ୍ଷ, ବାବା ରେସିଡେଣ୍ଟାଲ କଲେଜ, ଜଟଣୀ*

---

# ଅଙ୍କ ଓଲଟ ପାଲଟ

ଏପରି ଏକ କ୍ଷୁଦ୍ରତମ ସଂଖ୍ୟା ନିର୍ଣ୍ଣୟ କର ଯାହାର ଅଙ୍କଗୁଡ଼ିକୁ ଓଲଟପାଲଟ କରି ଏହାର ଦୁଇଗୁଣ ପରିମାଣର ଏକ ସଂଖ୍ୟା ଗଠନ କରାଯାଇ ପାରିବ ।

ଅର୍ଥାତ୍ ଧରାଯାଉ ସଂଖ୍ୟାଟି abc, ଏହାର ଅଙ୍କଗୁଡ଼ିକୁ ଓଲଟପାଲଟ କରି acb, bca, bac, cab, cba ଇତ୍ୟାଦି ସଂଖ୍ୟାରେ ପରିଣତ କରାଯାଇଛି । acb, bca, bac, cab, cba ଇତ୍ୟାଦି ସଂଖ୍ୟାମାନଙ୍କ ମଧ୍ୟରୁ ଯଦି କୌଣସି ସଂଖ୍ୟା abcର ଦୁଇଗୁଣ ହେବ ।

***ସମାଧାନ ପଠାଇଲେ ପ୍ରକାଶ ପାଇବ***

# ତସ୍ମୈଶ୍ରୀ ଗୁରବେ ନମଃ

**(ପୂଜ୍ୟ ଗୋକୁଳାନନ୍ଦ ସାରଙ୍କ ସ୍ମୃତିରେ)** **ମାନସ ମିଶ୍ର**

"ମଣିଷ ମରିବ ଦିନେ, ଜନ୍ମ ନେଲେ ଦେବତା ବି ମରେ
ମରଣ ସାର୍ଥକ ତା'ର ଯାହା ଲାଗି ଗୋଡ଼ି ମାଟି ଝୁରେ।"
- ଡକ୍ଟର ମାୟାଧର ମାନସିଂହ

ମର୍ତ୍ତ୍ୟମଣ୍ଡଳରେ ଯିଏ ଜନ୍ମ ନିଏ, ଦିନେ ନା ଦିନେ ତା'ର ମୃତ୍ୟୁ ହୁଏ । ଏପରି ଦେବତା ମଧ୍ୟ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରି ମୃତ୍ୟୁବରଣ କରିଥାନ୍ତି । କାଳର କରାଳ ଗର୍ଭରେ ବ୍ୟକ୍ତି ହଜିଯାଏ, ମାତ୍ର ରହିଯାଏ ତା'ର ସ୍ମୃତି ଓ କୀର୍ତ୍ତି । ବ୍ୟକ୍ତିରୁ ସେ ପାଲଟିଯାଏ ସମସ୍ତଙ୍କ ପାଇଁ ଆଦର୍ଶ। ସେହିପରି ଏକ ପୁଣ୍ୟାତ୍ମା ହେଉଛନ୍ତି ସ୍ୱର୍ଗତ ଗୋକୁଳାନନ୍ଦ ଦାସ ସାର । ସେ ଆମ ଭିତରେ ସ୍ଥୁଳ ଶରୀରରେ ନାହାନ୍ତି ସତ, କିନ୍ତୁ ଯେଉଁ ଆଦର୍ଶ ଓ ମୂଲ୍ୟବୋଧ ରଖି ଯାଇଛନ୍ତି, ସେଥିପାଇଁ ସମସ୍ତଙ୍କ ମାନସପଟରେ ବଞ୍ଚି ରହିଥିବେ ଚିରକାଳ।

ଅଭିନବ ଗଣିତ ବିଚିତ୍ରା (ଜୁନ ୨୦୧୫)ରେ ପ୍ରକାଶିତ ମୋର ପ୍ରଥମ କବିତା ଥିଲା 'ଶୂନ' । ଏକ ବର୍ଷାମୁଖର ସନ୍ଧ୍ୟାରେ କବିତାଟିକୁ ଲେଖିବା ଆରମ୍ଭ କଲି, ଜୀବନର ଶୂନ୍ୟତାକୁ ଅନୁଭବ କଲି। ତିନି ଦିନ ମଧ୍ୟରେ କବିତାଟିକୁ ସମ୍ପୂର୍ଣ୍ଣ କଲି। କିନ୍ତୁ ସାହସ ନ ଥାଏ କବିତାଟିକୁ ମାଗାଜିନ୍‌କୁ ଦେବା ପାଇଁ। ଦୁଇ ମାସ ପରେ ତାକୁ ମଦନ ସାର୍‌ଙ୍କ ପାଖକୁ ପଠାଇଲି। କବିତାଟି ପାଇବା ପରେ 'ସଂଖ୍ୟାର ବାମରେ ରହିଲେ, ମୂଲ୍ୟ ତା'ର ନ ହୁଏ ନିଉନ' ଧାଡ଼ିଟିର ଅର୍ଥ କ'ଣ ଫୋନ୍‌ରେ ପଚାରିଲେ । ଉତ୍ତର ପାଇବା ପରେ ସାର ହସିଲେ, କହିଲେ କବିତାଟି ଭଲ ହୋଇଛି।

ବାଣୀବିହାର ଗଣିତ ବିଭାଗର ୮୫ ମସିହା ବ୍ୟାଚ ପିଲାମାନଙ୍କର ଆଲୁମିନି ମିଟ୍ ହେଉଥାଏ ଜୟଦେବ ବାଟିକାରେ। ଅନେକ ଦିନ ପରେ ଗୋକୁଳାନନ୍ଦ ସାରଙ୍କ ସହ ଭେଟ ହୁଏ, କଥା ହେବା ସମୟରେ 'ଅଭିନବ ଗଣିତ ବିଚିତ୍ରା' ବିଷୟରେ ଆଲୋଚନା ହେଲା। ପ୍ରକାଶିତ 'ଶୂନ କବିତାଟି' ମୁଁ ଲେଖିଥିବା ଜାଣି ବହୁତ ଖୁସି ହେଲେ ଓ ମ୍ୟାଡ଼ାମ ନିନା ଦାସଙ୍କୁ ମୋର ପରିଚୟ ଦେଲେ, ସେ ଦିନର ମୋର ଖୁସି ବର୍ଣ୍ଣନା କରି ହେବନି। ଓଡ଼ିଶା ଗଣିତ ସଂସଦ ଦ୍ୱାରା ୨୦୦୭ ମସିହାରେ ପ୍ରକାଶିତ 'ଶୂନ' ବହିଟି ଖୁବ୍ ଉଚ୍ଚକୋଟୀର । ପ୍ରଫେସର ଦାସଙ୍କର ଏହି ବହିଟି କେବଳ ଆମ ରାଜ୍ୟରେ ନୁହେଁ, ସାରା ଦେଶରେ ଓ ଦେଶ ବାହରେ ମଧ୍ୟ ଉଚ୍ଚ ପ୍ରଶଂସିତ । ଶୂନ ସମ୍ବନ୍ଧରେ ଅନେକ ଗବେଷଣାତ୍ମକ ତଥ୍ୟ ଏଥିରେ ସେ ପରିବେଷଣ କରିଛନ୍ତି । ଛାତ୍ର ଜୀବନରେ ପ୍ରାୟ ସମସ୍ତ ପିଲା ସାର୍‌ଙ୍କୁ ଭୟ କରୁଥିଲେ ତେଣୁ ସାରଙ୍କଠାରୁ ପ୍ରଶଂସା ଶୁଣି ମୁଁ ଖୁସି ଓ ଉତ୍ସାହିତ ହେବା ସ୍ୱାଭାବିକ।

୧୯୬୪ଠାରୁ ୧୯୭୪ ମସିହା ପର୍ଯ୍ୟନ୍ତ ସମସ୍ତ ବର୍ଷର ଗ୍ରୀଷ୍ମାବକାଶରେ ୟୁଜିସିଙ୍କ ଦ୍ୱାର ପରିଚାଳିତ Summer Institute (୪୦ ଦିନର ଅବଧି)ରେ ପ୍ରଥମେ ଯୁକ୍ତରାଷ୍ଟ୍ରରୁ ଆସିଥିବା ଶିକ୍ଷାବିତ ଓ ପରେ ରାଜ୍ୟସ୍ତରୀୟ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ୟୁକ୍ଲିଡୀୟ ଜ୍ୟାମିତିରେ ଥିବା ତ୍ରୁଟି ସମ୍ବନ୍ଧରେ ଅବଗତ କରାଯାଇ ନୂତନ ପଦ୍ଧତିରେ ଜ୍ୟାମିତିକ ବିଷୟବସ୍ତୁର ଉପସ୍ଥାପନା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦିଆଯାଇଥିଲା। ତା'ପରଠାରୁ ପ୍ରଫେସର ବ୍ରଜବନ୍ଧୁ ମିଶ୍ର, ପ୍ରଫେସର ବାମାଚରଣ ଦାସ ଓ ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ଦିଗ୍‌ଦର୍ଶନରେ ଆମ ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ଲିଖିତ ତଥା ପ୍ରକାଶିତ ପାଠ୍ୟ ପୁସ୍ତକରେ ନୂତନ ଧାରାରେ ଜ୍ୟାମିତିର ଆଲୋଚନା କରାଯାଇଛି । ସମୟ କ୍ରମେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଏହି ପରିବର୍ତ୍ତନକୁ ଗ୍ରହଣ କରିଛନ୍ତି । ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଗଣିତ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଉଚ୍ଚକୋଟୀର ବୋଲି ବିବେଚିତ ହୋଇଛି।

'ଅଭିନବ ଗଣିତ ବିଚିତ୍ରା'ର ସେପ୍ଟେମ୍ବର ୨୦୧୫ ସଂଖ୍ୟାରେ ମଦନ ସାରଙ୍କ 'ଗଣିତରେ ବ୍ୟବହୃତ ଭାଷା ଓ ଭାବ' ଲେଖାଟିରେ ବିଦ୍ୟାଳୟସ୍ତରୀୟ ଗଣିତ ଶିକ୍ଷାର ଭବିଷ୍ୟତ ପାଇଁ ଆଶଙ୍କା ପ୍ରକାଶ କରି ଲେଖିଥିଲେ "ଆମ ରାଜ୍ୟ ସରକାର ଅନେକ ସମୟରେ NCERT ଙ୍କ ପାଠ୍ୟ ପୁସ୍ତକକୁ ଅନୁବାଦ କରି ପିଲାମାନଙ୍କ ଉପରେ ଲଦି ଦେବାର ସ୍ୱପ୍ନ ଦେଖନ୍ତି । ଏଭଳି କୌଣସି ସିଦ୍ଧାନ୍ତ ନେବା ପୂର୍ବରୁ ଉପଯୁକ୍ତ ଗଣିତବିତ୍ ମାନଙ୍କ ସହ ପରାମର୍ଶ କରିବା ଆବଶ୍ୟକ। ଏହାକୁ ରାଜନୈତିକ ସିଦ୍ଧାନ୍ତ ରୂପେ ଗ୍ରହଣ କରାଗଲେ, ଛାତ୍ର ସମାଜର ଗଣିତ ଜ୍ଞାନ ଅମା ଆଚ୍ଛାଦିତ ହୋଇଯିବ । ସାଧୁ ସାବଧାନ।"

୨୦୧୭ ମସିହାରେ ପ୍ରଫେସର ଗୋକୁଳାନନ୍ଦଦାସଙ୍କ ସଭାପତିତ୍ୱରେ ବାଣୀବିହାରର ଗଣିତ ସ୍ନାତକୋତ୍ତର ବିଭାଗରେ ଓ ପରେ ପରେ R.I.E. ଭୁବନେଶ୍ୱରଠାରେ ଏକ କର୍ମଶାଳାରେ CBSE, ICSE ଓ BSEର ଗଣିତ ଶିକ୍ଷକ ଓ ଓଡ଼ିଶାର ସମସ୍ତଗଣିତ ବିଶାରଦମାନେ NCERT ଙ୍କ ଦ୍ୱାର ପ୍ରସ୍ତୁତ ଗଣିତ ବହିରେ ଥିବା ତ୍ରୁଟିର ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଆଲୋଚନାର ନିର୍ଯ୍ୟାସକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ଓ NCERTଙ୍କ ନିକଟକୁ ପଠାଯାଇଥିଲା ବହିରେ ଆବଶ୍ୟକ ପରିବର୍ତ୍ତନ ପାଇଁ । ତାହା ଆଜି ପର୍ଯ୍ୟନ୍ତ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଛି ।

ବର୍ତ୍ତମାନ One Nation, One Education ପଲିସିରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକକୁ NCERTଙ୍କ ପୁସ୍ତକ ଅନୁସରଣରେ ପ୍ରସ୍ତୁତ କରାଯାଉଛି। ଦୁଃଖ ଓ ପରିତାପର ବିଷୟ ଗୋକୁଳାନନ୍ଦ ସାର ଓ ମଦନ ସାରଙ୍କ ମାର୍ଗଦର୍ଶନରେ ଦୀର୍ଘ ୨୦ ବର୍ଷର କଠିନ ପରିଶ୍ରମରେ ଜ୍ୟାମିତି ଶିକ୍ଷାର ନୂତନ ପାଠ୍ୟ ପୁସ୍ତକର ଯେଉଁ ସେଟ୍ ଭିତ୍ତିକ ପରିବର୍ତ୍ତନ କରି ପିଲାମାନଙ୍କ ଗଣିତର ମୂଳଦୁଆକୁ ସୁଦୃଢ଼ କରାଯାଇଥିଲା, ତାହା ବର୍ତ୍ତମାନ ଧ୍ୱଂସ ହେବାକୁ ବସିଛି। ବର୍ତ୍ତମାନ ଜ୍ୟାମିତି ବହିରେ $\overleftrightarrow{AB}, \overrightarrow{AB}, \overline{AB}$ ଓ AB ପୁନର୍ବାର ଏକାକାର ହୋଇ AB ରେ ପରିଣତ ହେବେ। ଠିକ୍ ଯେପରି ଆମ ଭାଷାରେ 'କାକା' 'ଦାଦା' 'ମାମୁଁ' ଓ 'ମଉସା' ଇଂରାଜୀ ଶବ୍ଦ Uncle ରେ ଏକାକାର ହେବା ପରି । 'ଶୂନ କୋଣ', 'ସରଳକୋଣ' ଓ ପ୍ରବୃଦ୍ଧ କୋଣ ପୁନଃ ଆବିର୍ଭାବହେବେ ଜ୍ୟାମିତି ବହିରେ। କୋଣ $\angle ABC$ ଓ କୋଣର ପରିମାଣ $m\angle ABC$ ମଧ୍ୟରେ କୌଣସି ପାର୍ଥକ୍ୟ ରହିବନି। ଜ୍ୟାମିତରେ ସେଟ୍ ଭିତ୍ତିକ ସଂଜ୍ଞା ପୁନର୍ବାର ଲୋପ ପାଇବ।

୨୦୧୨ ମସିହାରେ ନବମ ଶ୍ରେଣୀର ନୂତନ ପାଠ୍ୟପୁସ୍ତକ 'ମାଧ୍ୟମିକ ଜ୍ୟାମିତି'ରେ ଦିଆଯାଇଥିବା ଟ୍ରାପିଜିୟମ୍‌ର ସଂଜ୍ଞା "ଯେଉଁ ଚତୁର୍ଭୁଜର କେବଳ ଏକ ଯୋଡ଼ା ବିପରୀତ ବାହୁ ସମାନ୍ତର ତାହାକୁ ଟ୍ରାପିଜିୟମ୍ କୁହାଯାଏ" ଦେଖିବା ପରେ ଗୋକୁଳାନନ୍ଦ ସାର ଅସନ୍ତୋଷ ପ୍ରକାଶ କରିଥିଲେ। କାରଣ ଚତୁର୍ଭୁଜ ପରିବାରରୁ, ଟ୍ରାପିଜିୟମ ଅଲଗା ହୋଇଗଲା । ଅଷ୍ଟମ ଓ ନବମ ଶ୍ରେଣୀରେ ଜ୍ୟାମିତି ବହିରେ ଥିବା ଚତୁର୍ଭୁଜ ସମ୍ବନ୍ଧୀୟ ଫ୍ଲୋ-ଚାର୍ଟ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରାଜ୍ୟରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହେଲା । ସାରଙ୍କ ସଭାପତିତ୍ୱରେ ଆଇ.ଏମ୍.ଏ. ଠାରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ଟ୍ରାପିଜିୟମ୍‌ର ସଂଜ୍ଞା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ପରେ ପରେ SCERT ରେ ଏକ ଚାରିଦିନିଆ କାର୍ଯ୍ୟକ୍ରମରେ ମଦନ ସାରଙ୍କ ସହ ମିଶି ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ (ଗଣିତ)ରେ ଥିବା ତ୍ରୁଟି ସଂଶୋଧନ କରିବାର ସୁଯୋଗ ମୋତେ ମିଳିଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ନବମ ଶ୍ରେଣୀ ଜ୍ୟାମିତି ପୁସ୍ତକଟିର ସଂଶୋଧନ ହୋଇପାରିନି।

ସାର ୧୯୯୮ ମସିହା ଅକ୍ଟୋବର ୯ ତାରିଖରେ ଉତ୍କଳ ବିଶବବିଦ୍ୟାଳୟର କୁଳପତି ଆସନ ଅଳଂକୃତ କରିଥିଲେ । ଯେତେବେଳେ କୌଣସି ଭାରତୀୟ ବିଶ୍ୱ ବିଦ୍ୟାଳୟରେ ପଞ୍ଚବାର୍ଷିକ ପାଠ୍ୟକ୍ରମର ପ୍ରଚଳନ ନ ଥିଲା, ସେତେବେଳେ ପ୍ରଥମ ଥର ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହାକୁ ପ୍ରଚଳନ କରିଥିଲେ। ସାର କୁଳପତି ପଦବୀର ଆଡ଼ମ୍ବରକୁ ପ୍ରତ୍ୟାଖାନ କରି ବହୁ ବାଧାବିଘ୍ନ ସତ୍ତ୍ୱେ ପକ୍ଷପାତିତାରୁ ଉର୍ଦ୍ଧ୍ୱରେ ରହି, ଶିକ୍ଷାନୁଷ୍ଠାନର ନୈତିକ ଆଧାରକୁ ସୁଦୃଢ଼ କରିବାକୁ ଉଦ୍ୟମ କରିଥିଲେ ।

ସାରଙ୍କ 'ଶୂନ' ପୁସ୍ତକଟିର ଶେଷ ଭାଗରେ ଥିବା 'ଗଣିତ ରାଣୀ' କବିତାଟି ଅତ୍ୟନ୍ତ ଉଚ୍ଚକୋଟୀର ଓ ହୃଦୟସ୍ପର୍ଶୀ। ପ୍ରତ୍ୟେକ ବର୍ଷ ଓ.ଏମ୍.ଏସ୍.ର ବାର୍ଷିକ ଉତ୍ସବରେ ଡକ୍ଟର ଅନସୂୟା ନାଥଙ୍କ ଦ୍ୱାରା, ଏହା ଗାନ କରାଯିବା ପରେ, କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ବାଣୀବିହାର ସ୍ନାତକୋତ୍ତର ଗଣିତ ବିଭାଗ ସମ୍ମୁଖରେ ସାରଙ୍କୁ ଅନ୍ତିମ ବିଦାୟ ଦେବା ବେଳେ ଅନସୂୟା ମାଡାମ୍ କୋହଭରା କଣ୍ଠରେ 'ଗଣିତ ରାଣୀ' ଗାଇବା ସମୟରେ ଉପସ୍ଥିତ ଜନତା ନିଜର କୋହ ସମ୍ଭାଳି ପାରି ନଥିଲେ ।

ସାରଙ୍କୁ ସମସ୍ତେ ଓଡ଼ିଶା ଗଣିତ ଜଗତର ପିତାମହ ଭୀଷ୍ମ କହୁଥିଲେ। ଆଜି ତାଙ୍କ ସ୍ଥୁଳଶରୀର ପଞ୍ଚ ମହାଭୂତରେ ଲୀନ ହୋଇଯାଇଛି ସତ କିନ୍ତୁ ସେହି ମହାନ ଅମର ଆତ୍ମା ଗଣିତ ଜଗତକୁ ସର୍ବଦା ପ୍ରେରଣା ଦେଉଥିବେ।

ଶେଷରେ ସ୍ୱର୍ଗରେ ଥାଇ ରାଜ୍ୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାର ଆଶୀର୍ବାଦ ଦେଉଥାନ୍ତୁ ଓ ତାଙ୍କର ଆତ୍ମା ସଦ୍‌ଗତି ପ୍ରାପ୍ତ ହୋଇ ଈଶ୍ୱରଙ୍କଠାରେ ଲୀନ ହେଉ, ଏତିକି ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା।

*ବିଶ୍ୱନାଥପୁର, ସାକ୍ଷିଗୋପାଳ, ପୁରୀ*

# ବାହୁ ଦତ୍ତ ଥିଲେ ଚତୁର୍ଭୁଜର କ୍ଷେତ୍ରଫଳ

ଜଗନ୍ନାଥ ପ୍ରସାଦ ଦେବତା

ଏକ ତ୍ରିଭୁଜର ତିନି ବାହୁର ଦୈର୍ଘ୍ୟ ଜଣା ଥିଲେ ତା'ର କ୍ଷେତ୍ରଫଳ ନିର୍ଣ୍ଣୟ କରିବା ସୂତ୍ର ଆମେ ଜାଣୁ । କିନ୍ତୁ ଏକ ଚତୁର୍ଭୁଜର ଚାରି ବାହୁର ଦୈର୍ଘ୍ୟ ଜାଣି ଥିଲେ ତା'ର କ୍ଷେତ୍ରଫଳ ନିର୍ଣ୍ଣୟ କରି ପାରିବା କି ? ଏକ ଚତୁର୍ଭୁଜର କ୍ଷେତ୍ରଫଳ ଜାଣିବା ପାଇଁ ଆମେ ନିମ୍ନ ପ୍ରଦତ୍ତ ବ୍ରହ୍ମଗୁପ୍ତଙ୍କ ସୂତ୍ର କିମ୍ବା ଜର୍ମାନୀ ଗଣିତଜ୍ଞ ବ୍ରେଟ୍ସନାଇଡର (Brettschneider)ଙ୍କ ସୂତ୍ର ବ୍ୟବହାର କରି ପାରିବା :

**ବ୍ରହ୍ମଗୁପ୍ତଙ୍କ ସୂତ୍ର** - ABCD ଚତୁର୍ଭୁଜର ବାହୁଗୁଡିକ ଯଥାକ୍ରମେ a, b, c ଓ d ହେଲେ ଏହାର କ୍ଷେତ୍ରଫଳ

K = $\sqrt{(\boldsymbol{s-a})(\boldsymbol{s-b})(\boldsymbol{s-c})(\boldsymbol{s-d}) - \boldsymbol{abcd}\,\mathbf{cos}^2\left(\frac{\boldsymbol{A+C}}{\mathbf{2}}\right)}$ , ଯେଉଁଠି s = $\frac{a+b+c+d}{2}$ ········· (1)

(ଚତୁର୍ଭୁଜରେ A+B+C+D = 2π ହେତୁ ସୂତ୍ର (1)ରେ $\frac{A+C}{2}$ ସ୍ଥାନରେ $\frac{B+D}{2}$ ମଧ୍ୟ ନେଇ ପାରିବା ।)

**ବ୍ରେଟ୍ସନାଇଡରଙ୍କ ସୂତ୍ର** - ABCD ଚତୁର୍ଭୁଜର ବାହୁଗୁଡିକ ଯଥାକ୍ରମେ a, b, c ଓ d ଏବଂ କର୍ଣ୍ଣ ଦ୍ୱୟ e ଓ f ହେଲେ ଚତୁର୍ଭୁଜର କ୍ଷେତ୍ରଫଳ

K = $\frac{\mathbf{1}}{\mathbf{4}}\sqrt{\mathbf{4}\boldsymbol{e}^2\boldsymbol{f}^2 - (\boldsymbol{b}^2 + \boldsymbol{d}^2 - \boldsymbol{c}^2 - \boldsymbol{a}^2)^2}$ ············ (2)

କ୍ଷେତ୍ରଫଳ ଜାଣିବା ପାଇଁ ସୂତ୍ର ଦୁଇଟିରେ ଯଥାକ୍ରମେ କୋଣ ଓ କର୍ଣ୍ଣ ମାପର ଆବଶ୍ୟକତା ପଡେ । କେବଳ ଚାରି ବାହୁ ଦତ୍ତ ଥିଲେ କ୍ଷେତ୍ରଫଳ ନିର୍ଣ୍ଣୟ କରିବାର ସୂତ୍ର ଜଣା ନାହିଁ । କାରଣ କ'ଣ ?

ପ୍ରଥମେ ଦେଖିବା ଯେ କେବଳ ଚାରି ବାହୁ ଦତ୍ତ ଥିଲେ ଚତୁର୍ଭୁଜ ଅଙ୍କନ କରି ହେବ କି? ଗୋଟିଏ ଚତୁର୍ଭୁଜର ଚାରି ବାହୁ ଏବଂ ଏକ କର୍ଣ୍ଣର ଦୈର୍ଘ୍ୟ ଦତ୍ତ ଥିଲେ ତ୍ରିଭୁଜ ଅଙ୍କନ କରିବା ପ୍ରଣାଳୀ ଆମେ ଜାଣୁ ଯଥା ପ୍ରଥମେ ଦୁଇ ବାହୁ ଓ ଦତ୍ତ କର୍ଣ୍ଣକୁ ନେଇ ତ୍ରିଭୁଜଟି ଅଙ୍କନ କରି କର୍ଣ୍ଣ ଉପରେ ଚତୁର୍ଭୁଜର ଅନ୍ୟ ଦୁଇ ବାହୁକୁ ନେଇ ଅନ୍ୟ ପାର୍ଶ୍ୱରେ ତ୍ରିଭୁଜ ଅଙ୍କନ କରାଗଲେ ଚତୁର୍ଭୁଜଟି ସମ୍ପୂର୍ଣ୍ଣ ଅଙ୍କିତ ହୋଇପାରିବ । କିନ୍ତୁ କେବଳ ଚାରିଟି ବାହୁ ଜଣା ଥିଲେ ଏହା ହୋଇପାରିବ କି? ପ୍ରକୃତରେ ଏପରି ସ୍ଥଳେ ଏକ ଅନନ୍ୟ ଚତୁର୍ଭୁଜ ଅଙ୍କନ ସମ୍ଭବ ନୁହେଁ , କିନ୍ତୁ ସମ ଦୈର୍ଘ୍ୟ ବିଶିଷ୍ଟ ଅନେକ ଗୁଡ଼ିଏ ଚତୁର୍ଭୁଜ ଅଙ୍କନ ସମ୍ଭବ । ଏହି କାରଣରୁ ଚାରି ବାହୁ ଦତ୍ତ ଥିଲେ ଚତୁର୍ଭୁଜର କ୍ଷେତ୍ରଫଳ ନିର୍ଦ୍ଦିଷ୍ଟ ରୂପେ ନିର୍ଣ୍ଣୟ କରାଯାଇପାରେ ନାହିଁ । ବର୍ତ୍ତମାନ ଏପରି ସ୍ଥଳେ ଗୋଟିଏ ଚତୁର୍ଭୁଜର ଅଙ୍କନ କିପରି କରିବା ଦେଖିବା ।




ମନେକର ABCD ଚତୁର୍ଭୁଜରେ AB = a, BC = b, CD = c ଏବଂ DA = d ଦତ୍ତ ଅଛି । ପ୍ରଥମେ $\overrightarrow{AX}$ ରଶ୍ମି ଅଙ୍କନ କରିବା ଏବଂ ସେଥିରୁ a ଦୈର୍ଘ୍ୟ ନେଇ B ବିନ୍ଦୁ ପାଇବା । ତତ୍ପରେ B ବିନ୍ଦୁକୁ କେନ୍ଦ୍ର କରି b ବ୍ୟାସାର୍ଦ୍ଧ ବିଶିଷ୍ଟ ଏକ ଚାପ ଅଙ୍କନ କରିବା । ବର୍ତ୍ତମାନ A ବିନ୍ଦୁରେ d ବ୍ୟାସାର୍ଦ୍ଧ ନେଇ ଏକ ଚାପ ଅଙ୍କନ କରି ତା' ଉପରେ **ଯେ କୌଣସି** ଏକ ବିନ୍ଦୁ D ଏପରି ବାଛିବା ଯେପରିକି D ବିନ୍ଦୁକୁ କେନ୍ଦ୍ର କରି c ବ୍ୟାସାର୍ଦ୍ଧ ବିଶିଷ୍ଟ ଚାପ B କେନ୍ଦ୍ର ଥିବା ପୂର୍ବ ଚାପକୁ ଛେଦ କରିବ । ଛେଦ ବିନ୍ଦୁକୁ C ନାମ ଦେବା । ABCD ଦତ୍ତ ବାହୁ ବିଶିଷ୍ଟ ଏକ ଚତୁର୍ଭୁଜ ହେବ ।

ଲକ୍ଷ୍ୟ କରିବା ଯେ D ବିନ୍ଦୁର ସ୍ଥାନ ଉକ୍ତ ଚାପ ଉପରେ ପରିବର୍ତ୍ତନ କରି ଆଉ ଏକ ସମଦୈର୍ଘ୍ୟ ବିଶିଷ୍ଟ ଚତୁର୍ଭୁଜ ପାଇପାରିବା । ପାର୍ଶ୍ୱ ଚିତ୍ରରେ D' ଓ D" ଦୁଇଟି ଭିନ୍ନ ବିନ୍ଦୁ ନିଆଯାଇ ଅନୁରୂପ ଭାବେ C' ଓ C" ବିନ୍ଦୁ ନିର୍ଣ୍ଣୟ କରାଯାଇଛି ଏବଂ ABC'D' ଓ ABC"D" ଦତ୍ତ ବାହୁ ବିଶିଷ୍ଟ ଅନ୍ୟ ଦୁଇ ଚତୁର୍ଭୁଜ ମିଳୁଛି ।

ବର୍ତ୍ତମାନ ପ୍ରଶ୍ନ ହେଲା ଏହି ସମାନ ବାହୁ ବିଶିଷ୍ଟ ଚତୁର୍ଭୁଜଗୁଡ଼ିକର କ୍ଷେତ୍ରଫଳ ସମାନ ହେବ କି ? ସ୍ଥାନାଙ୍କ ଜ୍ୟାମିତି ସାହାଯ୍ୟରେ ଗୋଟିଏ ଉଦାହରଣ ନେବା । ଚିତ୍ର ଅଙ୍କନ ପାଇଁ ଏକ ଗ୍ରାଫ୍ କାଗଜର ସାହାଯ୍ୟ ନିଆ ଯାଇପାରେ । ପାର୍ଶ୍ୱ ଚିତ୍ରରେ ABCD ଚତୁର୍ଭୁଜ ଅଙ୍କନ କରାଯାଇଛି ଯେଉଁଠି A = (0, 0), B = (2.5, 0), C = (2, 1) ଓ D = (1, 2) । ଏଠାରେ AB = 2.5, BC = 1.118, CD = 1.414 ଏବଂ DA = 2.236 ଏକକ । ପୂର୍ବ ବର୍ଣ୍ଣିତ ଅଙ୍କନ ପ୍ରଣାଳୀ ଅନୁଯାୟୀ ABCD ଚତୁର୍ଭୁଜ ସହିତ ସମାନ ବାହୁ ବିଶିଷ୍ଟ ABC'D' ଓ ABC"D' ଚତୁର୍ଭୁଜ ଦୁଇଟି ଅଙ୍କିତ ହୋଇଛି । ଏହି ଚତୁର୍ଭୁଜ ଦୁଇଟିର ନୂତନ କୌଣିକ ବିନ୍ଦୁଗୁଡ଼ିକର ଆସନ୍ନ ସ୍ଥାନାଙ୍କ ହେଲେ :




D' = (1.2, 1.886), C' = (1.502, 0.505) ଏବଂ C" = (2.383, 1.112) । ଏହା ଯାଞ୍ଚ କରି ହେବ ଯେ AD' = AD, BC' = BC" = BC, C'D' = C"D' = CD । କ୍ଷେତ୍ରଫଳ ସବୁର ପରିମାପ ବର୍ଗ ଏକକରେ ଦିଆଗଲା : [ABCD] = 2.75, [ABC'D'] = 1.746, [ABC"D'] = 2.970 ।

ଏଥିରୁ ସ୍ପଷ୍ଟ ଯେ କେବଳ ଚାରି ବାହୁ ଦତ୍ତ ଥିଲେ ଏକ ଅନନ୍ୟ ଚତୁର୍ଭୁଜ ଅଙ୍କନ ସମ୍ଭବ ନୁହେଁ ଏବଂ ସମାନ ବାହୁ ବିଶିଷ୍ଟ ଯେତେଗୁଡ଼ିଏ ଚତୁର୍ଭୁଜ ଅଙ୍କିତ ହୋଇ ପାରିବ ସେମାନଙ୍କର କ୍ଷେତ୍ରଫଳ ସର୍ବଦା ସମାନ ନୁହେଁ ।

***********

A/2, Brindaban Apt, KananVihar-Phase 2, Patia, Bhubaneswar-751031, mob- 7008808679.

---

## ସଂଖ୍ୟା ହଜିଛି – ଖୋଜିବା




**ପ୍ରଶ୍ନ :** ତିନିଟି ତ୍ରିଭୁଜର ଶୀର୍ଷରେ ଥିବା ସଂଖ୍ୟା ଗୁଡ଼ିକ ଦେଖ । ତିନିଟି ତ୍ରିଭୁଜର ମଝିରେ ମଧ୍ୟ ତିନିଟି ସଂଖ୍ୟା ଅଛି – ମାତ୍ର, ସେଗୁଡ଼ିକ ମଧ୍ୟରୁ ଦୁଇଟି ତ୍ରିଭୁଜ ଭିତରେ ଥିବା ସଂଖ୍ୟା ଦୁଇଟି ହଜି ଯାଇଛି ଓ ହଜି ଯାଇଥିବା ଜାଗାରେ ପ୍ରଶ୍ନ ଚିହ୍ନ ( ? ) ଦିଆ ଯାଇଛି । ହଜିଲା ସଂଖ୍ୟା, ଖୋଜିଲେ ମିଳିବ ।

**ଉତ୍ତର :** ABC ତ୍ରିଭୁଜର ତିନିଟି ଶୀର୍ଷରେ ଥିବା ସଂଖ୍ୟାକୁ A B ଓ C ନିଆଯାଉ ଓ ତ୍ରିଭୁଜ ମଧ୍ୟରେ ଥିବା ସଂଖ୍ୟାକୁ 'G' ନିଆଯାଉ ।

$\Rightarrow \sqrt{A+B+C} = G \Rightarrow \sqrt{4+10+22} = 6 \Rightarrow \sqrt{36} = 6$

ସେହିପରି $\Delta$ BFE

$\Rightarrow \sqrt{B+F+E} = H$

$\Rightarrow \sqrt{10+42+12} = H$

$\Rightarrow \sqrt{64} = H$

$\Rightarrow 8 = H$

$\Rightarrow H = 8$

ସେହିପରି $\Delta$ CED ରେ

$\Rightarrow \sqrt{C+E+D} = I$

$\Rightarrow \sqrt{22+12+15} = I$

$\Rightarrow \sqrt{49} = I$

$\Rightarrow 7 = I$

$\Rightarrow I = 7$

ତେଣୁ ହଜିଥିବା ସଂଖ୍ୟା ଦୁଇଟି ହେଲା 8 ଓ 7 (ଉ)

# I was lucky to be a friend of 'Jogajanma' Dr. Gokulananda Das

**Ram N. Mohapatra**

I call Dr. Das, Jogajanma, because he was born for a purpose at a right time to do something which everyone would always remember. We both share several stories and I mention below the one which led to a lifelong friendship and collaboration.

I graduated with a master's degree in mathematics from Ravenshaw College in 1963 and requested Dr. Tribikram Pati who was a renowned mathematician to pursue research under his supervision. After waiting for a government or a university job for about six months, I was chosen to join as a lecturer in mathematics at the Burla Engineering College, Burla. I joined there at the beginning of January 1964. Two weeks after my joining, I received a letter from Dr. Pati that he can offer me a Govt. of India Scientific Research and training Scholarship without any contingency funds for three years. Dr. Pati wanted me to join as soon as possible. I took time till the middle of February to join there.

Shortly after I accepted the offer from Dr. Pati, I received a postcard from Dr. Gokulananda Das. He introduced himself as a senior researcher and a postdoctoral scholar of Dr. Pati. The tone of the letter was very friendly and reassuring that I will have a senior friend and guide to learn from. He did mention that I should bring my bicycle, since it will be very helpful for going from Dr. Pati's residence to Pachpedi, the place where the Jabalpur University was functioning.

I was very happy but anxious to jump into an unchartered territory. On 6$^{th}$ of February 1964, I reached Jabalpur Railway Station in Bilaspur-Allahabad Express. Dr. Das met me at the train station, and we came to Hotel "Raj Hans"to meet Dr. Pati. It was evening and Dr. Pati was surrounded by about four senior mathematics lecturers who were introduced to me. I was told that they were working on different types of summability methods. My introduction to Dr. Pati was brief and he looked at me and said "Gokulananda must have mentioned to you that tonight you would stay in my place and we would find a room for you tomorrow." Gokulananda babu and I shared one room in Dr. Pati's house. I learned that Gokulananda babu was staying at Dr. Pati's house and working with him as a post-doctoral fellow with a senior CSIR fellowship. I was very happy to meet Gokulananda babu and I felt that he would be my lifeboat to complete my Ph.D. research.

Those days, we had very little knowledge about what topic is good and which subject is in current fashion etc. We went with advisors who paved the way. The first night passed and I got ready to accompany Dr. Das and Dr. Pati to the university to formally join and fill up the necessary forms prior to joining. When we reached the University office and went to the wing where Dr. Pati's office was, I found out that the postgraduate classes had not started at the university campus. But doctoral and postdoctoral research had started.

Dr. Pati took me to a large room with tables and chairs where about six researchers were working. Dr. Pati introduced them to me one by one. I learned that Dr. Vishnu Prasad Srivastava was First Class First from Allahabad University, Ms. Kohlekar was First Class First from Jabalpur University and Mr. Kulshresth and Mr. Daniel as lecturers with considerable experience in teaching mathematics at local colleges. Dr. Pati introduced Dr. Z. U. Ahmad his first Ph.D. student from Allahabad University who was pursuing postdoctoralresearch like Dr. Das as a senior CSIR Fellow.

The introductions left me worrying, and I thought to myself that what was I doing there amongst such brilliant scholars with so much knowledge and outlook. The uneasy feeling grew more when Dr. Pati presented the same day a talk on Absolute Riesz Summability. Itappeared to me to be like "Greek and Latin", and I began to get very depressed. After the lecture, Gokulananda babu came to me and assured me that I would be able to understand everything in a month and he would be with me to help. It was very reassuring.

Time passed and Gokulananda babu, Vishnu and I relocated ourselves to the hostel of the Government Science College with a special permission from the principal and there began a lifelong friendship of three of us. We decided to write three research papers with each of us as First author of one paper as a token of our friendship. One paper was published in Mathematische Zetischrift, the second paper was published in the Proceedings of the Cambridge Philosophical Society, and the third paper was published in the Journal of the Indian Mathematical Society.

Gokulananda babu left Jabalpur first to join in his job, Vishnu joined after submitting his thesis as a lecturer in Maulana Azad College of Engineering. I was left alone. I submitted my Ph.D. thesis on October 26, 1966, and left Jabalpur. Although Gokulananda babu left Jabalpur, we were in regular touch by post (there were no emails or WhatsApp those days). Gokulananda babu guided me to find right problems and helped me when I struggled. With him I have published several papers on summability theory and Fourier Series.

I met Gokulananda babu and Nini Bhauja in Sambalpur when I joined Sambapur University as a Lecturer in mathematics. We stayed in the same house complex and his daughter, Mita, was mostly in my house when Bhauja used to be working. We were inseparable and one family.

Time came for us to part. Gokulalnanda babu was selected as a Reader of Delhi University. He was excited to go. Vishnu had joined some years ago as a Lecturer at Delhi University. Subsequently, he went to London in a Commonwealth Fellowship and worked with Professor Stephen Bosanquet of the London University for two years. He was offered a visiting professorship at the university of California at Santabarbara by Professor Simmons. Although Gokulananda babu went there, he became homesick and decided to return. He moved to Sambalpur university when he was offered a Reader position there. Subsequently he became a professor there and made significant changes in the course contents with the help of Professor Shiba Prasad Mishra

who was at the Rourkela Engineering College as the Professor of Mathematics before moving to the Institute of Physics.

Gokulananda babu and I were like two brothers. We built a solid friendship, a great research collaboration and permanent understanding of our different goals in life. Gokulananda babu wanted to enrich Odisha and wanted the state to make a mark in mathematics. I list below an account of his career and contributions for the sake of completeness:

**Biography & Academic Career**

Dr. Gokulananda Das (born *May 12, 1938*; passed away *August 16–17, 2025*) was one of Odisha's most distinguished mathematicians and academic leaders. He had an extraordinarily productive career in both mathematical research and education spanning over four decades. Prof. Das earned his early degrees at Ravenshaw College and went on to pursue advanced research under renowned mathematicians such as Prof. Tribikram Pati at Allahabad University. He also held international research positions, including as a Commonwealth Post-Doctoral Fellow at University College London and as a Visiting Professorship at the University of California, Santa Barbara.

He served as Professor of Mathematics in Sambalpur University and Utkal University. He ultimately became the Vice Chancellor of Utkal University from 1998 to 2001. He made a significant difference as a Vice Chancellor to its function and academic leadership.

## Development of Mathematical Community in Odisha

### Orissa (Odisha) Mathematical Society

Prof. Das played a central role in shaping Odisha's mathematical community through his association with the **Orissa Mathematical Society** (now Odisha Mathematical Society). He served as **First Vice-President** and later **President** of the society and was **founding Chief Editor of its journal, Journal of the Odisha Mathematical Society**. He also served on editorial boards of several related mathematical publications, including *Ganita Bichitra*.

Under his leadership, the society promoted mathematical research, published scholarly journals, and organized conferences and community events that connected mathematicians across the state and beyond. This institutional work helped foster a vibrant research-oriented culture within Odisha's mathematical fraternity.

## Modernizing Mathematics Education & Syllabi

Dr. Das was deeply engaged in modernizing the mathematics curriculum in Odisha's universities and colleges. He served on the UGC Curriculum Development Committee for Mathematics, where he contributed to updating syllabi and educational standards at the national level. Furthermore:

- He actively supported revisions of undergraduate and postgraduate syllabi in mathematics to align teaching with contemporary developments in the subject.

- His work influenced mathematics textbooks, including contributions in publications used at Higher Secondary (+2) levels in Odisha — examples include his collaboration on *Elements of Mathematics Part-I* for the Odisha State Bureau of Textbook Preparation.

These efforts helped modernize mathematics instruction and ensure that students received a theoretically rigorous and relevant education in the subject.

## Institutional Advancement — Institute of Mathematics and Applications

Prof. Das was also closely associated with the Institute of Mathematics and Applications (IMA) in Bhubaneswar — a key institution for advanced mathematical education and research in Odisha. He served as theChairman of the governing council and was a strong advocate for further elevation of the institute's academic capabilities, including proposals to expand it into a full-fledged university.

This involvement helped position the IMA as an important hub for research training, postgraduate study, and mathematics outreach activities in the state.

## Legacy & Honors

Among his many recognitions, Prof. Das was a recipient of the **Samanta Chandra Sekhar Award**, one of Odisha's highest honors in science and mathematics.

To encourage **young researchers from Odisha** and perpetuate his legacy, the **National Institute of Mathematics and Education Research (NIMER)** established the annual **Professor Gokulananda Das Research Award in Mathematics (GDRAM)** — honoring outstanding mathematical research by young Odia scholars.

## Impact on Mathematics in Odisha

Dr. Gokulananda Das's contributions were multifaceted:

- **Deepening mathematical research** through his publications and doctoral mentorship.
- **Institution building** in Odisha via key roles in the Odisha Mathematical Society and IMA.
- **Educational reform** through revitalized syllabi and participation on national curriculum committees.
- **Community leadership** that brought mathematicians and educators together across Odisha.

His work significantly **elevated Odisha's presence in the mathematical sciences and helped shape generations of researchers and educators** in the state.

# Professor G Das

**C. Nahak**

I came across Sir (G Das) when I got my M.Sc. (Mathematics) admission at Utkal University in the year 1986. He was teaching us probability theory, and due to medical reasons, his subject was shared by the late Professor N. Nayak. He was teaching so nicely and told us that I can take $\Omega$ (Sample Space) as 8 in my own way, which was my turning point for getting more interest to the subject Mathematics. But, we were unlucky that he had not taught us so much due to medical reasons.

I remember during our 2nd year special class Sir has left his HOD room for our class being taken by Prof. J Patel as there is a scarcity of rooms. I was the Department's seminar secretary and organized many functions, including Bhajan Sandhya. Rati and Surjya were fond of doing these extra curricular activities. Surjya sings the songs and Rati plays the Tabla. Sometimes Sir told both of them even to perform it on the class room by taking desk as the musical instrument. We enjoyed ourselves a lot during our M.Sc. class at Utkal University. We had been taught by Ten Professors during our time, and today see the situation now. During our time, one day, we told Sir that every Department has a nameplate of its own, but our Department has no name plate, Sir immediately answered that if there is no name plate in a Department, then it is the Mathematics Department. He insists us for organising regular seminar in the Department, and present even if it is a class room problem like contour integration. We enjoyed it like anything during our M.Sc. Sometimes, we go to Sir's quarter and ask Madam to give us water, (Bhuka, madyaheyuchi) felling hungry. Madam feeds us many dishes, including lunch also. Sir told us normally he asked the question "What is the relation between $\pi$ and 227 in OPSC exams. If someone says that they are equal, then it is not a mistake but a blunder mistake. Knowing this, I wrote an article for "Ganita Bichitra" in the year 1998, when I was in the USA, "Which is bigger e^$\pi$ or $\pi$^e". Once we asked sir how University question will come from the paper. He told us when the question setter sets a question say on real analysis, he took a real analysis book, who will see first right-hand side (even page), immediately he will see left hand side (odd page) of the book, i.e. entire book we have to prepare. Once we ask Sir the existence of human having super power, who says human beings is a set of monotonically increasing sequence that is bounded above has a least upper bound(supremum) and the supremum is having the super power. As Mathematics department in Utkal University is lack of sufficient faculties Sir told in one of OMS Conference let us request government to put Mathematics Department into KALIA Jojanaso that University will get sufficient funding. Sir always says that teaching binomial theorem 100 times will not enhance your research capability and innovative unless you are studying research paper and analysing it on your own.Sir was instrumental in introducing me Professor S Nanda (IIT KGP) who was visiting Utkal University during 1988-90 and later Professor Nanda became my PhD supervisor at IIT Kharagpur.Now Sir is not here to see this but his soul may give us new ideas to do more research in Mathematics.

*IIT Kharagpur*

# A Paragon of Knowledge and Virtue : Prof. Gokulananda Das

**Dr. Sakambari Mishra**

Prof. Gokulananda Das is a well known figure in Mathematics communities and educationist of the world. Fortunately, I was able to do my PhD work under his guidance. The first time that I met him, I found him in a very simple outfit, with no pride and full of humility. His formal conversation was very humorous, jovial even though he was distinguished and was in a high position at Institute of Mathematics and Application. He also was the former vice-chancellor of Utkal University.

Whenever I think about his teaching style,talks, I found his presentations were very impactful and insightful. He was an inspiring teacher and mentor. When I was going at the Institute of Mathematics and Applications in Bhubaneswar to meet Das Sir for my research work, many students usually came to him.I observed his cordial conversation with them. That was really supportive and encouraging for every student to feel comfortable to ask questions and seek knowledge without the fear of judgement. It was an ideal learning environment. He frequently suggested books to read from my field of research and inspired me to find techniques by myself. He greatly emphasized on preparing our work independently. He always advises us to face the audience with confidence and also to develop that skill within ourselves. Prof Gokulananda Das was a pillar of knowledge and wisdom.He makes even the most complex mathematical concepts easy to understand.

His impact on my life is profound. I consider myself very fortunate to have him as my guide and mentor. Inspite of criticism, he always stands for the truth.Regardless of any problem,or controversy in the mathematical fraternity, he stands bravely to face the challenges. He was hence called a troubleshooter and a resilient person by the people that surrounded him in his field.He always succeeded because of his unique perspectives and ideas. In many seminars,he has correlated different subjects with Mathematics. He was also a very good poet writer and tablist.Those who have gone through his creative writing can realize his spiritual bent of mind. His writings also reflected spirituality with a wider perspective. He was able to popularize Mathematics in the context of spirituality through his writing. He wrote text books for students from school level to PhD. Level and is well-known among students of all grades. He had an attraction to music. He passionately played tabla and mridanga invarious music festivals.This popularized him as a multitalented person.

His loss in the Mathematics community is felt greatly to this day. He is among us, watching us grow as mathematicians, artists and persons that can add value to this world. I bow with reverence to this soul and will always do so.

*Assistant Professor in Mathematics*
*College of Basic Science and Humanities,OUAT,Bhubaneswar*

# ନମାମି ଗୋକୁଳାନନ୍ଦ

**ଡ.କ୍ରିଷ୍ଣାମଞ୍ଜରୀ ସାହୁ**

ଗୋକୁଳାନନ୍ଦ ସାର ଯେ ଆଉ ନାହାନ୍ତି, ଏକଥା ବିଶ୍ୱାସ କରିହେଉନି ସାମ୍ପ୍ରତିକ କାଳଖଣ୍ଡରେ, ଓଡିଶାର ବିଶିଷ୍ଟ ଗଣିତଜ୍ଞମାନଙ୍କୁ ନେଇ ଯଦି ଏକ ସୂଚୀ ତିଆରି କରାଯାଏ, ତେବେ ପ୍ରଥମ ପାଞ୍ଚଜଣଙ୍କ ମଧ୍ୟରେ ସାର୍‌ଙ୍କ ନାମ ରହିବ। ମୋର ସୌଭାଗ୍ୟ ମୁଁ ତାଙ୍କ ପାଖରେ ବାଣୀବିହାରରେ ପଢ଼ିବାର ସୁଯୋଗ ପାଇଛି ଓ ପରେ ପରେ ତାଙ୍କ ମାର୍ଗଦର୍ଶନରେ ସଂଦର୍ଭ ଲେଖି କୃତକାର୍ଯ୍ୟ ହୋଇଛି।

ଦୀର୍ଘ ୩୭ ବର୍ଷ ତଳେ, ମୁଁ ଗଣିତ ବିଷୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତୋକୋତ୍ତର ଶ୍ରେଣୀରେ ନାମ ଲେଖାଇବା ଦିନରୁ ହିଁ ଗୋକୁଳାନନ୍ଦ ସାର୍‌ଙ୍କ ସାନ୍ନିଧ୍ୟ ଲାଭ କଲି। ସେତେବେଳେ ଆମ ଗଣିତ ବିଭାଗରେ ଅନେକ ଗୁରୁଜୀ, ଗୁରୁମା ଥିଲେ ମଧ୍ୟ ଗୋକୁଳାନନ୍ଦ ସାର୍‌ଙ୍କ ବ୍ୟକ୍ତିତ୍ୱ ଓ ପାଠପଢ଼ା ଶୈଳୀ ମତେ ଯଥେଷ୍ଟ ଭାବେ ଅନୁପ୍ରାଣିତ କରିଥିଲା। ସେ କ୍ଲାସରେ ପଢାନ୍ତି ମାତ୍ର ଗୋଟିଏ, ଦୁଇଟି ଧାଡ଼ି ଲେଖିଦେଇ ତାର ଅର୍ଥ ଓ ବ୍ୟାପକତା ବିଷୟରେ ତର୍ଜ୍ଜମା କରନ୍ତି। ସେଇ କଥାକୁ ମନେ ରଖି ମୁଁ ଘରେ ଚାରି/ଛଅ ପୃଷ୍ଠା ଲେଖିଦିଏ। ପରେ ଏହି ଅଭ୍ୟାସ ହିଁ ମତେ ବହି ଲେଖିବା ପାଇଁ ପ୍ରେରଣା ଓ ସାହସ ଦେଲା।

ଗଣିତ ବିଭାଗର ପ୍ରତିଟି କାର୍ଯ୍ୟକ୍ରମରେ ଆମେ ମିଳିତ ସଙ୍ଗୀତ ଗାନ କରୁ ଏବଂ ଏଇଥି ପାଇଁ ଆମର ମାର୍ଗଦର୍ଶକ ସାଜିଥିଲେ ପ୍ରଫେସର ଗୋକୁଳାନନ୍ଦ ଦାସ। ସାର୍ ଅତି ଧ୍ୟାନର ସହିତ ଆମ ଗୀତ ଶୁଣନ୍ତି ଓ ଆହୁରି ସୁମଧୁର ଗାଇବା ପାଇଁ ଉତ୍ସାହିତ କରନ୍ତି। ସଙ୍ଗୀତ ପ୍ରତି ସାର୍‌ଙ୍କ ଅସମ୍ଭବ ଆକର୍ଷଣ ଥିଲା ଓ ଜୀବନର ଶେଷ ସୋପାନ ପର୍ଯ୍ୟନ୍ତ ସେ ନିଜକୁ ଗଣିତ ଏବଂ ସଙ୍ଗୀତ ଚର୍ଚ୍ଚାରେ ନିୟୋଜିତ ରଖିଥିଲେ।

ମୁଁ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରି ତାଳଚେର କଲେଜରେ ୧୯୯୨ ମସିହାରେ ଯୋଗଦେଲି। କିଛି ବର୍ଷ ଅନ୍ତରରେ ଥରେ ସାର୍ ତାଳଚେର କଲେଜକୁ ମୁଖ୍ୟଅତିଥି ଭାବେ ଯାଇଥାଆନ୍ତି। ମତେ ତଳେ ବସିଥିବାର ଦେଖି ସିଧାସଳଖ ମୋ' ପାଖକୁ ଚାଲିଆସିଲେ ଓ ଏ ପର୍ଯ୍ୟନ୍ତ କାହିଁକି ପି.ଏଚ୍‌ଡି. ସରିନି ବୋଲି ପଚାରିଲେ !! ମୁଁ କେବଳ ଏତିକି କହିଲି.. ନା ସରିନି, ଯଦି ଆପଣଙ୍କ ଆଶୀର୍ବାଦ ରହିବ ତେବେ ଖୁବ ଶୀଘ୍ର ସରିବ। ଭଗବାନଙ୍କ ଦୟାରୁ ତାହାହିଁ ହେଲା, ମୁଁ ୨୦୦୬ରେ ମହର୍ଷି କଲେଜ ବଦଳି ହେଇ ଆସିଲି ଓ ୨୦୦୭ରେ ସାରଙ୍କୁ ପାଖରେ ପି.ଏଚ୍‌ଡି. ପାଇଁ ରେଜିଷ୍ଟ୍ରେସନ୍ କଲି। ପି.ଏଚ୍‌ଡ଼ି. କଲା ବେଳେ ପେପର ସଂଶୋଧନ ପାଇଁ ସକାଳ ୮ ଟା ବେଳେ ସାର୍‌ଙ୍କ ଘରେ ଦିନେ ଦିନେ ପହଞ୍ଚି ଯାଏ। ସାର ଖବରକାଗଜ ପଢୁଥାଆନ୍ତି, ମତେ ଦେଖିବା ମାତ୍ରେ ଖବରକାଗଜ ଛାଡ଼ି ମୋ ପାଠକୁ ଆଗ ଦେଖନ୍ତି ଏବଂ ସଙ୍ଗେ ସଙ୍ଗେ ତ୍ରୁଟି ସଂଶୋଧନ କରି କହନ୍ତି- ଏଥର କଲେଜ ଯା..କ୍ଲାସ ଡେରି ହେଇଯିବ। ମୋର ରିସର୍ଚ୍ଚରେ ପ୍ରଥମ ଦୁଇଟି ପେପର ପ୍ରକାଶିତ ହେଇଗଲା ପରେ, ଅନ୍ୟ ପେପର ଗୁଡ଼ିକ ସାର ଆଉ ଦେଖିଲେ ନାହିଁ। କହିଲେ, "ତୁ ସବୁ ଠିକ କରିଥିବୁ, ମୋର ଆଉ ଦେଖିବା ଆବଶ୍ୟକତା ନାହିଁ।" ସାରଙ୍କର ମୋ ଉପରେ ଥିବା ଏଇ ଅଗାଧ ବିଶ୍ୱାସ ଓ ଭରସା ହିଁ ମତେ ପରବର୍ତ୍ତୀ ସମୟରେ ବହି ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲା।

ସାର ଙ୍କ ବିଷୟରେ ଲେଖିଗଲେ ଏକ ଗ୍ରନ୍ଥ ହେବ । ସେ, ମୋ ପରି ଶହ ଶହ ଛାତ୍ରଛାତ୍ରୀଙ୍କୁ ନିଜ ପିଲାପରି ସ୍ନେହ ଆଦର କରି ଦେଶ ବିଦେଶରେ ପ୍ରତିଷ୍ଠାଲାଭ କରିଥିବା ଶିକ୍ଷାନୁଷ୍ଠାନରେ ଅବସ୍ଥାପିତ କରିପାରିଛନ୍ତି । ଗଣିତର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱରରେ ଆଇ.ଏମ୍.ଏ. ଖୋଲିବାରେ ସାର୍‌ଙ୍କ ଅବଦାନ ଅବିସ୍ମରଣୀୟ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ପ୍ରଫେସର ଦାସଙ୍କ ପ୍ରଚେଷ୍ଟା ଓ ସଫଳତା ପ୍ରଣିଧାନଯୋଗ୍ୟ ।

ସାର୍‌ଙ୍କ ଦେହାନ୍ତ ମତେ ଗଭୀର ଭାବେ ମର୍ମାହତ କରିଛି । ମାଡ଼ାମ୍ ଦାସ (ମୁଁ ମାଉସୀ ଡାକେ)ଙ୍କୁ ଓ ପରିବାର ବର୍ଗଙ୍କୁ କିଭଳି ସାନ୍ତ୍ୱନା ଦେବି ବୁଝିପାରୁନି । କେବଳ ଏତିକି ପ୍ରାର୍ଥନା, ହେ ଈଶ୍ୱର.. ଯଦି ପୁନର୍ଜନ୍ମ ଥାଏ, ତେବେ ପ୍ରଫେସର ଦାସଙ୍କୁ ପୁଣି ଥରେ ଓଡିଶାରେ ଜନ୍ମ ଦିଅନ୍ତୁ ଓ ସେ ଗଣିତର ମଶାଲ ଧରି ଜ୍ଞାନ ରୂପକ ଆଲୋକରେ ସମଗ୍ର ସମାଜକୁ ଉଦ୍ଭାସିତ କରନ୍ତୁ ।

ଅମର ଆତ୍ମା ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ।

Reader in Mathematics
P.N.College(Auto), Khordha

---

## ପୂର୍ବ ସଂଖ୍ୟାରେ ପଚରାଯାଇଥିବା ପ୍ରଶ୍ନର ସମାଧାନ

**୧. ପ୍ରଶ୍ନ : ନିରୁଦ୍ଦିଷ୍ଟ ସଂଖ୍ୟା ତିନୋଟି ଖୋଜ ।**




**ସମାଧାନ :**

୧ମ ଘରେ ୭ × ୪ = ୨୮, ୨୮ - ୨ = ୨୬, ୨୮ + ୪ = ୩୨

୨ୟ ଘରେ ୮ × ୪ = ୩୨, ୩୨ - ୨ = ୩୦, ୩୨ + ୪ = ୩୬

୩ୟ ଘରେ ୬ × ୪ = ୨୪, ୨୪ - ୨ = ୨୨, ୨୪ + ୪ = ୨୮

୪ର୍ଥ ଘରେ ୪ × ୪ = ୧୬, ୧୬ - ୨ = ୧୪, ୧୬ + ୪ = ୨୦

ତେଣୁ ୪ର୍ଥ ଘରେ ନିରୁଦ୍ଦିଷ୍ଟ ସଂଖ୍ୟା ତିନିଟି ହେଲା, ୧୬, ୧୪, ୨୦ (ଉ)

# Some Facts about Square Numbers

**Rajani Kanta Mishra**

Square of a Natural number is a square number. Let us discuss some ways to find a square number.

1. Multiply 2 Consecutive odd or even numbers and add 1 to it. The result will be a square number and this is square of the middle number of the 2 consecutve numbers.

Example : $7 \times 9 + 2 = 64 = (8)^2$

$10 \times 12 + 1 = 121\ (11)^2$

Proof : Let 'a' be a number. Next consecutive (odd and even) be 'a+2'

$a(a+2) + 1 = a^2 + 2a + 1 = (a+1)^2$

a+1 is the middle number of 'a' and 'a+2'

2. Multiply 4 consecutive numbers and add '1'. The result will be a square number which is square of the product of '2' middle numbers less '1'.

Examples : $4 \times 5 \times 6 \times 7 + 1 = 841 = (29)^2 = (5 \times 6 - 1)^2$

$10 \times 11 \times 12 \times 13 + 1 = 17160 + 1 = 17161 = (131)^2 = (11 \times 12 - 1)^2$

Proof : Let 4 consecutive numbers be (a - 1) a, (a+1) and (a + 2)

$(a - 1) . a . (a+1) (a+2) + 1 = (a - 1) (a+1). a. (a+2) + 1$

$= (a^2 - 1) (a^2 +2a) + 1 = a^4 + 2a^3 - a^2 - 2a +1$

$= a^4 +2a^2 . a + a^2 - 2a^2 - 2a +1 = (a^2 + a)^2 - 2(a^2+a) + 1$

$= (a^2 +a - 1)^2 = \{a (a+ 1) -1\}^2$

'a' and 'a + 1' are 2 middle numbers.

3. Take 3 consecutive numbers of an A.P. Series (Arithmatic progression), Multiply the first and last number and add square of the common diffewrence of the A.P. Result will be a square of the middle number.

Examples : (1) 5,8,11 are in A.P. common difference = 3

$5 \times 11 + 3^2 = 64 = (8)^2$ = square of middle number.

(2) 6,10, 14 are in A.P. and common difference = 4.

$6 \times 14 + (4)^2 = 100 = (10)^2$ = square of middle number

Proof : (a –d) . a . (a+d) are in A.P., Common difference = d

$(a - d) (a + d) + d^2 = a^2 - d^2 + d^2 = a^2$ 'a' is the middle in the A.P.

4. Take product of 4 consecutive numbers of an A.P. series and add 4th power of the common difference. The result will be a square number.

Examples : (1) 2, 6, 10, 14 are in A.P. ; Common difference = 4

$2 \times 6 \times 10 \times 14 + (4)^4 = 1680 + 256 = 1936 = (44)^2$

(2) 6, 9, 12, 15 are in A.P. ; Common difference = 3

$6 \times 9 \times 12 \times 15 + (3)^4 = 9720 + 81 = 9801 = (99)^2$

Proof : (a – d), a, (a + d), (a + 2d) are in A.P, Common difference = d

$(a - d) . a. (a + d) . (a + 2d) + d^4 = (a^2 - d^2) . (a^2 + 2ad) + d^4$

$= (a^4 + 2a^3d - a^2d^2 - 2\ ad^3) + d^4$

$= a^4 + 2a^3d - 2a^2d^2 + a^2 d^2 - 2ad^3 + d^4$

$= a^4 + 2a^2 (ad - d^2) + (a^2 d^2 - 2ad . d^2 + d^4)$

$= (a^2)^2 + 2.a^2 .(ad - d^2) + (ad - d^2)^2 = (a^2 + ad - d^2)^2$

**Factorisation :** Applying the above principles, we can find factors of a number easily.

(1) If adding '1' to a number gives a square number

Examples : Factors of 399

$399 + 1 = 400 = (20)^2$

So $399 = (20)^2 - (1)^2 = (20 + 1)(20 - 1) = 21 \times 19$

Factors of 3599

$3599 + 1 = 3600 = (60)^2 - (1)^2 = (60 + 1)(60 - 1)$

So $3599 = 61 \times 59$

Factors of 6399

$6399 + 1 = 6400 = (80)^2 - (1)^2 = (80 + 1)(80 - 1)$

$6399 = 81 \times 79$

(2) In some cases, adding a square number such as 4, 9, 16, 25 etc to a number (N) gives a square number ($a^2$), then factorisation of the number (N) becomes easier.

$N + 4 = a^2 \Rightarrow N = a^2 - 4 = (a + 2)(a - 2)$

$N + 9 = a^2 \Rightarrow N = a^2 - 9 = (a + 3)(a - 3)$

$N + 16 = a^2 \Rightarrow N = a^2 - 16 = (a + 4)(a - 4)$ and so on.

Examples : (1) Let us find factors of '221'

$221 + 4 = 225,\ 221 = 225 - 4 = (15)^2 - (2)^2$

$221 = (15 + 2)(15 - 2) = 17 \times 13$

(2) Factors of 437

$437 + 4 = 441,\ 437 = 441 - 4 = (21)^2 - (2)^2$

$437 = (21 + 2)(21 - 2) = 23 \times 19$

(3) Factors of 1927

$1927 + 9 = 1936 = (44)^2$ , $9 = (3)^2$

$1927 = (44 + 3)(44 - 3) = 47 \times 41$

*Laxmanpur, Kamaghar, Jajpur - 755043*

*Mob. : 9874038882*

# ପୁସ୍ତକ ସମୀକ୍ଷା

## 'ଗଣିତରେ ବୈଚିତ୍ର୍ୟ'

**ସମୀକ୍ଷକ : ନୀଳାମ୍ବର ବିଶ୍ୱାଳ**




***ଲେଖକ :*** ***କବିତା ରାୟ***

***ପ୍ରକାଶକ :*** ***କବିତା ରାୟ, ବିଜ୍ଞାନ ଶିକ୍ଷୟିତ୍ରୀ,***
***ଏ.ଡି.ଏ.ଭି. ହାଇସ୍କୁଲ,***
***ସୁନାବେଡା, କୋରାପୁଟ***

ଏହି ବହିରେ ଲେଖିକା ସୁଶ୍ରୀ କବିତା ରାୟଙ୍କର 'ଗଣିତ ବିଚିତ୍ରା'ରେ ପ୍ରକାଶିତ ଦୀର୍ଘ ଚାରି ଦଶନ୍ଧିର ଗଣିତିଆ ଲେଖାମାନ ପ୍ରକାଶିତ ହୋଇଛି । ଦୀର୍ଘଦିନର ବ୍ୟବଧାନ ଭିତରେ ଗଣିତ ଲିଖନର ଧାରା ଏବେ ବଦଳି ଯାଇଛି । ମାତ୍ର ଦୁଇ ଦଶନ୍ଧି ପୂର୍ବେ ଗଣିତର ପୁରାତନ ପ୍ରଣାଳୀରେ ସଂଜ୍ଞା ଆଧାରିତ ତଥ୍ୟମାନ ଏଥିରେ ସଂଯୋଜିତ ହୋଇଛି । ଏଇ କିଛି ବର୍ଷ ଆଗରୁ ଆମର ଗଣିତର ଲିଖନ ଓ ପ୍ରକାଶନର ଧାରା କିପରି ଥିଲା, ଏବେ କିପରି ଅଛି – ତାହାର ତୁଳନାତ୍ମକ ଚିତ୍ର ବହିଟିରୁ ବାରିହେବ ।

ଲେଖିକା ସୁଶ୍ରୀ କବିତା ରାୟ ହେଉଛନ୍ତି ଓଡିଶାର ପ୍ରଖ୍ୟାତ ଗଣିତ ବିଶାରଦ ପ୍ରଫେସର ତ୍ରିଲୋଚନ ବିଶ୍ୱାଳଙ୍କର ସୁକନ୍ୟା । ତାଙ୍କର ମାମୁଁ ଖ୍ୟାତିସମ୍ପନ୍ନ ଗଣିତ ପ୍ରାଧ୍ୟାପକ ପ୍ରଫେସର ପ୍ରେମଚାନ୍ଦ ରାଏଙ୍କ ପାଖରେ ରହି ସେ କିଛିଦିନ ପଢୁଥିଲେ । ତାଙ୍କ ପିତା ଓ ମାତୁଳଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ସେ ଗଣିତ ବିଷୟକ ଲେଖା ଲେଖିବା ଆରମ୍ଭ କରିଥିଲେ । ଲେଖିକା ସୁଶ୍ରୀ କବିତା ରାୟ ବାଲ୍ୟକାଳରୁ 'ଓଡିଶା ଗଣିତ ସଂସଦ'ର ମୁଖପତ୍ର 'ଗଣିତ ବିଚିତ୍ରା'ର ଜଣେ ନିୟମିତ ଲେଖିକା ଭାବରେ ପ୍ରତିଷ୍ଠା ଲାଭ କରିଛନ୍ତି । ସେଦିନର ସେହି ପୁରୁଣା ଲେଖା ଗୁଡ଼ିକୁ ସଜାଡି ଆଜି 'ଗଣିତରେ ବୈଚିତ୍ର୍ୟ' ନାମକ ଖଣ୍ଡିଏ ବହି ଛାପିବାର ସଂକଳ୍ପ କରିଛନ୍ତି ।

କିସମ କିସମର ଆକର୍ଷଣୀୟ ଜନପ୍ରିୟ ଗଣିତିଆ ଲେଖା ବହିଟିର ଶୋଭାବର୍ଦ୍ଧନ କରିଛି । ଯଥା – ଗଣିତରେ ପ୍ରହେଳିକାର ତିନିଟି ଅପସିଦ୍ଧାନ୍ତ, ସାତ୍ତ୍ୱିକ ଦାନ, ସଂଖ୍ୟା ବିଚିତ୍ରା (୧୦ଟି ନିବନ୍ଧ), ସେଟ୍ ସ୍କୋୟାରର କୌତୁକ କଥା, ପାଇଥାଗୋରାସ୍ ଉପପାଦ୍ୟ, କାଗଜ ଭାଙ୍ଗରେ ଜ୍ୟାମିତି, ଜନ କଲ୍ୟାଣରେ ଗଣିତ, ମାମୁଁଙ୍କର ନଡିଆ ବଣ୍ଟନ, ପ୍ରାଚୀନ ଗଣିତଜ୍ଞ 'ହେରନ', କାପ୍ରେକର ସଂଖ୍ୟା, ଲକ୍ଷ୍ମଣ ରେଖା ଏବଂ ବେଦରେ ଗଣିତର ଝଲକ (୨ଟି ନିବନ୍ଧ) ।

ଲେଖିକା ସୁଶ୍ରୀ କବିତା ରାୟ ଏବେ ସୁନାବେଡା, କୋରାପୁଟର ଏ.ଡି.ଏ.ଭି. ହାଇସ୍କୁଲର ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ । 'ଓଡିଶା ଗଣିତ ସଂସଦ'ର ମୁଖପତ୍ର 'ଗଣିତ ବିଚିତ୍ରା'ର ତରୁଣ ଲେଖିକା ଭାବରେ ତାଙ୍କର ପରିଚିତି । ତାଙ୍କର ଏହି ବହି ଗଣିତ ପିପାସୁ ମଣିଷ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅମୂଲ୍ୟ ସଂପଦ ।

ଆସନ୍ତୁ, ବହିଟି ପଢିବା । ଗଣିତ ବୁଝିବା, ଗଣିତ ପାଠରେ ଭିଜିବା ।

ପାଠକ ପ୍ରଶ୍ନ

ସମାଧାନ ପଠାଇଲେ ପ୍ରକାଶ ପାଇବ ।

## ଶହେରେ ୧୦୦










ସେଦିନ ଦୋକାନୀକୁ ଶହେଟଙ୍କିଆ ନୋଟଟିଏ ଦେଇ କୌତୁକକରି କହିଲି- ମୋତେ ୧୦୦ଟି ଚିଜ ଦିଅ । ଦୋକାନୀ ମନେମନେ ହିସାବ କରି ଟ୧୦୦/-ରେ କିଛି କଲମ, ପେନ୍‌ସିଲ୍ ଓ ରବର ଦେଲା । କଲମ ଗୋଟାକ ୫/- ଓ ପେନ୍‌ସିଲ୍ ଗୋଟାକୁ ୩/- ତଥା ଏକ ଟଙ୍କାରେ ୪୦ଟି ରବର ହିସାବକରି ମୋଟ ୧୦୦ଟି ଚିଜ ଦେଲା । ପ୍ରଶ୍ନ ହେଲା, ଦୋକାନୀ କେଉଁଥିରୁ କେତୋଟି ଦେଲା ?

---

## ଓଡ଼ିଶା ଗଣିତ ସଂସଦ : ୫୩ତମ ବାର୍ଷିକ ସମ୍ମିଳନୀ

ଏବଂ ଜାତୀୟ କର୍ମଶାଳା, ୨୦୨୫-୨୬

ବିଷୟ : Advances in Analysis & Its Applications

ସ୍ଥାନ : ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (IMA)

ଅନ୍ଧାରୁଆ, ଭୁବନେଶ୍ୱର

ସମୟ : ୩୧ ଜାନୁଆରୀ ଓ ୦୧ ଫେବୃଆରୀ, ୨୦୨୬

ଯୋଗାଯୋଗ : ଡ. ପିନାକଧର ବଳିଆରସିଂହ

Mobile : 8260505520 E-Mail – oms53@iomaorissa.ac.in

ଡ.ତ୍ରିଲୋଚନ ବିଶ୍ୱାଳ
ସଭାପତି

ପ୍ର.ବିବେକାନନ୍ଦ ଜେନା
ସାଧାରଣ ସଂପାଦକ

**PRINTED BOOK**

# ଅଭିନବ ଗଣିତ ବିଚିତ୍ରା ସମ୍ବନ୍ଧରେ ....

୧. ଅଭିନବ ଗଣିତ ବିଚିତ୍ରା ଏକ ତ୍ରୈମାସିକ ଦ୍ୱିଭାଷୀ (Bilingual) ପତ୍ରିକା । ଏହା ସାଧାରଣତଃ ପ୍ରତ୍ୟେକ ବର୍ଷ ମାର୍ଚ୍ଚ, ଜୁନ୍ ସେପ୍ଟେମ୍ବର ଓ ଡିସେମ୍ବର ମାସରେ ପ୍ରକାଶିତ ହୁଏ ।

୨. ପତ୍ରିକାରେ ପ୍ରକାଶନ ନିମିତ୍ତ ଓଡ଼ିଆ କିମ୍ବା English ଲେଖାଗୁଡ଼ିକୁ କାଗଜର ଗୋଟିଏ ପାଖରେ ସ୍ପଷ୍ଟ ଭାବେ ଲେଖି ପଠାଇବାକୁ ଅନୁରୋଧ । ଲେଖା ଉପରେ ଲେଖକଙ୍କର ଫଟୋଟିଏ ରହିବା ଆବଶ୍ୟକ ।

୩. ଲେଖା ଯଥାସମ୍ଭବ ସଂକ୍ଷିପ୍ତ ତଥା ସାଧାରଣ ଗଣିତପ୍ରେମୀ ପାଠକଙ୍କ ପାଠୋପଯୋଗୀ ହେବା ଆବଶ୍ୟକ ।

୪. ପ୍ରକାଶିତ ନ ହେବା ଲେଖାଗୁଡ଼ିକ ଫେରସ୍ତ ନେବାକୁ ଅନୁରୋଧ ରକ୍ଷା କରିବା ସମ୍ଭବ ନୁହେଁ ।

୫. ଲେଖା ପଠାଇବା ତଥା ଅନ୍ୟାନ୍ୟ ବିଷୟରେ ଯୋଗାଯୋଗ କରିବାର ଠିକଣା :
ନୀଳାମ୍ବର ବିଶ୍ୱାଳ, ଏ-୧୦୧, ବିଶାଲ୍ ରେସିଡେନ୍ସି, ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨
ଇ-ମେଲ୍ : nilamberbiswal8@gmail.com ମୋବାଇଲ୍ : ୯୯୩୭୯୪୭୬୬୪

୬. ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ଟ. ୨୦/- ଡାକ ଯୋଗେ ବାର୍ଷିକ ମୂଲ୍ୟ ଟ. ୧୦୦/- ଦ୍ୱିବାର୍ଷିକ ମୂଲ୍ୟ ଟ. ୨୦୦/- । ଆଜୀବନ ଗ୍ରାହକ ଦେୟ : ଟ. ୧,୦୦୦/-

RS020P

ପ୍ରାପ୍ତେଷୁ ______

______

______

______

Printed and Published by Sri Nilambar Biswal, on behalf of Orissa Mathmatical Society and Printed at Sarala Printers, Cuttack and Published at OMS, Department of Mathematics, Utkal University, Vanivihar, Bhubaneswar,
Editor- **Sri Nilambar Biswal**